୬ ସୁପର କିଙ୍ଗ୍‌ସକୁ ୮ ୱିକେଟରେ ହରାଇଲା ରାଜସ୍ଥାନ ରୟାଲ୍ସ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
# ସମ୍ବାଦ କଳିକା
The Sambad Kalika TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୩ ● ସଂଖ୍ୟା–୬୦ ● ୩୧ ମାର୍ଚ୍ଚ ୨୦୨୬ ମଙ୍ଗଳବାର ● ଭୁବନେଶ୍ୱର ● Vol -33 ● Issue-60 ● 31st March 2026, Tuesday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

### ନକ୍ସଲ ଦମନ ପ୍ରସଙ୍ଗରେ ଲୋକସଭାରେ କଂଗ୍ରେସ ଉପରେ ବର୍ଷିଲେ ଅମିତ ଶାହ

# କଂଗ୍ରେସର ୬୦ ବର୍ଷର ଶାସନରେ ଆଦିବାସୀଙ୍କର ବିକାଶ ହୋଇନି

**ନୂଆଦିଲ୍ଲୀ, ୩୦ ।୩**

ଆସନ୍ତାକାଲି ଅର୍ଥାତ ମାର୍ଚ୍ଚ ୩୧ ସୁଦ୍ଧା ଦେଶକୁ ନକ୍ସଲବାଦରୁ ସମ୍ପୂର୍ଣ୍ଣ ମୁକ୍ତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ଗୃହମନ୍ତ୍ରୀ ଅମିତ ଶାହ। ଯାହାକୁ ନେଇ ସେ ସୋମବାର ସଂସଦରେ ନିଜର ଅଭିଭାଷଣ ରଖିଛନ୍ତି। ଏଥିରେ ସେ କଂଗ୍ରେସକୁ ନିଶାଣ କରି ବର୍ଷିଛନ୍ତି।

ଶାହ କହିଛନ୍ତି, ଶେଷରେ ସଂସଦରେ ୧୯୭୦ ରୁ ୨୦୨୬ ପର୍ଯ୍ୟନ୍ତ ଘଟିଥିବା ଅନେକ ଘଟଣାକ୍ରମ ସମ୍ପର୍କରେ ଆଲୋଚନା ହେଉଛି। ଯାହା ଆମ ଦେଶ ଏବଂ ଆମ ସମସ୍ତଙ୍କ ପାଇଁ ଗଭୀର ମହତ୍ତ୍ୱ ରଖେ। ଆଜି ବସ୍ତରରୁ ନକ୍ସଲବାଦ ପ୍ରାୟତଃ ମୂଳୋତ୍ପାଟନ ହୋଇସାରିଛି। ବସ୍ତରର ପ୍ରତ୍ୟେକ ଗାଁରେ ଗୋଟିଏ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଏକ ଅଭିଯାନ ଆରମ୍ଭ କରାଯାଇଥିଲା। ଏହି ଅଞ୍ଚଳର ପ୍ରତ୍ୟେକ ଗାଁରେ ଏକ ରାସନ ଦୋକାନ ଖୋଲିବା ପାଇଁ ଏକ ଅଭିଯାନ କରାଯାଇଥିଲା। ପ୍ରତ୍ୟେକ ତହସିଲ ଏବଂ ପଞ୍ଚାୟତରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି।



ଲୋକଙ୍କୁ ଆଧାର କାର୍ଡ ଏବଂ ରାସନ କାର୍ଡ ପ୍ରଦାନ କରାଯାଇଛି ଏବଂ ସେମାନେ ଏବେ ପାଞ୍ଚ କିଲୋଗ୍ରାମ ଖାଦ୍ୟଶସ୍ୟ ପାଉଛନ୍ତି।

ଶାହ ବିରୋଧୀଙ୍କୁ ନିଶାଣ କରି ପ୍ରଶ୍ନ କରି କହିଛନ୍ତି ଯେ, ମୁଁ କେବଳ ନକ୍ସଲବାଦର ସପକ୍ଷରେ ଓକିଲାତି କରୁଥିବା ଲୋକଙ୍କୁ ପଚାରିବାକୁ ଚାହୁଁଛି ଲୋକମାନେ ଏପର୍ଯ୍ୟନ୍ତ ଏହି ସୁବିଧା କାହିଁକି ପାଇନାହାଁନ୍ତି ? ବସ୍ତରର ଲୋକମାନେ ପଛରେ ପଡ଼ିଗଲେ କାରଣ 'ଲାଲ ଆତଙ୍କ'ର ଛାୟା ଏହି ଅଞ୍ଚଳ ଉପରେ ପଡ଼ିଥିଲା। ସେଥିପାଇଁ ବିକାଶ ସେମାନଙ୍କ ପାଖରେ ପହଞ୍ଚି ପାରିଲା ନାହିଁ। ଆଜି ସେହି ଛାଇ ହଟିଯାଇଛି ଏବଂ ବସ୍ତର ଏବେ ବିକାଶ ପଥରେ।

ଯେଉଁମାନେ ସଶସ୍ତ୍ର ଆନ୍ଦୋଳନର ପ୍ରବକ୍ତା ଭାବରେ କାର୍ଯ୍ୟ କରୁଛନ୍ତି, ସେମାନେ ଅନ୍ୟାୟ ବିରୁଦ୍ଧରେ ଲଢ଼ିଛନ୍ତି ବୋଲି କହୁଛନ୍ତି। ମୁଁ ପଚାରୁଛି, ଆପଣ ସମ୍ବିଧାନକୁ ସମ୍ମାନ କରିବେ କି ନାହିଁ ? ଯଦି କେହି ଅନ୍ୟାୟର ସମ୍ମୁଖୀନ ହୁଅନ୍ତି ତେବେ କୋର୍ଟ ପ୍ରତିଷ୍ଠା ହୋଇଛି। ବିଧାନସଭା, ଜିଲ୍ଲା ପରିଷଦ ଏବଂ ତହସିଲ ଗଠନ କରାଯାଇଛି। ମୁଁ କହିବାକୁ ଚାହୁଁଛି ଯେ ସେ ଯୁଗ ଶେଷ ହୋଇଯାଇଛି। ଏହା ନରେନ୍ଦ୍ର ମୋଦୀଙ୍କ ସରକାର। ଯେକେହି ଅସ୍ତ୍ର ଉଠାଇବେ ତାଙ୍କୁ ଦାୟୀ କରାଯିବ। ଏହି ପ୍ରକାରର ଆଚରଣକୁ ସହ୍ୟ କରାଯିବ ନାହିଁ। ସରକାର ଏହି ପ୍ରସଙ୍ଗଗୁଡ଼ିକ ପ୍ରତି ସମ୍ବେଦନଶୀଳ। ସରକାର ସମସ୍ତ ଅଭିଯୋଗ ଶୁଣିବାକୁ ପ୍ରସ୍ତୁତ ଏବଂ ସେଗୁଡ଼ିକର ସମାଧାନ ପାଇଁ ପ୍ରତିବଦ୍ଧ ବୋଲି ଶାହ କହିଛନ୍ତି।

ବିରୋଧୀ କଂଗ୍ରେସକୁ ନିଶାଣ କରି ସେ କହିଛନ୍ତି, ସ୍ୱାଧୀନତା ପରଠାରୁ ୭୫ ବର୍ଷ ମଧ୍ୟରେ, ୬୦ ବର୍ଷ ଧରି ଆପଣଙ୍କ (କଂଗ୍ରେସ) ହାତରେ କ୍ଷମତା ରହିଥିଲା। ତେବେ ଆଜି ପର୍ଯ୍ୟନ୍ତ ଆଦିବାସୀ ସମ୍ପ୍ରଦାୟ ବିକାଶରୁ କାହିଁକି ବଞ୍ଚିତ ଅଛନ୍ତି। ନରେନ୍ଦ୍ର ମୋଦୀଙ୍କ ଆଗମନ ପରେ ହିଁ ପ୍ରକୃତ ବିକାଶ ହେଉଛି। ୬୦ବର୍ଷ ଧରି ଆପଣ ସେମାନଙ୍କୁ ଘର କିମ୍ବା ସ୍ୱଚ୍ଛତା ଯୋଗାଇବାରେ ବିଫଳ ହୋଇଥିଲେ। ତୁମେ ସେମାନଙ୍କ ପାଇଁ କୌଣସି (ପୃଷ୍ଠା ୭ରେ)

### ମଧ୍ୟପ୍ରାଚ୍ୟ ଯୁଦ୍ଧ ପରିପ୍ରେକ୍ଷୀରେ ଜିଲ୍ଲାପାଳମାନଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

# ଟିମ୍ ସ୍ପିରିଟ୍‌ରେ ସମନ୍ୱୟ ରକ୍ଷା କରି କାମ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୩୦ ।୩**
**ନ୍ୟୁଜ୍ ବ୍ୟୁରୋ**

ପଶ୍ଚିମ ଏସିଆ ଯୁଦ୍ଧ ସଂକଟ ପରିପ୍ରେକ୍ଷୀରେ ସୋମବାର ସନ୍ଧ୍ୟାରେ ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀର ଯୋଗାଣ ସମ୍ପର୍କରେ ଜିଲ୍ଲାପାଳମାନଙ୍କ ସହିତ ଆଭାସୀ ମାଧ୍ୟମରେ ଆଲୋଚନା କରି ଜିଲ୍ଲାସ୍ତରୀୟ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌କୁ ୨୪ ଘଣ୍ଟିଆ ଆକ୍ସନ୍ ମୋଡ୍‌ରେ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳମାନଙ୍କୁ ଜିଲ୍ଲାସ୍ତରରେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ପଚାରି ବୁଝିବା ସହିତ କଳାବଜାରୀ, ବେଆଇନ ମହଜୁଦକାରୀ ଦରଦାମ୍ ବୃଦ୍ଧି ପ୍ରତି ଜିଲ୍ଲାପାଳମାନେ ନିୟମିତ ଭାବେ ବିଭିନ୍ନ ମାର୍କେଟର ସ୍ଥିତି ଅନୁଧ୍ୟାନ କରି ଅସାଧୁ ବେପାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ଗତ ୨୭ ମାର୍ଚ୍ଚର ବୈଠକରେ ପ୍ରଧାନମନ୍ତ୍ରୀ ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ସହିତ ଆଲୋଚନା କରି ସମସ୍ତଙ୍କୁ ଟିମ୍ ଇଣ୍ଡିଆ ସ୍ପିରିଟ୍‌ରେ କାମ କରିବାକୁ ପରାମର୍ଶ ଦେଇଛନ୍ତି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ପରିସ୍ଥିତିରେ ସମସ୍ତେ ଗୋଟିଏ ଟିମ୍ ମନୋଭାବ ନେଇ କୋ-ଅର୍ଡିନେଟେଡ୍ ମ୍ୟାନରରେ କାମ କରିବା ଅତ୍ୟନ୍ତ ଜରୁରୀ।




ଗୁଜବ ସୃଷ୍ଟି କରି ଭୟର ବାତାବରଣ ସୃଷ୍ଟି କରୁଥିବା ଲୋକମାନଙ୍କ ବିରୁଦ୍ଧରେ ଦୃଢ଼ ପଦକ୍ଷେପ ନେବାପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବିଶେଷକରି ସୋସିଆଲ ମିଡିଆ ଉପରେ ସ୍ୱତନ୍ତ୍ର ଧ୍ୟାନ ରଖିବା ପାଇଁ ସେ କହିଥିଲେ। ଉଭୟ ରାଜ୍ୟ ଓ ଜିଲ୍ଲା ସ୍ତରରେ କ୍ରାଇସିସ୍ ମ୍ୟାନେଜ୍‌ମେଣ୍ଟ ଗ୍ରୁପ୍ ଗଠନ କରାଯାଇଛି, ଉପଯୁକ୍ତ ସମନ୍ୱୟ ରଖି ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଯେପରି ନିୟମିତ ଭାବେ ଉପଲବ୍ଧ ହେବ, ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ।

ଜିଲ୍ଲାରେ ପେଟ୍ରୋଲ, ଡିଜେଲ, ଗ୍ୟାସ୍, ସାର ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ସାମଗ୍ରୀର ଉପଲବ୍ଧତା ସମ୍ପର୍କରେ ନିୟମିତ ମନିଟରିଂ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଜନସାଧାରଣ ଭୟଭୀତ ନ ହେବା ପାଇଁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଜାରି ରଖିବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ।

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ ସିଂହ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଉପସ୍ଥାପନା ରଖିଥିଲେ। ଜିଲ୍ଲାପାଳମାନେ (ପୃଷ୍ଠା ୭ରେ)

## ୨୩୦ ସରକାରୀ ଅଧିକାରୀଙ୍କ ବିରୁଦ୍ଧରେ ଭିଜିଲାନ୍ସ ମାମଲା

**ଭୁବନେଶ୍ୱର, ୩୦ ।୩**
**ନ୍ୟୁଜ୍ ବ୍ୟୁରୋ**

ଚଳିତ ଆର୍ଥିକ ବର୍ଷ ଏପ୍ରିଲ ୨୦୨୫ ଠାରୁ ମାର୍ଚ୍ଚ ୨୦୨୬ ସୁଦ୍ଧା ରାଜ୍ୟରେ ୨୩୦ ଜଣ ସରକାରୀ ଅଧିକାରୀ/କର୍ମଚାରୀଙ୍କ ବିରୁଦ୍ଧରେ ଦୁର୍ନୀତି ମାମଲା ରୁଜୁ ହୋଇଛି। ସେଥିମଧ୍ୟରୁ ୫୨ ଜଣ ପ୍ରଥମ ଶ୍ରେଣୀ ଏବଂ ୪୧ ଜଣ ଦ୍ୱିତୀୟ ଶ୍ରେଣୀ ଅଧିକାରୀ ଅଛନ୍ତି। ଏହି ସମୟ ଭିତରେ ୨୦୬ଟି ମାମଲା ବିଚାର ଶେଷ ହୋଇଥିବା ବେଳେ ୧୦୨ ଜଣ ଅଧିକାରୀଙ୍କୁ (ପୃଷ୍ଠା ୭ରେ)

# ବିଜୁ ବାବୁଙ୍କୁ ଟାର୍ଗେଟ୍ କରିନଥିଲି : ଦୁବେ

**ନୂଆଦିଲ୍ଲୀ, ୩୦ ।୩**

ବିଜେପି ସାଂସଦ ନିଶିକାନ୍ତ ଦୁବେ ମହାନ ସ୍ୱାଧୀନତା ସଂଗ୍ରାମୀ, ଜାତୀୟବାଦୀ ନେତା, ଦେଶପ୍ରେମୀ, ପ୍ରବାଦ ପୁରୁଷ ତଥା ଓଡ଼ିଶାର ବରପୁତ୍ର ବିଜୁ ପଟ୍ଟନାୟକଙ୍କୁ ସିଆଇଏ ଏଜେଣ୍ଟ ବୋଲି ମନ୍ତବ୍ୟ ଦେଇଥିବାରୁ ଏହାକୁ ନେଇ ଝଡ ସୃଷ୍ଟି ହୋଇଛି। ଦିଲ୍ଲୀରୁ ଭୁବନେଶ୍ୱର ଯାଏଁ ସବୁଠି ଏହାର ଦୃଢ ପ୍ରତିବାଦ କରାଯିବା ସହ ନିନ୍ଦା ମଧ୍ୟ କରାଯାଇଛି। ଏହାରି ମଧ୍ୟରେ ବିଜେପି ସାଂସଦ ନିଶିକାନ୍ତ ଦୁବେ ସ୍ପଷ୍ଟୀକରଣରେ କହିଛନ୍ତି ମୁଁ ମୋର କୌଣସି ଟ୍ୱିଟ୍‌ରେ ବିଜୁ ବାବୁଙ୍କୁ ଟାର୍ଗେଟ୍ କରି ନ ଥିଲି। ଯଦି ମୋ ଟ୍ୱିଟ୍ କାହାକୁ ଆଘାତ ଦେଇଥାଏ, ତାହେଲେ ମୁଁ ତାଙ୍କୁ ବୁଝାଇବି। ବିଜୁ ବାବୁ ଜଣେ ମହାନ ସ୍ୱାଧୀନତା ସଂଗ୍ରାମୀ ଥିଲେ। ବିଜେପି ତାଙ୍କୁ ପୁରା ସମ୍ମାନ କରେ। ଯେତେବେଳେ କଂଗ୍ରେସ ବିଜୁ ବାବୁଙ୍କ ପ୍ରତି ଅନ୍ୟାୟ କରିଥିଲା। ସେତେବେଳେ ଜନସଂଘ ଓ ବିଜେପି ତାଙ୍କ ପାଇଁ ଛିଡ଼ା ହୋଇଥିଲା। (ପୃଷ୍ଠା ୭ରେ)

## ଦୁବେଙ୍କ ମୁଣ୍ଡ କାମ କରୁନି, ମାନସିକ ରୋଗ ବିଶେଷଜ୍ଞଙ୍କୁ ଦେଖାଅ

**ଭୁବନେଶ୍ୱର, ୩୦ ।୩**
**ନ୍ୟୁଜ୍ ବ୍ୟୁରୋ**

ବିଜେପି ସାଂସଦ ନିଶିକାନ୍ତ ଦୁବେ ମାର୍ଚ୍ଚ ୨୭ ତାରିଖରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସମ୍ପର୍କରେ ଯେଉଁ ବିବାଦୀୟ ବୟାନ ଦେଇଥିଲେ ତାହାକୁ ବିଜେଡି ଦୁର୍ଭାଗ୍ୟଜନକ ବୋଲି ବର୍ଣ୍ଣନା କରିଛି। ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ଦ୍ୱାରା ବିଜୁ ପଟ୍ଟନାୟକଙ୍କ ସମ୍ପର୍କରେ ଦିଆଯାଇଥିବା ମନ୍ତବ୍ୟକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ଏବେ ବିଜୁ ପଟ୍ଟନାୟକଙ୍କ ପୁତ୍ର ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେପି ସାଂସଦଙ୍କ ବୟାନ ଉପରେ ତୀବ୍ର ପ୍ରତିକ୍ରିୟା ଏବଂ ଅସନ୍ତୋଷ ପ୍ରକାଶ କରିଛନ୍ତି। ଶ୍ରୀ ଦୁବେଙ୍କ ବୟାନକୁ ଶ୍ରୀ ପଟ୍ଟନାୟକ କଡ଼ା ଭାଷାରେ ନିନ୍ଦା କରିଛନ୍ତି। ଏଭଳି ମନ୍ତବ୍ୟରେ ଅସନ୍ତୋଷ ପ୍ରକାଶ କରି ନବୀନ କହିଛନ୍ତି



ଯେ, ହୁଏତ ମନ୍ତବ୍ୟ ଦେଇଥିବା ସାଂସଦ ଜାଣି ନାହାଁନ୍ତି ଯେ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ବିଜୁ ପଟ୍ଟନାୟକଙ୍କୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିବା ସମୟରେ, ଚୀନ୍ ସହିତ ସଂଘର୍ଷ ସମୟରେ ରଣନୀତି ପ୍ରସ୍ତୁତ କରିବାରେ ସାହାଯ୍ୟ କରିବା ପାଇଁ ଦିଲ୍ଲୀରେ ତାଙ୍କ କାର୍ଯ୍ୟାଳୟ ନିକଟରେ ଏକ କାର୍ଯ୍ୟାଳୟ ଦେଇଥିଲେ। (ପୃଷ୍ଠା ୭ରେ)

# ଯୁଦ୍ଧବିରତି ଅବଧିରେ ବି ଇରାନକୁ ଟ୍ରମ୍ପଙ୍କ ନାଲିଆଖି

**ୱାଶିଂଟନ, ୩୦ ।୩**

ଯୁଦ୍ଧବିରତି ଅବଧିରେ ବି ଇରାନକୁ ଟ୍ରମ୍ପଙ୍କ ନାଲିଆଖି । ହର୍ମୁଜ ପ୍ରଣାଳୀ ଖୋଲା ରଖିବା ପାଇଁ ସାନି ଚେତାବନୀ। ହର୍ମୁଜ ନଖୋଲିଲେ ବିଦ୍ୟୁତ ଉତ୍ପାଦନ ପ୍ଲାଣ୍ଟ ଉଡ଼ାଇଦେବୁ କହିଲେ ଟ୍ରମ୍ପ। ଖାର୍ଗ ଦ୍ୱୀପକୁ କବଜା କରିବାକୁ ଟ୍ରମ୍ପଙ୍କ ଧମକ।

ଦିନକୁ ଦିନ ବଢ଼ୁଛି, ଆହୁରି ଭୟଙ୍କର ହେଉଛି ମଧ୍ୟପ୍ରାଚ୍ୟ ମହାଯୁଦ୍ଧ । ହର୍ମୁଜ ପ୍ରଣାଳୀ ଖୋଲା ରଖିବା ପାଇଁ ସାନି ଚେତାବନୀ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି । କହିଛନ୍ତି, ବ୍ୟବସାୟିକ ଲକ୍ଷ୍ୟରେ ହର୍ମୁଜ୍ ନଖୋଲିଲେ ପରିଣାମ ଭୟାନକ ହେବ । ଇରାନର ସମସ୍ତ ବିଦ୍ୟୁତ ଉତ୍ପାଦନ ପ୍ଲାଣ୍ଟ ଉଡ଼ାଇଦିଆଯିବଫ ସେହିଭଳି ଗୁରୁତ୍ୱପୂର୍ଣ୍ଣ ଖାର୍ଗ ଦ୍ୱୀପକୁ ବି କବଜା କରିବାକୁ ଧମକ ଦେଇଛନ୍ତି ଟ୍ରମ୍ପ୍ ।

ମହାଯୁଦ୍ଧ, ଆଗକୁ ଆହୁରି ଭୟଙ୍କର ଆଉ ପ୍ରଳୟ ଆଣିବ। ଆକାଶ ନୁହେଁ ସ୍ଥଳଭାଗରେ ବି ବୋହିବ ରକ୍ତର ନଦୀ। ଗ୍ରାଉଣ୍ଡ ୱାର୍ ପାଇଁ ସଜବାଜ ହେଲେଣି ସେନା। ଇରାନ୍ ମାଟିରେ ଓହ୍ଲାଇ ସାରିଲେଣି ଆମେରିକାର ଫୋର୍ସ। ସିଧାସଳଖ ଗ୍ରାଉଣ୍ଡରେ ହେବ ଘମାଘୋଟ ଯୁଦ୍ଧ। ତେହେରାନର ଆର୍ଥିକ ମେରୁଦଣ୍ଡ ଭାଙ୍ଗିବାକୁ ହ୍ୱାଇଟ୍ ହାଉସ କରୁଛି 'ଡେଞ୍ଜରସ୍' ଗେମ୍ ପ୍ଲାନ୍। ତେଲଠୁ ନେଇ ୟୁରାନିୟମ ପର୍ଯ୍ୟନ୍ତ ସବୁ ଉପରେ ଏବେ ଟ୍ରମ୍ପଙ୍କ ନଜର। ଡୋନାଲ୍ଡ ଟ୍ରମ୍ପଙ୍କ ଗୋଟିଏ ଜିଦ୍, ଆଉ ଥରହର ପୂରା ମଧ୍ୟପ୍ରାଚ୍ୟ। ଫାଇନାନ୍ସିଆଲ ଟାଇମ୍ସକୁ ଟ୍ରମ୍ପ ଦେଇଥିବା ବୟାନ ଏବେ ପୂରା ବିଶ୍ୱରେ ନିଆଁ ଲଗାଇ ଦେଇଛି।



ଟ୍ରମ୍ପ କହିଛନ୍ତି, 'ମୁଁ ଇରାନର ତେଲ ନେବାକୁ ଚାହୁଁଛି, ଏହା ମୋର ଫେଭରେଟ୍।' ଏହି ବୟାନ ପଛରେ ରହିଛି ଏକ ବଡ଼ ରଣନୀତି। ଇରାନର ମୁଖ୍ୟ ତେଲ ରପ୍ତାନି କେନ୍ଦ୍ର 'ଖାର୍ଗ ଦ୍ୱୀପ' ଉପରେ କବ୍‌ଜା କରିବାକୁ ପ୍ଲାନ୍ କରୁଛି ଆମେରିକା। ଯାହା ଇରାନର ଅର୍ଥନୀତିକୁ ସମ୍ପୂର୍ଣ୍ଣ ଧ୍ୱସ୍ତ କରିଦେବ। ଖାଲି ତେଲ ନୁହେଁ, (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ପାଇଁ ବିଜ୍ଞପ୍ତି ଜାରି , ନାମାଙ୍କନ ପ୍ରକ୍ରିୟା ଆରମ୍ଭ।
- ଲସ୍କର-ଏ-ତୋଇବାର ଆତଙ୍କବାଦୀ ସବିର ଅହମଦ ଲୋନ ଗିରଫ।
- କୁଏତର ବିଜୁଳି-ପାଣି ଡିସେଲିନେସନ ପ୍ଲାଣ୍ଟ ଉପରେ ଇରାନର ହମଲା, ଭାରତୀୟ କର୍ମଚାରୀଙ୍କ ମୃତ୍ୟୁ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୮୨୬ (+୧୭)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୫୯୦ (+୧୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୦୪୬ (-୬୧)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୫୫ (+୫)

# ୨୧ ବିଭାଗର ଖର୍ଚ୍ଚ ଦାବି ଗିଲୋଟିନରେ ପାରିତ

**ଭୁବନେଶ୍ୱର,୩୦।୩ : ନ୍ୟୁଜ୍‌ବ୍ୟୁରୋ**

ସୋମବାର ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଆଗତ କରିଥିବା ତାଙ୍କ ବିଭାଗର ସର୍ବମୋଟ ୨୩୧୭୯ କୋଟି ୩୯ ଲକ୍ଷ ୮୪ ହଜାର ଟଙ୍କାର ଖର୍ଚ୍ଚ ଦାବି ଆଲୋଚନା ପରେ ଗୃହର ଅନୁମୋଦନ ଲାଭ କରିଛି। ତେବେ ଏହି ଖର୍ଚ୍ଚ ଦାବି ଆଲୋଚନାରେ ବିରୋଧୀ ଦଳ ଉଭୟ ବିଜେଡି ଏବଂ କଂଗ୍ରେସ ଭାଗ ନ ନେଇ କକ୍ଷ ତ୍ୟାଗ କରିଥିଲା ବେଳେ କେବଳ ଶାସକ ବିଜେପି ବିଧାୟକମାନେ ଭାଗ ନେଇଥିଲେ। ସ୍ୱାସ୍ଥ୍ୟ ବିଭାଗ ଖର୍ଚ୍ଚଦାବି ଆଲୋଚନାର ଉତ୍ତର ବିଭାଗୀୟ ମନ୍ତ୍ରୀ ଗୃହରେ ରଖିଥିଲେ। ଏହାପରେ ବାଚସ୍ପତିଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟ ସନ୍ଧ୍ୟା ୭ଟାରେ ଅନାଲୋଚିତ ଅନ୍ୟ ୨୧ଟି ବିଭାଗଗୁଡ଼ିକର ଖର୍ଚ୍ଚଦାବି ସମୂହକୁ ଗିଲୋଟିନ (ପୃଷ୍ଠା ୭ରେ)

# ୧ ଡଲାରର ମୂଲ୍ୟ ୯୫ ଟଙ୍କା ପାର, ୧୦ ଲକ୍ଷ କୋଟି ହରାଇଲେ ନିବେଶକ

**ନୂଆଦିଲ୍ଲୀ, ୩୦ ।୩**

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ତୀବ୍ର ହେଉଥିବା ବେଳେ ଭାରତୀୟ ଷ୍ଟକ ମାର୍କେଟ କ୍ରମାଗତ କ୍ରାଶ ହେବାରେ ଲାଗିଛି। ଏଥିଯୋଗୁ ଲୋକମାନେ କୋଟି କୋଟି ଟଙ୍କାର କ୍ଷତି ସହିବାରେ ଲାଗିଛନ୍ତି। ସୋମବାର ଭାରତୀୟ ଷ୍ଟକ ମାର୍କେଟ ୨%ରୁ ଅଧିକ କ୍ରାଶ ହୋଇଛି।

ଆମେରିକା-ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ୫ମ ସପ୍ତାହରେ ପହଞ୍ଚିଥିବା ବେଳେ ଅଶୋଧିତ ତୈଳ ଦର ବୃଦ୍ଧି ପାଉଛି। ସେହିପରି ମହଙ୍ଗା ମାଡ଼ର ଚିନ୍ତା



ବଢ଼ିବାରେ ଲାଗିଛି। ଏହାବାଦ ସୋମବାର ଡଲାର ତୁଳନାରେ ଟଙ୍କାର ମୂଲ୍ୟ ରେକର୍ଡ ସ୍ତରକୁ ଚାଲି ଯାଇଛି।

ପ୍ରଥମଥର ପାଇଁ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୯୫ ମାର୍କ ପାର କରିଛି। ଏବେ ଗୋଟିଏ ଡଲାରର ମୂଲ୍ୟ ୯୫.୨୨ ଟଙ୍କା ରହିଛି। ସୋମବାର ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୦.୩% ହ୍ରାସ ପାଇଛି।

ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୯୩.୬୨ ଥିବା ବେଳେ ବଜାର ଖୋଲିଥିଲା। ଏହାପରେ ଏହାକୁ ସାମାନ୍ୟ ବଳ ମିଳିଥିଲା। ଡଲାର ତୁଳନାରେ ଟଙ୍କା ୯୩.୫୭ରେ ପହଞ୍ଚିଥିଲା। କିନ୍ତୁ ଏହି ଧାରା କାଏମ ରହି ପାରି ନଥିଲା। ଶେଷରେ ସର୍ବକାଳୀନ ରେକର୍ଡ ଅର୍ଥାତ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୯୫.୨୨ରେ ପହଞ୍ଚି (ପୃଷ୍ଠା ୭ରେ)

## ଓଏଚ୍ଆରସିର ଅଧକ୍ଷ ଭାବେ ଦାୟିତ୍ୱ ନେଲେ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାହାରୀ

**ଭୁବନେଶ୍ୱର, ୩୦ ।୩**
**ନ୍ୟୁଜ୍ ବ୍ୟୁରୋ**

ବିଚାରପତି ଶତ୍ରୁଘ୍ନ ପୂଜାହାରୀ ସୋମବାର ଓଡ଼ିଶା ମାନବ ଅଧିକାର ଆୟୋଗ (ଓ.ଏଚ.ଆର.ସି)ର ଅଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ତାଙ୍କର ଦ୍ୱିତୀୟ ଦାୟିତ୍ୱକାଳ ହୋଇଥିବାରୁ ତାଙ୍କର ନେତୃତ୍ୱ ଓ ମାନବ ଅଧିକାର ସୁରକ୍ଷା ପ୍ରତି ଅତୁଟ ସମର୍ପଣ ଉପରେ ପୁନର୍ବାର ଆସ୍ଥା ପ୍ରକାଶ ପାଇଛି। ବିଚାରପତି (ପୃଷ୍ଠା ୭ରେ)

## ଏକାଳ ପଖାଳ



ଦଳବଳ ନିର୍ବିଶେଷରେ
ବରପୁତ୍ର ଆମ ସିଏ
ଓଡ଼ିଆ ଦେହଟା ସହିବନି ଜମା
ବିରୁଦ୍ଧେ ଯଦି କେ କହେ
କେଉଁନେତା ଅବା ଇଏ ?
କିଛି ନଜାଣି ବିଷ ଉଗାଳଇ
ମୂର୍ଖ ପରିଚୟ ଦିଏ।

# ଭୋଟର ତାଳିକାରୁ ୭.୬୮ ଲକ୍ଷ ବାଦ୍



**ଭୁବନେଶ୍ୱର, ୩୦ ।୩**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଭୋଟର ତାଳିକା ସଂଶୋଧନ ତାଲିକା ଚାଲୁ ରହିଛି। ତେବେ ତାହାରି ଭିତରେ ଭୋଟରଙ୍କ ସଂଖ୍ୟା ନେଇ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍‌ନାକୁ ଆସିଛି। ୨୦୨୫ ମସିହା ଜାନୁଆରୀ ୬ ତାରିଖରୁ ଚଳିତ ବର୍ଷ ମାର୍ଚ୍ଚ ୨୨ ତାରିଖ ମଧ୍ୟରେ ବିଭିନ୍ନ କାରଣରୁ ଭୋଟର ତାଳିକାରୁ ରାଜ୍ୟରେ ୭ ଲକ୍ଷ ୬୮, ହଜାର ୫୨୧ ଭୋଟର ବାଦ ପଡିଛନ୍ତି । ସେହିପରି ନୂତନ ଭାବେ ଭୋଟର ତାଲିକାରେ ସଂଯୋଗ ହେବା ନିମନ୍ତେ ମୋଟ ୫,୬୭,୦୩୪ ଜଣ ଆବେଦନ କରିଛନ୍ତି।

ସୋମବାର ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଜେଡ଼ି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଏହି ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଲିଖିତ ଉତ୍ତର ଅନୁସାରେ ରାଜ୍ୟରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଜାରୀ ରହିଛି। ଗତବର୍ଷ ୬ ତାରିଖରୁ ଚଳିତ ବର୍ଷ ମାର୍ଚ୍ଚ ୨୨ ତାରିଖ ମଧ୍ୟରେ ବିଭିନ୍ନ କାରଣରୁ ବହୁ ସଂଖ୍ୟକ ଭୋଟରଙ୍କୁ ତାଲିକାରୁ ବାଦ ଦିଆଯାଇଛି। ସେଥିରେ ମୃତ୍ୟୁଜନିତ କାରଣରୁ ୨ ଲକ୍ଷ ୩ ହଜାର ୩୯୬ ଭୋଟର ବାଦ ପଡିଥିବା ବେଳେ ସ୍ଥାନାନ୍ତର ଯୋଗୁଁ ୪ ଲକ୍ଷ ୮ ହଜାର ୧୩୨ ଭୋଟରଙ୍କ ନାଁ (ପୃଷ୍ଠା ୭ରେ)

# ଗୋପନୀୟ ରହିବ ଜନଗଣନା ସମୟରେ ଦିଆଯାଇଥିବା ତଥ୍ୟ




**ନୂଆଦିଲ୍ଲୀ, ୩୦ ।୩**

ଆରଟିଆଇ ଆକ୍ଟ ପରିସରଭୁକ୍ତ ନୁହେଁ ଜନଗଣନା ତଥ୍ୟ। ଏନେଇ ସୂଚନା ଦେଲେ ଭାରତୀୟ ଜନଗଣନା କମିଶନର ମୃତ୍ୟୁଞ୍ଜୟ କୁମାର ନାରାୟଣନ। ଜନଗଣନା ସମୟରେ ଦିଆଯାଇଥିବା ତଥ୍ୟ ସମ୍ପୂର୍ଣ୍ଣ ଗୋପନୀୟ ରହିବ। ଏହା ଆରଟିଆଇ ଆକ୍ଟ ପରିସରଭୁକ୍ତ ହେବ ନାହିଁ। କୋର୍ଟ ପାଖରେ (ପୃଷ୍ଠା ୭ରେ)

32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୩୧ ମାର୍ଚ୍ଚ, ମଙ୍ଗଳବାର ୨୦୨୬





# ଧାମରାରେ ପାର୍କ କାର୍ଯ୍ୟ ନିମ୍ନମାନର, କାର୍ଯ୍ୟଶେଷ ପୂର୍ବରୁ ପାଚେରୀରେ ଫାଟ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଏହି ଜିଲାର ଚାନ୍ଦବାଲି ବ୍ଲକ ଧାମରାରେ ଦୀର୍ଘ ୫ବର୍ଷ ହେବ ନିର୍ମାଣାଧୀନ ପାର୍କ କାହା ସ୍ୱାର୍ଥରେ ନିର୍ମାଣ କରାଯାଉଛି ବୋଲି ଅଞ୍ଚଳ ବାସୀ ପ୍ରଶ୍ନ ଉଠାଇଛନ୍ତି । ଏହି କାର୍ଯ୍ୟକୁ ନେଇ ଅଞ୍ଚଳବାସୀ କେତେବେଳେ ନିମ୍ନମାନର କାର୍ଯ୍ୟ ତ ପୁଣି କେତେବେଳେ ସଂପୃକ୍ତ ବିଭାଗୀୟ ଯନ୍ତ୍ରୀ ନାମରେ ଅଭିଯୋଗ ଆଣିଛନ୍ତି । ପ୍ରାପ୍ତ ଖବରରୁ ଜଣାଯାଇଛି ଏହି ପାର୍କଟି ନିର୍ମାଣ କରୁଥିବା ସଂପୃକ୍ତ ଠିକାଦାର ଦୀର୍ଘ ୫ ବର୍ଷ ହେବ ଗୁଆଁଳ ଗ୍ରାମରେ ପାର୍କ ନିର୍ମାଣ କରିବା ଆଳରେ ଅଧାଗଢା କରି ଫେରାର ହୋଇ ଯାଇଥିଲେ । ପୁନଶ୍ଚ ଅଭିଯୋଗ ପରେ ରାତାରାତି ଆସି ଏହି ଅଧା ପନ୍ତରିଆ କାର୍ଯ୍ୟ ଚଳାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହି ପାର୍କଟି ସମ୍ପୂର୍ଣ୍ଣ ମଧ୍ୟ ହୋଇପାରିଲା ନାହିଁ । ଏହି ପାର୍କଟି ଗୁଆଁଳ ଗ୍ରାମ ଠାରୁ ଦୀର୍ଘ ୧କି.ମି ଦୂରରେ ନିର୍ମାଣ କରାଯାଉ ଥିବାବେଳେ ଏହି ପାର୍କ ନିର୍ମାଣକୁ ଅଞ୍ଚଳବାସୀ ବିରୋଧ କରି ଆସୁଥିଲେ । ଇତି ମଧ୍ୟରେ ସଂପୃକ୍ତ ଠିକାଦାର ନିଜ ମନମାନୀରେ ଏହି କାର୍ଯ୍ୟ କରୁଥିବା ନେଇ ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି । ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ପାର୍କଟି ନିର୍ମାଣ ହେଉଥିବାବେଳେ କେବେ ଏହା ଶେଷହେବ ତାହା ମଧ୍ୟ ପ୍ରଶ୍ନବାଚୀ ହୋଇପଡ଼ିଛି । ଇତି ମଧ୍ୟରେ ଏହି ପାର୍କର ଚତୁଃପାର୍ଶ୍ୱରେ ନିର୍ମାଣ ହୋଇଥିବା ପାଚେରୀରେ ବହୁସ୍ଥାନରେ ଫାଟ ସୃଷ୍ଟି ହୋଇଥିବା ବେଳେ କେଉଁ ମୁହୂର୍ତ୍ତରେ ଏହି ପାଚେରୀ ଭୁଶୁଡ଼ିବ ତାହା ମଧ୍ୟ ତଦନ୍ତ ସାପେକ୍ଷ ହୋଇପଡ଼ିଛି । ପାର୍କର ସମସ୍ତ କାର୍ଯ୍ୟ ଶେଷହୋଇ ନ ଥିବା ବେଳେ ବହୁସ୍ଥାନରେ ପ୍ଲାଷ୍ଟର ମଧ୍ୟ ଖସିଲାଣି । ଫଳରେ ପାର୍କର ସ୍ଥାୟିତ୍ୱ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅନ୍ୟ ପକ୍ଷରେ ଚାନ୍ଦବାଲି ବିଡିଓ ବର୍ତ୍ତମାନ ଟ୍ରେନିଂରେ ଯାଇଥିବାବେଳେ ଚାନ୍ଦବାଲି ବିଡିଓ ଏହି କଥା ବିଷୟରେ ଅବଗତ ନାହାନ୍ତି ବୋଲି ନିଜର ପ୍ରତିକ୍ରିୟା ରଖିଥିଲେ । ଅନ୍ୟ ପକ୍ଷରେ ଏହି ପାର୍କ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ମୃତ୍ୟୁଞ୍ଜୟ ତରାଇ କୌଣସି ପ୍ରତିକ୍ରିୟା ରଖି ନଥିଲେ । ତୁରନ୍ତ ଏହି ନିମ୍ନମାନର କାର୍ଯ୍ୟର ବିଦ୍ଧିବଦ୍ଧ ତଦନ୍ତ କରିବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି ।

## ୨ ବର୍ଷ ହେଲା ଆରପିଡିଏସି ବୈଠକ ନାହିଁ

# ସମସ୍ୟାରେ ବିସ୍ଥାପିତ : ଜିଲ୍ଲାରେ ବଢୁଛି ଅସନ୍ତୋଷ

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଝାରସୁଗୁଡ଼ା ଜିଲ୍ଲାରେ ଗତ ଦୁଇ ବର୍ଷ ଧରି ପୁନର୍ବାସ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ବିକାଶ ପରାମର୍ଶଦାତା ସମିତି (ଆରପିଡିଏସି) ବୈଠକ ଆୟୋଜନ ହୋଇନଥିବାରୁ ବିସ୍ଥାପିତ ପରିବାରମାନଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି । ଶିଳ୍ପ ସମୃଦ୍ଧ ଏହି ଜିଲ୍ଲାରେ ଗତ ୨୫ ବର୍ଷ ଧରି ଅନେକ ଛୋଟ ବଡ଼ କମ୍ପାନୀ ସ୍ଥାପିତ ହେବା ଫଳରେ ଶତାଧିକ ପରିବାର ନିଜ ଭିଟାମାଟି ଛାଡ଼ି ବିସ୍ଥାପିତ ହୋଇଛନ୍ତି । କିଛି ଅଞ୍ଚଳରେ ଏହି ପ୍ରକ୍ରିୟା ଏବେ ମଧ ଚାଲିଛି । ରାଜ୍ୟ ସରକାରଙ୍କ ପୁନର୍ବାସ ଓ ସ୍ଥାନାନ୍ତରଣ ନୀତି ଅନୁଯାୟୀ, ପ୍ରତି ତିନି ମାସରେ ଥରେ ଆରପିଡିଏସି ବୈଠକ ହେବା ଆବଶ୍ୟକ । ଏହି ବୈଠକରେ ବିସ୍ଥାପିତଙ୍କ ଅର୍ଥିକ ସହାୟତା, ନିଯୁକ୍ତି ସୁଯୋଗ, ପୁନର୍ବାସ କଲୋନୀରେ ମୌଳିକ ସୁବିଧା ଓ ସିଏସଆର ପାଣ୍ଠି ବ୍ୟବହାର ନେଇ ସମୀକ୍ଷା କରାଯାଏ । ତଥାପି ଜାନୁଆରୀ ୨୦୨୪ ଠାରୁ ଜିଲ୍ଲାରେ ଏପର୍ଯ୍ୟନ୍ତ କୌଣସି ବୈଠକ ହୋଇନଥିବା ଅଭିଯୋଗ ହେଉଛି ।

ଅନ୍ୟପଟେ ସମ୍ବଲପୁରରେ ଚଳିତ ବର୍ଷ ଜାନୁଆରୀରେ ଏକ କମ୍ପାନୀ ସମ୍ବନ୍ଧୀୟ ଆରପିଡିଏସି ବୈଠକ ହୋଇଥିବା ବେଳେ ଝାରସୁଗୁଡାର ବିଭିନ୍ନ ଅଞ୍ଚଳର ବିସ୍ଥାପିତଙ୍କ ସମସ୍ୟା ଅବହେଳିତ ରହିଛି ବୋଲି ଅଭିଯୋଗ ଉଠୁଛି । ଏହା ଫଳରେ ପାନୀୟଜଳ, ବିଦ୍ୟୁତ, ରାସ୍ତାଘାଟ ଓ ସ୍ୱାସ୍ଥ୍ୟ ସେବା ଭଳି ମୌଳିକ ସୁବିଧା ଯୋଗାଣ ନେଇ ସନ୍ଦେହ ସୃଷ୍ଟି ହେଉଛି । ସ୍ଥାନୀୟ ବୁଦ୍ଧିଜୀବୀ ଓ ବିସ୍ଥାପିତ ପ୍ରତିନିଧିମାନେ ତୁରନ୍ତ ଆରପିଡିସି ବୈଠକ ଡାକିବାକୁ ଜିଲ୍ଲା ପ୍ରଶାସନଙ୍କୁ ଦାବି କରିଛନ୍ତି । ସେମାନଙ୍କ କହିବା ଅନୁଯାୟୀ, ଏହି ବୈଠକ ହେଲେ ବିସ୍ଥାପିତଙ୍କ ସମସ୍ୟାର ସଠିକ୍ ମନିଟରିଂ ଓ ସମାଧାନ ସମ୍ଭବ ।

ଏନେଇ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଶୀଘ୍ର ଆରପିଡିଏସି ବୈଠକ ଆୟୋଜନ କରାଯିବ । ବିଭିନ୍ନ ସମୟରେ କମ୍ପାନୀ ସମ୍ବନ୍ଧୀୟ ଅଭିଯୋଗ ଆସୁଥିବା ସହ ତାହାର ସମାଧାନ ମଧ କରାଯାଇଛି ବୋଲି ସେ ଜଣାଇଛନ୍ତି । ବର୍ତ୍ତମାନ ସମୟରେ ଜିଲ୍ଲାର ବିସ୍ଥାପିତ ଲୋକମାନଙ୍କ ଦୁଃଖ ଦୂର କରିବା ପାଇଁ ଶୀଘ୍ର ବୈଠକ ଆୟୋଜନ କରି ପ୍ରାୟୋଗିକ ପଦକ୍ଷେପ ନେବାକୁ ସାଧାରଣ ମହଲରେ ଜୋରଦାର ଦାବି ହେଉଛି ।

## ଅପ୍ରେଲ ୧୨ରେ ପାରାବେଢ଼ା ଦଣ୍ଡଯାତ୍ରା

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁର ପାରାବେଢ଼ା ଠାରେ ଦଣ୍ଡଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଆସନ୍ତା ଏପ୍ରିଲ୍ ୧୨ ତାରିଖ ଦିନ ଏହି ଯାତ୍ରା ହେବ ନିଷ୍ପତ୍ତି ହୋଇଛି । ଚଳିତ ବର୍ଷ କୋରାପୁଟ ଦଣ୍ଡକୁ ପାରାବେଢ଼ାରେ ଏହି ଦିନ ବିଜେ କରାଯିବ । ଉକ୍ତ ଦିନ ରାତ୍ରରେ ଝାଙ୍କରଦେଇ ମନ୍ଦିର ପରିସରରେ ମା’ କାଳୀଙ୍କ ଆଳତୀ ହେବା ସହ ରାତ୍ରରେ ପୂଜାର୍ଚ୍ଚନା କରାଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା । ରାତ୍ରରେ ପାରାବେଢ଼ା ଛକରେ ଦଣ୍ଡନାଚ ଅବସରରେ ଅପେରା ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଥିଲା । ଏହି ବୈଠକରେ ଶିବ ପ୍ରସାଦ ପଣ୍ଡା, ଧୃବ ଚରଣ ମହାନ୍ତି, ହରି ବରଡ଼, ପଞ୍ଚାନନ ନାୟକ, ଶିବ ପ୍ରସାଦ ତିଆଡ଼ି, ଜି.ସୂର୍ଯ୍ୟ ନାରାୟଣ ପାତ୍ର, ଜଗବନ୍ଧୁ ପଣ୍ଡା, ଆର୍ ବିନୋଦ ରେଡ଼ି, ରାଜେନ୍ଦ୍ର ପାଣିଗ୍ରାହୀ, ପବିତ୍ର କୁମାର ନାୟକ, ଲକ୍ଷ୍ମୀ ନାରାୟଣ ପାଢ଼ୀ, ରାମ ପ୍ରସାଦ ପାଢ଼ୀ, ରାଜେନ୍ଦ୍ର କୁମାର ଗୌଡ଼ ପ୍ରମୁଖ ଉପସ୍ଥିତ ରହିଥିଲେ ।

# ମାଲକାନଗିରିରେ ଜନଗଣନା-୨୦୨୭ ପ୍ରସ୍ତୁତି ଜୋରଦାର୍

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ଦେଶର ପ୍ରଥମ ସମ୍ପୂର୍ଣ୍ଣ ଡିଜିଟାଲ ଜନଗଣନା-୨୦୨୭କୁ ସଫଳ କରିବା ପାଇଁ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହୋଇଯାଇଛି । ଏହି କ୍ରମରେ ମାଲକାନଗିରି ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ମାଲକାନଗିରି ତହସିଲ (ଗ୍ରାମାଞ୍ଚଳ) ଅଧୀନରେ ଥିବା ଏନୁମେରେଟର (ପ୍ରଗଣକ) ଏବଂ ସୁପରଭାଇଜର (ପର୍ଯ୍ୟବେକ୍ଷକ) ମାନଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଥମ ବ୍ୟାଚ୍ ତାଲିମ ଶିବିର ସଫଳତାର ସହ ଶେଷ ହୋଇଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ଜିଲ୍ଲା ଜନଗଣନା ଅଧିକାରୀ ମୁନା ତୁରୁକ ଏବଂ ମାଲକାନଗିରି ତହସିଲଦାର ବିଶ୍ୱରଞ୍ଜନ ବିଶ୍ୱାସ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀମାନଙ୍କୁ ମାର୍ଗଦର୍ଶନ କରିଥିଲେ । ଫିଲ୍ଡ ଟ୍ରେନର ଭାବେ ଭାଗ୍ୟରଞ୍ଜନ ଲେଙ୍କା ଓ ହରପ୍ରସାଦ ମହାପାତ୍ର ଯୋଗଦେଇ ମୋବାଇଲ୍ ଆପ୍ ମାଧ୍ୟମରେ ତଥ୍ୟ ସଂଗ୍ରହର ବୈଷୟିକ କୌଶଳ ସମ୍ପର୍କରେ ବିସ୍ତୃତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ ଯେ, ସମଗ୍ର ମାଲକାନଗିରି ଜିଲ୍ଲାରେ ଜନଗଣନା କାର୍ଯ୍ୟ ପାଇଁ ମୋଟ ୧୨୬୯ ଜଣ ଏନୁମେରେଟର ଏବଂ ୨୨୭ ଜଣ ସୁପରଭାଇଜରଙ୍କୁ ନିୟୋଜିତ କରାଯାଇଛି । ମାଲକାନଗିରି ତହସିଲ ପାଇଁ ଏହି ପ୍ରଶିକ୍ଷଣ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ପର୍ଯ୍ୟାୟକ୍ରମେ ଜିଲ୍ଲାର ଅନ୍ୟ ସମସ୍ତ ତହସିଲର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆସନ୍ତା ଏପ୍ରିଲ ୬ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଆସନ୍ତା ଏପ୍ରିଲ ୧ରୁ ଏପ୍ରିଲ ୧୫ ମଧ୍ୟରେ ନାଗରିକମାନେ ନିଜେ ପୋର୍ଟାଲରେ ନିଜର ତଥ୍ୟ ପଞ୍ଜିକୃତ କରିପାରିବେ । ଏପ୍ରିଲ ୧୬ ରୁ ମେ ୧୫ ପର୍ଯ୍ୟନ୍ତ ପ୍ରଶିକ୍ଷିତ ଏନୁମେରେଟରମାନେ ଘରକୁ ଘର ବୁଲି ଡିଜିଟାଲ୍ ମାଧ୍ୟମରେ ତଥ୍ୟ ସଂଗ୍ରହ କରିବେ । ଏଥର ଜନଗଣନାରେ କୌଣସି କାଗଜ କାର୍ଯ୍ୟ ହେବ ନାହିଁ, ସମସ୍ତ ତଥ୍ୟ ସ୍ୱତନ୍ତ୍ର ମୋବାଇଲ୍ ଆପ୍ ମାଧ୍ୟମରେ ସଂଗ୍ରହ କରାଯିବ । ଆମର ଜନଗଣନା, ଆମର ବିକାଶ ବାର୍ତ୍ତା ଜରିଆରେ ସଠିକ୍ ଓ ନିରପେକ୍ଷ ତଥ୍ୟ ପ୍ରଦାନ କରି ଦେଶ ଗଠନରେ ସାମିଲ ହେବା ପାଇଁ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି । ସଠିକ୍ ଜନଗଣନା ହିଁ ଜିଲ୍ଲାର ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ସାମାଜିକ କଲ୍ୟାଣକାରୀ ଯୋଜନା ଗୁଡ଼ିକର ରୂପରେଖ ପ୍ରସ୍ତୁତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।

# ମିଳୁନି ଟାର୍ଗେଟ୍ ଉଠୁନି ଧାନ, ରାସ୍ତାକଡ଼ରେ ପଡ଼ିରହିଛି ହଜାର ବସ୍ତା ଧାନ

**କେନ୍ଦ୍ରାପଡା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ବାରଡାଙ୍ଗ ପ୍ରାଥମିକ କୃଷି ସମବାୟ ସମିତିରେ ଦୀର୍ଘଦିନ ହେଲା ଟାର୍ଗେଟ୍ ନଥିବାରୁ ପ୍ରାୟ ଶତାଧିକ ଚାଷୀ ସେମାନଙ୍କର ଧାନ ବିକ୍ରି କରିପାରୁନାହାନ୍ତି ଏବଂ କେତେଜଣ ଚାଷୀଙ୍କର ଟୋକନ୍ ଅବଧି ସରିଯାଇଛି । ଏହା ସହିତ ବାରଡ଼ାଙ୍ଗ ସମିତିରେ ଧାନ ଉଠାଇବା ପାଇଁ ନିଯୁକ୍ତି ପାଇଥିବା ମିଲର୍ସମାନେ ମଣ୍ଡିରୁ ଧାନ ନ ଉଠେଇବାରୁ ହଜାର ହଜାର ବସ୍ତା ଧାନ ରାସ୍ତାକଡ଼ରେ ଓ ମଣ୍ଡି ପରିସରରେ ପଡିରହିଛି । ତୁହାକୁ ତୁହା ବର୍ଷା ଉଠାଉଥିବା ବେଳେ ମିଲର୍ସ ମାନଙ୍କର ଖାମଖିଆଲି ନୀତି ଯୋଗୁ ଧାନ ନଷ୍ଟ ହେବାର ଆଶଙ୍କା ରହିଛି । ଏ ନେଇ କୃଷି ସମବାୟ ସମିତିର ସଭାପତି ଶୁଶାନ୍ତ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଶତାଧିକ ଚାଷୀ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଭେଟି ମଣ୍ଡିକୁ ଧାନ ଉଠାଇବା ପାଇଁ ଟାର୍ଗେଟ୍ ଦେବାସହ ମଣ୍ଡିରୁ ଧାନ ଉଠାଇବା ଏବଂ ଟୋକନ୍ ଅବଧି ସରିଯାଇଥିବାକୁ ନୂତନ ପଞ୍ଜିକରଣ କରିବା ପାଇଁ ଦାବି କରିଛନ୍ତି ।

# ‘ଯାଦବମାନେ ନିଜ ଅଧିକାର ପ୍ରତି ସଚେତନ ହେବା ଆବଶ୍ୟକ’

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ଯାଦବ ମହାସଂଘ ପକ୍ଷରୁ ଜିଲ୍ଲାସ୍ତରୀୟ ଯାଦବ ସମାବେଶ ଓ ଲଉଡ଼ି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଯାଦବ ଜାତି ଏକ ଶ୍ରେଷ୍ଠ ଜାତି । ଭଗବାନ ଶ୍ରୀକୃଷ୍ଣ ଏହି କୂଳରେ ଜନ୍ମ ଲାଭ କରିଥିଲେ । ଯାଦବମାନେ ନିଜ ଅଧିକାର ପ୍ରତି ସଚେତନ ହେବା ଆବଶ୍ୟକ । ଏଥିପାଇଁ ଆମକୁ ସଙ୍ଗଠିତ ହେବାକୁ ପଡ଼ିବ । ମୋଟ ଜନସଂଖ୍ୟାର ପାଖାପାଖି ପଚିଶି ପ୍ରତିଶତ ଯାଦବ ଓଡ଼ିଶାରେ ବସବାସ କରନ୍ତି । ଜଗତସିଂହପୁର ଜିଲ୍ଲାରେ ମଧ ଆମର ସଂଖ୍ୟା ଅନ୍ୟମାନଙ୍କ ତୁଳନାରେ ସର୍ବାଧିକ । ତେଣୁ ଆମକୁ ଏବେ ଏକାଠି ହେବାର ସମୟ ଆସିଛି ବୋଲି ଅନୁଷ୍ଠିତ ଦ୍ୱିତୀୟ ଜିଲ୍ଲା ସ୍ତରୀୟ ଯାଦବ ସମାବେଶ ଓ ଲଉଡ଼ି ମହୋତ୍ସବରେ ଅତିଥିମାନେ ମତପ୍ରକାଶ କରିଛନ୍ତି । ଜଗତସିଂହପୁର ଜିଲ୍ଲା ଯାଦବ ମହାସଭା ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଜଗତସିଂହପୁର ଜିଲ୍ଲା ଯୁବ ଯାଦବ ମହାସଭାର ସଭାପତି ଆଇନଜୀବୀ ନରେଶ ଦାସ ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ନେତା ଅଶ୍ୱିନୀ କୁମାର ଦାସ, ଯାଦବ ନେତା ଚିତ୍ତରଞ୍ଜନ କଂସ, ପାଣ୍ଡବ କୁମାର ପ୍ରଧାନ, ନେମାଳ ଯାଦବ ମହାସଭାର ଉପସଭାପତି କାର୍ତ୍ତିକ ଚନ୍ଦ୍ର ଦାସ, ଯାଦବ ନେତା ରବିନ୍ଦ୍ର କୁମାର ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ ଜଗତସିଂହପୁର ଜିଲ୍ଲାରେ ଗୋଚର ଜମିର ସୁରକ୍ଷା ଓ ଗୋପାଳକ ମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିବା ସହିତ ଏହାର ସମାଧାନ ପାଇଁ ସରକାରଙ୍କୁ ପ୍ରସ୍ତାବ ଦେବାପାଇଁ ମତ ଦେଇଥିଲେ । ଜଗତସିଂହପୁର ଜିଲ୍ଲା ସଦରମହକୁମାରେ ଗୋଟିଏ ଯାଦବ ଭବନ ନିର୍ମାଣ କରିବା ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବା ପାଇଁ ବୈଠକରେ ମତପ୍ରକାଶ ପାଇଥିଲା । ଯୁବ ଯାଦବ ମହାସଭାର ସଂପାଦକ ସୁକାନ୍ତ କୁମାର ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଯାଦବ ଉଦ୍ୟୋଗୀମାନଙ୍କ ସହିତ ବରିଷ୍ଠ ଯାଦବମାନଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା । ପୂର୍ବାହ୍ନରେ ଏକ ବିଶାଳ ଶୋଭାଯାତ୍ରା କଲେଜ୍ ଛକରୁ ବାହାରି ସଂସ୍କୃତି ଭବନରେ ପହଞ୍ଚିଥିଲା । ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ଆସିଥିବା ଯାଦବ ଭାଇମାନଙ୍କ ସହିତ ପାଖାପାଖି ୨୦ଟି କାଠିଲଉଡି ଦଳ ଅଂଶଗ୍ରହଣ କରିଥିଲେ । ନରେଶ ଦାସଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରାରେ ସୁବାଷ ବେହେରା, ଶିବପ୍ରସାଦ ଦାସ, ସୁକାନ୍ତ ଦାସ, ପ୍ରଣବ ଦାସ, ଆଶିଷ ମାଣିଆ, ରଶ୍ମିରଞ୍ଜନ ଦାସ, ସୁନୀଲ୍ ଦାସ୍, ପ୍ରଭାକର ଦାସ,ବସନ୍ତ ଦାସ, କମଳାକାନ୍ତ ପରିଡ଼ା, ଆଶୁତୋଷ ଦାସ,ବାବୁଲି ବେହେରା, ଅଜୟ କାଠୁଆ, ଧର୍ମାନନ୍ଦ ଦାସ, ବାବାଜୀ ଚରଣ ଦାସ, ପ୍ରଫୁଲ୍ଲ ବାହାଲିଆ, ଶରତ ଚନ୍ଦ୍ର ଦାସ, ସଞ୍ଜିବ ଦାସ, ମନୋଜ ଦାସ, ଲକ୍ଷ୍ମୀଧର ଦାସ, ଦିଲ୍ଲୀପ ମହାକୁଡ଼, ଲୋକନାଥ ଦାସ, କମଳ ଲୋଚନ ଦାସ, ସୁନୀଲ୍ ପରିଡ଼ା, ଓମ୍ ପ୍ରକାଶ ଦାସ ପ୍ରମୁଖ ଯୋଗ ଦେଇଥିଲେ । ଏହି ବୈଠକ ପରେ ଲଉଡି ମହୋତ୍ସବ ଚିତ୍ତାକର୍ଷକ ଥିଲା । ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା କାଠି ଲଉଡି ଦଳ ସେମାନଙ୍କର କାଠି ଲଉଡି ଖେଳ ମାଧ୍ୟମରେ ଦର୍ଶକମାନଙ୍କୁ ମନୋରଞ୍ଜନ ଯୋଗାଇ ଥିଲେ ।

# କୋଣାର୍କ-କୃଷ୍ଣପ୍ରସାଦ ବେଳାଭୂମିରେ ବିରଳ ମୃତ୍ତିକା, ୩ ଜିଲ୍ଲାର ବେଳାଭୂମିରେ ରହିଛି ୪୦୭.୭୨୨ ନିୟୁତ ଟନ୍ ରେୟାର ଆର୍ଥ



**ପୁରୀ, ନ୍ୟୁଜ୍ ବ୍ୟୁରୋ**

ପୁରୀ ଜିଲ୍ଲାର କୃଷ୍ଣପ୍ରସାଦ ଠାରୁ କୋଣାର୍କ ପର୍ଯ୍ୟନ୍ତ ବିସ୍ତୀର୍ଣ୍ଣ ୮୦ କିଲୋମିଟର ବେଳାଭୂମିରେ ଭରି ରହିଛି ରେୟାର ଆର୍ଥ ବା ବିରଳ ମୃତ୍ତିକା । ସରକାରୀ ତଥ୍ୟ ମୁତାବକ, ଗଞ୍ଜାମ, ପୁରୀ ଓ ଜଗତସିଂପୁର ଜିଲ୍ଲାର ବେଳାଭୂମିରେ ୪୦୭.୭୨୨ ନିୟୁତ ଟନ ବିରଳ ମୃତ୍ତିକା ଗଚ୍ଛିତ ରହିଥିବା ଆକାଳନ କରାଯାଇଛି । ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା, ଏମ୍‌ଇସିଏଲ୍, ଓଡ଼ିଶା ଖଣି ନିଗମ, ରାଜ୍ୟ ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ପ୍ରମୁଖ ବିଭିନ୍ନ ଅନୁସନ୍ଧାନକାରୀ ସଂସ୍ଥା ଏହି ଅନୁସନ୍ଧାନ କରିଛନ୍ତି । ପୁରୀର ଗଞ୍ଜାମ ସୀମାବର୍ତ୍ତୀ ତଥା ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ରାମଲେଙ୍କା ପଞ୍ଚାୟତ ପାଇକରାୟପୁର ଠାରୁ ମାଲୁଦ ପଞ୍ଚାୟତର ହୁଣ୍ଡା ପର୍ଯ୍ୟନ୍ତ ୧୭.୬୪ କିଲୋମିଟର ବେଳାଭୂମିରେ ୨୮.୯୨୩ ମିଲିୟନ ଟନ୍ ହେବି ମିନିରାଲ ରହିଛି । ସେହିପରି ବ୍ରହ୍ମଗିରି ବ୍ଲକ୍ ଅନ୍ତର୍ଗତ ୩୦ କିଲୋମିଟର ବେଳାଭୂମିରେ ୧୧୭.୪ ମିଲିୟନ ଟନ୍, ପୁରୀ ପୌରାଞ୍ଚଳ ଅନ୍ତର୍ଗତ ୨ କିଲୋମିଟର ବେଳାଭୂମିରେ ୭.୧୮୭ ମିଲିୟନ ଟନ୍, ପୁରୀ ସଦର ବ୍ଲକ ଅନ୍ତର୍ଗତ ତଥା ପୁରୀ ସହର ନିକଟ ନୂଆନଈ ମୁହାଣଠାରୁ କାଦୁଆ ସେକ୍ଟର ପର୍ଯ୍ୟନ୍ତ ୨୮.୩୦ କିଲୋମିଟର ବେଳାଭୂମିରେ ୬.୪୭ ମିଲିୟନ ଟନ୍, କୋଣାର୍କର ୨.୨୦ କିଲୋମିଟର ବେଳାଭୂମିରେ ୫.୨୮ ମିଲିୟନ ଟନ୍ ବିରଳ ମୃତ୍ତିକା ଗଚ୍ଛିତ ରହିଛି । ପୁରୀ ବରିଷ୍ଠ ଆଇନଜୀବୀ ଦୁର୍ଗା ରଥ କହିଛନ୍ତି, ପୁରୀ ସହରାଞ୍ଚଳ ଅନ୍ତର୍ଗତ ବେଳାଭୂମିରେ ପୂର୍ବରୁ ଦୁର୍ମୂଲ୍ୟ ବିଭିନ୍ନ ରତ୍ନ ଓ ବସ୍ତୁ ଥିବା ପ୍ରଶାସନିକ ରିପୋର୍ଟ ପ୍ରକାଶ ପାଇଥିଲା । ଏବେ ଏହି ବେଳାଭୂମି ସହ ଜିଲ୍ଲାର ବିଶାଳ ବେଳାଭୂମିରେ ଦୁର୍ଲଭ ଧାତୁ ଥିବା ମୃର୍ତ୍ତିକା ଠାବ ହୋଇଛି । ଏହା ବିଶେଷ ଭାବେ ଇଭି ବ୍ୟାଟେରୀ ଓ ପରମାଣୁ କାର୍ଯ୍ୟ ନିର୍ମାଣ ନିମନ୍ତେ ବ୍ୟବହାର ହୋଇପାରିବ । ପ୍ରତିଦିନ ଏହାର ଚୋରା ଚାଲାଣ ହେଉଛି । ଏହା ଉପରେ ବେଆଇନ କୋଠାବାଡ଼ି ନିର୍ମାଣ ହେଉଛି । ତେଣୁ ଏହି ବିରଳ ମୃତ୍ତିକାର ଅପବ୍ୟବହାର ରୋକିବା ନିମନ୍ତେ ପ୍ରଶାସନ ଠୋସ୍ ପଦକ୍ଷେପ ନେବା କଥା । ପୁରୀର ଏହି ବିସ୍ତୀର୍ଣ୍ଣ ବେଳାଭୂମି ଉପରେ ସମସ୍ତ ନିର୍ମାଣ କାର୍ଯ୍ୟ ତୁରନ୍ତ ବନ୍ଦ କରାଯିବା ଆବଶ୍ୟକ । ଏହି ବିରଳ ମୃତ୍ତିକାକୁ ବ୍ୟବହାର କରି ଗଞ୍ଜାମରେ ପ୍ରୋସେସିଂ ପ୍ଲାଣ୍ଟ ହୋଇଛି । ତେଣୁ ପୁରୀ ଜିଲ୍ଲାରେ ମଧ ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ଉଚିତ୍ ପଦକ୍ଷେପ ନିଆଯିବା ଉଚିତ୍ ବୋଲି ଶ୍ରୀ ରଥ କହିଛନ୍ତି ।

# ମାଲକାନଗିରିକୁ ବାଲ୍ୟ ବିବାହ ମୁକ୍ତ କରିବା ଆମର ସଂକଳ୍ପ : ସୁଜାତା ନାୟକ



**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଦସ୍ୟା ସୁଜାତା ନାୟକ ମାଲକାନଗିରି ଜିଲ୍ଲା ଗସ୍ତ କରି ଶିଶୁମାନଙ୍କ ସୁରକ୍ଷା ଓ ଅଧିକାରର ସମୀକ୍ଷା କରିଛନ୍ତି । ଏହି ଅବସରରେ ସେ ଜିଲ୍ଲାକୁ ସମ୍ପୂର୍ଣ୍ଣ ରୂପେ ବାଲ୍ୟ ବିବାହ ମୁକ୍ତ କରିବାକୁ ପ୍ରାଥମିକତା ଦେଇଛନ୍ତି । ମାଲକାନଗିରି ଜିଲ୍ଲା ଏକ ଜନଜାତି ଅଧୁଷିତ ଅଞ୍ଚଳ ହୋଇଥିବାରୁ ଏଠାରେ ଶିଶୁ ଚାଲାଣ, ସ୍କୁଲ ଡ୍ରପ୍ ଆଉଟ୍, ବାଲ୍ୟ ବିବାହ ଏବଂ ଶିଶୁ ଅତ୍ୟାଚାର ରୋକିବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟପନ୍ଥା ବା ଖସଡ଼ା ପ୍ରସ୍ତୁତ କରାଯାଉଛି । ସଦସ୍ୟା ଶ୍ରୀମତୀ ନାୟକ କହିଛନ୍ତି ଯେ, ଶିଶୁଙ୍କ ଅପପୁଷ୍ଟି ନିରୀକ୍ଷଣ ସହ ଦାଦନ ଶ୍ରମିକଙ୍କ ପିଲାମାନଙ୍କୁ କିଭଳି ସୁରକ୍ଷିତ ରଖାଯାଇପାରିବ, ସେଥିପାଇଁ ବିହିତ ପଦକ୍ଷେପ ନିଆଯିବ । ସେହିପରି ‘ମିଶନ ବାତ୍ସଲ୍ୟ’ ଯୋଜନା ମାଧ୍ୟମରେ ଅନାଥ ଶିଶୁଙ୍କ କଲ୍ୟାଣ ପାଇଁ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରାଯିବ । ଆଧୁନିକ ସମୟରେ ଶିଶୁମାନେ ଇଣ୍ଟରନେଟ୍ ବ୍ୟବହାର କରୁଥିବାରୁ ସେମାନଙ୍କ ମଧ୍ୟରେ ‘ଡିଜିଟାଲ୍ ସେଫ୍ଟି’ ବା ଡିଜିଟାଲ୍ ସୁରକ୍ଷା ଉପରେ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି ବୋଲି ସଦସ୍ୟା ପ୍ରକାଶ କରିଛନ୍ତି । ନିଜ ଗସ୍ତ କ୍ରମରେ ସେ ମାଲକାନଗିରି ଆଦର୍ଶ ଥାନା, ‘ପରିବର୍ତ୍ତନ’ ଶିଶୁ ଗୃହ ଏବଂ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ପରିଦର୍ଶନ କରି ଶିଶୁଙ୍କ ଯତ୍ନ ଓ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିଥିଲେ । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ସୋମନାଥ ପ୍ରଧାନ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ସଂଯୁକ୍ତା ପ୍ରଧାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ ଏବଂ ଶିଶୁ ସୁରକ୍ଷା କାର୍ଯ୍ୟରେ ନିୟୋଜିତ ବିଭିନ୍ନ ବିଭାଗ ଓ ସଂସ୍ଥାର କର୍ମଚାରୀମାନେ ଉପସ୍ଥିତ ଥିଲେ । ଏହି ଗସ୍ତ ମାଲକାନଗିରିର ଶିଶୁଙ୍କ ପାଇଁ ଏକ ସୁରକ୍ଷିତ ଏବଂ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବାରେ ବେଶ୍ ସହାୟକ ହେବ ବୋଲି ଆଶା କରାଯାଉଛି ।

# ଦୋସିଙ୍ଗାରେ ଅସ୍ୱାସ୍ଥ୍ୟକର ପରିବେଶ : ତୁରନ୍ତ ମଦ ଦୋକାନ ସ୍ଥାନାନ୍ତର କରିବାକୁ ଦାବି

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଏହି ଜିଲ୍ଲାର ଚାନ୍ଦବାଲି ବ୍ଲକ ଦୋସିଙ୍ଗା ଠାରେ ଏକ ଅସ୍ୱାସ୍ଥ୍ୟକର ପରିବେଶରେ ଚାଲିଛି ଠିପି ଖୋଲା ମଦ ଦୋକାନ । ଏନେଇ ବାରମ୍ବାର ଅବକାରୀ କମିଶନରଙ୍କ ନିକଟରେ ଅଭିଯୋଗ ପରେ ମଧ୍ୟ ବେଧଡ଼କ ଭାବେ ଚାଲିଛି ଏହି ଠିପିଖୋଲା ମଦ ଦୋକାନ । ପ୍ରାପ୍ତ ଖବର ଅନୁଯାୟୀ ଦୋସିଙ୍ଗା ବନ୍ଦର ନିକଟରେ ଥିବା ଠିପିଖୋଲା ମଦ ଦୋକାନଟି ସମ୍ପୂର୍ଣ୍ଣ ଅସ୍ୱାସ୍ଥ୍ୟକର ପରିବେଶରେ ଚାଲିଛି । ଏହି ବାର୍‌ରେ ରେଷ୍ଟୁରାଣ୍ଟ ନଥିବା ବେଳେ ବିଶୁଦ୍ଧ ପାନୀୟଜଳ ମଧ୍ୟ ଉପଲବ୍ଧ ହେଉ ନାହିଁ । ଏଭଳି ପରିବେଶରେ ଏହି ଠିପିଖୋଲା ମଦ ଦୋକାନରେ ଗ୍ରାହକମାନଙ୍କ ପାଇଁ ପାଇଖାନାର ସୁବିଧା ମଧ୍ୟ ନାହିଁ । ସବୁଠାରୁ ବଡ଼ କଥା ରାଜ୍ୟ ଅବକାରୀ ଅଧିକାରୀଙ୍କ ନିୟମାନୁଯାୟୀ ଯେଉଁ ଗ୍ରାହକମାନେ ଏହି ମଦ ବାରରୁ ମଦ କିଣିନେବେ ସେମାନଙ୍କୁ କମ୍ପ୍ୟୁଟରୀକରଣ ବିଲ୍ ଦେବାକୁ ନିୟମ ଥିବାବେଳେ ସଂପୃକ୍ତ ମାଲିକ ଏହି ନିୟମକୁ ସମ୍ପୂର୍ଣ୍ଣ ପାଶୋରି ଦେଇଛନ୍ତି । ଅନ୍ୟ ପକ୍ଷରେ ଏହି ବାର୍‌ରେ ୨୪ ଘଣ୍ଟା କ୍ୟାମେରା ଉପଲବ୍ଧ ହେବାର ନିୟମ ଥିବାବେଳେ ସଂପୃକ୍ତ ମାଲିକ ମଧ୍ୟ ଏହି ନିୟମକୁ ଫୁ କରି ଦେଉଛନ୍ତି । ଏପରି ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଗ୍ରାହକମାନେ ଏହି ସମସ୍ତ ସୁବିଧା ଉପଲବ୍ଧ କରାଇବାକୁ ଦାବି କରୁଥିବା ବେଳେ ସଂପୃକ୍ତ ବାର୍‌ର କର୍ମଚାରୀ ଗ୍ରାହକମାନଙ୍କୁ ନାଲି ଆଖି ଦେଖାଉ ଥିବାନେଇ ଅବକାରୀ କମିଶନରଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି । ଏହି ସମସ୍ତ ସୁବିଧା ଗ୍ରାହକ ମାନଙ୍କ ପାଇଁ ଉପଲବ୍ଧ ନଥିବା କଥା ଚାନ୍ଦବାଲି ଉପଖଣ୍ଡ ଅବକାରୀ ଅଧିକାରୀଙ୍କୁ ପଚାରିବାରୁ ଏହା ଏକ ଅସ୍ୱାସ୍ଥ୍ୟକର ପରିବେଶରେ ଚାଲିଥିବା କଥା ସ୍ୱୀକାର କରିଛନ୍ତି । ତୁରନ୍ତ ସେ ଏହି ଅଭିଯୋଗ ବିଷୟରେ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିକ୍ରିୟା ରଖିଥିଲେ । ତୁରନ୍ତ ମଦ ଦୋକାନକୁ ସ୍ଥାନାନ୍ତରିତ କରିବାକୁ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ମଧ୍ୟ ଅବକାରୀ କମିଶନରଙ୍କ ନିକଟରେ ଦାବି ରଖିଛି । ଏଠାରେ ଉଲ୍ଲେଖ ଯୋଗ୍ୟ ଏହି ମଦ ବାର୍ ଥିବା ସ୍ଥାନ ଗ୍ରାମାଞ୍ଚଳ ରାସ୍ତା ପାର୍ଶ୍ୱରେ ହୋଇଥିବା ବେଳେ ଏହି ରାସ୍ତା ଦେଇ ଯାତାୟାତ କରିବାକୁ ଗ୍ରାମବାସୀ ତଥା ବିଦ୍ୟାଳୟ ଛାତ୍ରଛାତ୍ରୀ ନିଜ ଜୀବନକୁ ସୁରକ୍ଷିତ ମଣୁ ନାହାନ୍ତି । ତୁରନ୍ତ ଏହାକୁ ସ୍ଥାନାନ୍ତରିତ କରାଯିବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି । ଏହି ବାର ସକାଳ ୧୦ଟାରୁ ରାତ୍ର ୧୦ଟା ଯାଏ ଖୋଲିବାର ବ୍ୟବସ୍ଥା ଥିବାବେଳେ ଏହା ଅଧିକାଂଶ ସମୟରେ ଖୋଲା ରହୁଥିବା ନେଇ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିବା ପରେ ମଧ୍ୟ ଫଳ ଶୂନ । ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି ।

# ରୋଟାରୀ କ୍ଲବ ପକ୍ଷରୁ ୧୨୫ୟୁନିଟ ରକ୍ତ ସଂଗ୍ରହ



**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର ରୋଟାରୀ କ୍ଲବ୍ ଆୟୋଜନରେ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଚୌଦ୍ୱାର ରକ୍ତଦାତା ସଂଘ ଓ ଆମ ଓଡ଼ିଶା ସହଯୋଗରେ କପାଳେଶ୍ୱରସ୍ଥିତ ଆର.ଡି. ହାଉସ୍‌ରେ ଆୟୋଜିତ ଏହି ଶିବିରକୁ ରୋଟାରୀ ଜିଲ୍ଲା ଗଭର୍ଣ୍ଣର ମନୋଜ କୁମାର ତ୍ରିପାଠୀ, ଶିକ୍ଷାବିତ୍ ତ୍ରିଦେବ ବେହେରା, ଅଧ୍ୟାପିକା ସସ୍ମିତା ପଟ୍ଟନାୟକ ପ୍ରମୁଖ ଉଦ୍‌ଘାଟନ କରିଥିଲେ । ଶିବିରରୁ ମୋଟ ୧୨୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । କଟକ ରେଡ଼କ୍ରସ୍ ବ୍ଲଡ଼ ବ୍ୟାଙ୍କର କର୍ମକର୍ତ୍ତାମାନେ ରକ୍ତ ସଂଗ୍ରହ କରିଥିଲେ । ରୋଟାରିଆନ୍ ସଂଜିତ ଜେନା, ରବିନ୍ଦ୍ର କୁମାର ସାହୁ, କାଉନସିଲର ସୁବ୍ରତ ସାମଲ, ରାଜକିଶୋର ସାମନ୍ତରାୟ, ବିକାଶ କୁମାର ଗିରି, ବିଶ୍ୱକଲ୍ୟାଣ ଦାସ, କ୍ଷୀତିନ୍ଦ୍ରନାଥ କାନୁନଗୋ, ରମେଶ ବରାଳ, ପ୍ରତାପ ଶତପଥୀ, ଜୟଶ୍ରୀ ମହାନ୍ତି, ଭାରତୀ ମହାନ୍ତି ପ୍ରମୁଖ ଶିବିର ପରିଚାଳନା କରିଥିଲେ ।

# ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି ଦରଗଡ଼ିଶିଳା

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ପ୍ରକୃତିର ବରଦାନ କେନ୍ଦୁଝର । ସବୁଜ ବନାନୀ ଜଙ୍ଗଲ, ଝରଣା, ଡ୍ୟାମ୍ ତା’ ସାଙ୍ଗକୁ ଉଚ୍ଚ ଉଚ୍ଚ ପାହାଡ଼ । ବନ୍ୟଜନ୍ତୁଙ୍କୁ ନିକଟରୁ ଦେଖିବା ପାଇଁ ସଫାରୀର ବ୍ୟବସ୍ଥା । ଯାହା ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି । ବିଶେଷ କରି ଅଟେଇ ଜଙ୍ଗଲ ପ୍ରକୃତିପ୍ରେମୀଙ୍କ ପାଇଁ ବରଦାନ । ସବୁଜିମା ଜଙ୍ଗଲ ଓ ବିଭିନ୍ନ ବିରଳ ବୃକ୍ଷ ପର୍ଯ୍ୟଟକଙ୍କୁ ଏଠାକୁ ଟାଣୁଛି । ବର୍ଷସାରା ସେଥିପାଇଁ ପର୍ଯ୍ୟଟକମାନେ ଏଠାକୁ ଛୁଟି ଆସୁଛନ୍ତି । ଘଟଗାଁ ନିକଟରେ ସଂରକ୍ଷିତ ଜଙ୍ଗଲ ଅଟେଇ ହେଉଛି ମହାବଳ ବାଘଙ୍କ ଘର । ଏହାକୁ ଦୃଷ୍ଟିରେ ରଖି ଅଟେଇ ଜଙ୍ଗଲରେ ସଫାରୀ ବ୍ୟବସ୍ଥା ଗତବର୍ଷ ଠାରୁ ଆରମ୍ଭ କରାଯାଇଛି । ପର୍ଯ୍ୟଟକଙ୍କୁ ବୁଲାଇବା ପାଇଁ ବନବିଭାଗ ପକ୍ଷରୁ ଏକ ଅଭିନବ ପ୍ରୟାସ ହୋଇଛି । ମୁର୍ଗାପାହାଡ଼ି ଠାରୁ କଦାବାହାଲି ପର୍ଯ୍ୟନ୍ତ ୪୦ କିମି ଦୂରତ୍ୱ ଜଙ୍ଗଲରେ ସ୍ୱତନ୍ତ୍ର ଗାଡ଼ିରେ ବୁଲିବାର ବ୍ୟବସ୍ଥା ହୋଇଛି । ଏହାସହ ଦରଗଡ଼ିଶିଳାରେ ରାତ୍ରିଯାପନ ପାଇଁ ପ୍ରଥମ ପର୍ଯ୍ୟାୟରେ ୫ଟି ସ୍ଥାୟୀ ଶିବିର ନିର୍ମାଣ କରାଯାଉଛି । ୧ କୋଟି ଟଙ୍କା ବିନିଯୋଗରେ ଏହାର ଭିତ୍ତିଭୂମି କରାଯାଉଛି ।



ନିକଟରେ ଗ୍ଲୋବାଲ ଟେଣ୍ଡର ହେବା ପରେ ରାଜସ୍ଥାନର ଏକ ସଂସ୍ଥା ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛି । ଇଲେକ୍ଟ୍ରି ସଂଯୋଗ ବ୍ୟବସ୍ଥା ସହିତ ରାସ୍ତା କାମ ମଧ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଅତ୍ୟାଧୁନିକ ଶୀତତାପ ନିୟନ୍ତ୍ରିତ ଏବଂ ଆଦିବାସୀ ସଭ୍ୟତାରେ ପରିପୂର୍ଣ୍ଣ ଇକୋ ରିଟ୍ରିଟ୍‌ଗୁଡିକ ବେଶ୍ ଆକର୍ଷଣୀୟ କରାଯାଉଛି । ମେ’ ମାସ ଠାରୁ ପର୍ଯ୍ୟଟକମାନେ ଅନ୍‌ଲାଇନ୍ ବୁକିଂ କରି ରାତ୍ରିଯାପନ କରିବେ ବୋଲି ଲକ୍ଷ୍ୟ ରଖାଯାଇଛି ବୋଲି ଡିଏଫ୍ ଓ ଧନରାଜ ଏଚ୍‌ଡି କହିଛନ୍ତି । ଦରଗଡ଼ିଶିଳାରେ ଏହି ଇକୋ ରିଟ୍ରିଟ୍ ପରିଚାଳନା ଦାୟିତ୍ୱ ସ୍ଥାନୀୟ ବନସୁରକ୍ଷା ସମିତିକୁ ହସ୍ତାନ୍ତର କରାଯିବ । ରାତିରେ ରହଣୀ ସମୟରେ ସଂପୂର୍ଣ୍ଣ କେନ୍ଦୁଝର ଖାଦ୍ୟ ପରିବେଷଣ କରାଯିବ ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ପର୍ଯ୍ୟଟକଙ୍କ ମନମୋହିବା ଭଳି ପଦକ୍ଷେପ ନିଆଯିବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି । ଆମୋଦପ୍ରମୋଦ ପାଇଁ ଏହା ଏକ ମାଇଲଖୁଣ୍ଟ ହେବ ବୋଲି ଚର୍ଚ୍ଚା ହେଉଛି ।

ସେହିପରି କାଞ୍ଜିପାଣି ସହିତ ସାନଘାଗରାରେ ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା ଆହୁରି କରାଯାଉଛି । କେନ୍ଦୁଝର ବନଖଣ୍ଡରେ ୩ଟି ସ୍ଥାନରେ ନେଚର କ୍ୟାମ୍ପ ପର୍ଯ୍ୟଟକଙ୍କ ପାଇଁ ନୂଆ ସମ୍ଭାବନା ସହିତ ଭରପୂର ମଜା ଉଠାଇବା ପାଇଁ ସଜେଇ ହେଉଛି । ଏହାସହିତ ପର୍ଯ୍ୟଟକମାନେ ଆଗ୍ରହୀ ହେଲେ ଆଦିବାସୀ ନୃତ୍ୟ ଉପଭୋଗ କରିବା ସହିତ ୱାଇଲ୍ଡ ଲାଇଫ୍ ମୁଭି(ଦେୟ ଯୁକ୍ତ)ର ବ୍ୟବସ୍ଥା କରାଯିବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି । ଏ ସମ୍ପର୍କରେ ଡିଏଫ୍‌ଓ ଧନରାଜ ଏଚ୍‌ଡି କୁହନ୍ତି, ସାନଘାଗରା ପ୍ରକୃତି ନିବାସରେ ବର୍ଷସାରା ପର୍ଯ୍ୟଟକମାନେ ବୁକିଂ କରି ରାତ୍ରୀଯାପନ କରୁଛନ୍ତି । କାଞ୍ଜିପାଣି ଏବଂ ଦରଗଡ଼ିଶିଳାରେ ମଧ ରାତ୍ରୀଯାପନର ନିଆରା ଅନୁଭୁତି ପର୍ଯ୍ୟଟକ ନେବା ଭଳି ବ୍ୟବସ୍ଥା କରାଯାଉଛି । ଏପ୍ରିଲ ମାସ ସୁଦ୍ଧା ଏହାର ନିର୍ମାଣ ସଂପୂର୍ଣ୍ଣ ହୋଇଯିବ ବୋଲି ଡିଏଫ୍‌ଓ କହିଛନ୍ତି ।

# ରାସ୍ତା କାମରେ ବ୍ୟାପକ ଅନିୟମିତତା ଅଭିଯୋଗ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଅଞ୍ଚଳରେ ଚାଲିଥିବା (ନଳାଙ୍ଗ ଠାରୁ ବେତରା) ରାସ୍ତା କାମରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଛି । ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ଥିବା ସଲାସୁତୁରା ଯୋଗୁଁ ଟେଣ୍ଡର ଅବଧି ଶେଷ ହୋଇଥିଲେ ମଧ କାମ ସରିବାର ନାଁ ଧରୁନି । ଫଳରେ ଯାତାୟାତ ପାଇଁ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅଧପନ୍ତରିଆ ରାସ୍ତାରେ ମେଟାଲ ଓ ବାଲି ପଡ଼ି ରହିଥିବାରୁ ଦୈନନ୍ଦିନ ଅନେକ ଲୋକ ଖଣ୍ଡିଆ ଖାବରା ହେଉଛନ୍ତି । ନିର୍ଦ୍ଧାରିତ ସମୟ ସୀମା ଅତିକ୍ରମ କରିଥିଲେ ମଧ ପ୍ରଶାସନ ପକ୍ଷରୁ ଠିକାଦାରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । ଅଞ୍ଚଳର ପ୍ରସିଦ୍ଧ ଐତିହାସିକ ଶ୍ରୀରାମ ନଗର ଶୋଭାଯାତ୍ରା ସମୟ ପାଖେଇ ଆସୁଛି । ଏହି ସମୟରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେବାର ଥିବାବେଳେ ବିପର୍ଯ୍ୟସ୍ତ ରାସ୍ତା ଏବେ ଚିନ୍ତାର କାରଣ ସାଜିଛି । ଯଦି ଶୋଭାଯାତ୍ରା ପୂର୍ବରୁ ରାସ୍ତା ମରାମତି କାମ ସମ୍ପୂର୍ଣ୍ଣ ନହୁଏ, ତେବେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ବାସିନ୍ଦା ଚେତାବନୀ ଦେଇଛନ୍ତି ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ବାପାମା'ଙ୍କ ଯତ୍ନ ନ ନେଲେ କଟିବ ଦରମା

ତେଲଙ୍ଗାନା ବିଧାନସଭାରେ ରବିବାର 'ତେଲଙ୍ଗାନା ଏମ୍ପ୍ଲଇଜ୍ ଆକାଉଣ୍ଟାବିଲିଟି ଆଣ୍ଡ୍ ମନିଟରିଂ ଅଫ୍ ପ୍ୟାରେଣ୍ଟାଲ ସର୍ପୋଟ ବିଲ୍ ୨୦୨୬' ଗୃହୀତ ହୋଇଛି । ବରିଷ୍ଠ ନାଗରିକଙ୍କ ଆର୍ଥିକ ନିରପତ୍ତା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏହି ବିଲ୍ ଅଣାଯାଇଛି । ଏହା ଅନୁସାରେ, ପିତାମାତାଙ୍କ ଯତ୍ନ ନ ନେଲେ ଉଭୟ ସରକାରୀ ଏବଂ ବେସରକାରୀ କର୍ମଚାରୀଙ୍କ ସମେତ ଜନପ୍ରତିନିଧିଙ୍କ ଦରମା କଟିବ । ମୁଖ୍ୟମନ୍ତ୍ରୀ ଏ. ରେବନ୍ତ ରେଡ୍ଡୀ କହିଛନ୍ତି, ଏହି ବିଲ୍ ଏବେର କେନ୍ଦ୍ରୀୟ ଆଇନଠାରୁ ଆଉ ପାଦେ ଆଗକୁ ଯାଇ କାମ କରିବ । ଦେଶରେ ପୂର୍ବରୁ 'ପିତାମାତା ଏବଂ ବରିଷ୍ଠ ନାଗରିକଙ୍କ ଭରଣପୋଷଣ ଓ କଲ୍ୟାଣ ଆଇନ-୨୦୦୭' ରହିଛି । ତେବେ ତେଲଙ୍ଗାନାର ଏହି ନୂଆ ବିଲ୍‌ରେ ଜନପ୍ରତିନିଧି ଏବଂ ବେସରକାରୀ କର୍ମଚାରୀଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଥିବା ରେଡ୍ଡୀ ପ୍ରକାଶ କରିଛନ୍ତି । ଏହି ବିଲ୍ ଅନୁଯାୟୀ, ଜନ ପ୍ରତିନିଧି, ସରକାରୀ ଏବଂ ବେସରକାରୀ କର୍ମଚାରୀମାନେ ସେମାନଙ୍କ ବୃଦ୍ଧ ପିତାମାତାଙ୍କ ଯତ୍ନ ନେବା ବାଧ୍ୟତାମୂଳକ । ଏହାର ଉଲ୍ଲଂଘନ କଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ଦରମାରୁ ୧୫ ପ୍ରତିଶତ କିମ୍ବା ୧୦ ହଜାର ଟଙ୍କା (ଯେଉଁଟା କମ୍ ଥିବ) କଟିବ । ସେହି ଟଙ୍କା ସେମାନଙ୍କ ପିତାମାତାଙ୍କୁ ପ୍ରଦାନ କରାଯିବ । ମୁଖ୍ୟମନ୍ତ୍ରୀ ରେଡ୍ଡୀ ବ୍ୟବସାୟୀ ବିଜୟପତ ସିଂଘାନିଆଙ୍କ ଉଦାହରଣ ଦେଇଥିଲେ, ଯିଏ କି ତାଙ୍କର ସମସ୍ତ ସମ୍ପତ୍ତି ନିଜ ପୁଅକୁ ଦେଇଥିଲେ । ଏହାପରେ ତାଙ୍କୁ ଘରୁ ବାହାରିଯିବାକୁ ପଡ଼ିଥିଲା । ରେଡ୍ଡୀ ଆହୁରି କହିଛନ୍ତି, ରାଜ୍ୟ ସରକାର ସାମାଜିକ ଦାୟିତ୍ୱବୋଧ ଭାବେ ଏହି ବିଲ୍ ଆଣିଛନ୍ତି । ଏହା ଅନ୍ୟ ସାଧାରଣ ଆଇନ ପରି ନୁହେଁ । ଏହା ଲୋକଙ୍କ ମଧ୍ୟରେ ନୈତିକ ମୂଲ୍ୟବୋଧ ଜାଗ୍ରତ କରିବ । ଯେଉଁମାନେ ନିଜ ପିତାମାତାଙ୍କୁ ଅବହେଳା କରିବେ ସେମାନେ ଆଇନ ପରିସରକୁ ଆସିବେ । ଏପରି ହେଲେ ସେମାନେ ପିତାମାତାଙ୍କ ଯତ୍ନ ନେବାକୁ ବାଧ୍ୟ ହେବେ । ଯେଉଁ ସନ୍ତାନମାନେ ପିତାମାତାଙ୍କୁ ଅବହେଳା କରୁଛନ୍ତି ସେମାନଙ୍କୁ ସଜାଡ଼ି ଠିକ୍ ବାଟକୁ ଆଣିବା ସମାଜର ଦାୟିତ୍ୱ । କିନ୍ତୁ ରାଜ୍ୟକୁ ଏଭଳି ଆଇନ ପ୍ରଣୟନ କରିବାକୁ ପଡ଼ିବା ଦୁର୍ଭାଗ୍ୟଜନକ । ଯେଉଁମାନେ ନିଜ ମାତାପିତାଙ୍କୁ ଅବହେଳା କରନ୍ତି ସେମାନଙ୍କର ସମାଜରେ ବଞ୍ଚି ରହିବାର ଅଧିକାର ନାହିଁ ବୋଲି ରେବନ୍ତ ରେଡ୍ଡୀ କହିଛନ୍ତି । ବିଜେପି ମଧ୍ୟ ଏହି ବିଲକୁ ସମର୍ଥନ କରିଛି । ବିଜେପି ବିଧାୟକ ପାୟଲ ଶଙ୍କର କହିଛନ୍ତି, ଏପରି ବିଲ୍ ଅଣାଯିବା ପ୍ରଥମ ଘଟଣା । ତେବେ ଦଣ୍ଡ ବାବଦ ଆର୍ଥିକ ରାଶି ଅଧିକ ବୃଦ୍ଧି କରାଯିବାକୁ ସେ ପ୍ରସ୍ତାବ ଦେଇଛନ୍ତି । ଖାଲି ତେଲେଙ୍ଗାନାରେ ନୁହେଁ ଓଡ଼ିଶା ସମେତ ସମସ୍ତ ରାଜ୍ୟରେ ଏହି ଆଇନ ପ୍ରଣୟନ କରାଗଲେ ବୃଦ୍ଧ ପିତାମାତାଙ୍କୁ ଆଉ ଅସହାୟ ଜୀବନ ନିର୍ବାହ କରିବାକୁ ପଡିବନି।

# ଚୈତ୍ର ମାସର ମଙ୍ଗଳା ଓଷା



ପବିତ୍ର ମୋହନ ବାରିକ
ଅଧ୍ୟାପକ, ଇତିହାସ ବିଭାଗ
ମଦନପୁର, ଖୋର୍ଦ୍ଧା
ମୋ-୮୮୯୫୧୯୦୪୭୫

ଶକ୍ତି ପରମ୍ପରାରେ ମା' ମଙ୍ଗଳା ଦେବୀଙ୍କ ସ୍ଥାନ ସ୍ୱତନ୍ତ୍ର । ଲୋକ ଦେବୀ ଭାବେ ମା' ମଙ୍ଗଳାଙ୍କର ମହିମା ଅପାର । କଲ୍ୟାଣମୟୀ,ସ୍ନେହମୟୀ ତଥା ମଙ୍ଗଳମୟୀ ଦେବୀ ମଙ୍ଗଳା ଗ୍ରାମ ଦେବତୀ ରୂପେ ଓଡିଶାର ପ୍ରାୟ ଅଧିକାଂଶ ଗ୍ରାମରେ ମା ମଙ୍ଗଳା ପୂଜା ପାଉଛନ୍ତି । ପ୍ରତ୍ୟେକ୍ଷ ଦେବୀ ରୂପେ ମା' ମଙ୍ଗଳାଙ୍କର ଖ୍ୟାତି ଓ ମାହାତ୍ମ୍ୟ ସର୍ବଜନ ବିଦିତ । ଭାବ, ଭକ୍ତି, ନିଷ୍ଠା ଓ ଆଗ୍ରହର ସହ ମା' ଙ୍କୁ ସ୍ମରଣ କଲେ ମନସ୍କାମନା ପୁରଣ ହେବା ସହିତ ବିପଦ ଦୂରୀଭୂତ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଲୋକ ଦେବୀ ଭାବେ ମା' ମଙ୍ଗଳା ଓଡିଆ ଜନଜୀବନ ସହିତ ନିବିଡ ଭାବେ ସଂପୃକ୍ତ ଅଟନ୍ତି । ସନ୍ତାନ ବତ୍ସଳା ମା ମଙ୍ଗଳା କଲ୍ୟାଣମୟୀ ଅଟନ୍ତି । ସର୍ବମଙ୍ଗଳା ସ୍ତୁତିରେ ମା' ଙ୍କର ମହିମା ଅତି ଅଲୌକିକ ଶୈଳିରେ ବର୍ଣ୍ଣନା କରାଯାଇଅଛି । ସର୍ବସାଧାରଣଙ୍କର ସର୍ବ ମଙ୍ଗଳ ସାଧନ କରୁଥିବାରୁ ସେ ସର୍ବମଙ୍ଗଳା ନାମ ଧାରଣ କରିଛନ୍ତି । ଚଣ୍ଡୀ ଶବ୍ଦର ଅର୍ଥ ସମର୍ଥ ଓ ମଙ୍ଗଳ ଶବ୍ଦ କଲ୍ୟାଣ ଅଟେ । ସମସ୍ତ ମଙ୍ଗଳ କରିବାର ଯେଉଁ ଦେବୀ ସମର୍ଥ ତାଙ୍କୁ ମଙ୍ଗଳଚଣ୍ଡୀ କୁହାଯାଏ । ଦେବୀଙ୍କର ମୂଳମନ୍ତ୍ର ସ୍ୱରୂପ ହେଉଛି-

ସର୍ବପୂଜ୍ୟତମ ଦେବୀ ମଙ୍ଗଳ ଚଣ୍ଡିକା
ଭକତ ବତ୍ସଳା ଗତି ମୁକତି ଦାୟିକା
ଏହିରୂପେ ମୂଳ ମନ୍ତ୍ର ସ୍ୱରୂପ ଅଟଇ
ଅଶେଷ କାମନା ପୂର୍ଣ୍ଣ କରଇଟି ଏହି

ସଙ୍କଟହାରିଣୀ, ଦୁଷ୍ଟବିନାଶିନୀ, ଜଗତଜନନୀ ମା' ମଙ୍ଗଳା ଅଷ୍ଟକୀଳା ଶକ୍ତି ମଧ୍ୟରେ ଅନ୍ତର୍ଭୁକ୍ତ । ପ୍ରାଚୀ ନଦୀ ଅବବାହିକାର କାକଟପୁରରେ ମା'ଙ୍କର ମୂଳ ଆସ୍ଥାନ ଅବସ୍ଥିତ । ମା'ଙ୍କର ଆବିର୍ଭାବ ସମ୍ପର୍କରେ ଅନେକ ଲୋକ କଥା, କିମ୍ବଦନ୍ତି ଓ ଇତିହାସ ରହିଛି । ଶ୍ରୀଜଗନ୍ନାଥ ସଂସ୍କୃତିରେ ଓ ନବକଳେବର ଅବସରରେ ମା' ମଙ୍ଗଳାଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ମା' ମଙ୍ଗଳାଙ୍କର ସ୍ଥିତି ଓ ତତ୍ତ୍ୱ ମୂଳତଃ ଏକ ଓ ଅଭିନ୍ନ । ତନ୍ତ୍ରପୀଠ କାକଟପୁର ମା' ମଙ୍ଗଳାଙ୍କ ଝାମୁଯାତ୍ରା ତନ୍ତ୍ର ସାଧନା ଓ ପରମ୍ପରାର ଶ୍ରେଷ୍ଠ ନିଦର୍ଶନ । ବାମାଚାରୀ ତାନ୍ତ୍ରିକମାନେ ସିଦ୍ଧି ଲାଭ କଲାପରେ କାକଟପୁର ମା' ମଙ୍ଗଳାଙ୍କ ପୀଠରେ ଏକତ୍ରିତ ହୋଇ ମା' ଙ୍କୁ ପୂଜାର୍ଚ୍ଚନା କରିବା ସହିତ ମୁକ୍ତି ପାଇଁ ପ୍ରାର୍ଥନା କରନ୍ତି । ତନ୍ତ୍ରପୀଠ ଗ୍ରନ୍ଥରେ ତାନ୍ତ୍ରିକ ହଟଯୋଗୀ ଜୀବନାନନ୍ଦ ସ୍ୱାମୀ ଏ ସମ୍ପର୍କରେ ଉଲ୍ଲେଖ କରିଛନ୍ତି । କୁହାଯାଏ ଶ୍ରୀକ୍ଷେତ୍ରକୁ ସୁରକ୍ଷା ଦେବା ନିମନ୍ତେ ଅଷ୍ଟକୀଳା ବା ଅଷ୍ଟଚଣ୍ଡୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ସେମାନେ ହେଲେ ମା ମଙ୍ଗଳା, ଭଗବତୀ, ଚର୍ଚ୍ଚିକା, ସାରଳା, ହରଚଣ୍ଡୀ, ରାମଚଣ୍ଡୀ, ଅଲାମଚଣ୍ଡୀ ଓ ତାରିଣୀ । ଦେବୀ ପୁରାଣରୁ ଜଣାଯାଏ ମହିଷାସୁର ସହ ଯୁଦ୍ଧ ବେଳେ ମା' ମଙ୍ଗଳାଙ୍କର ଆବିର୍ଭାବ ଘଟିଥିଲା । ମା' ମଙ୍ଗଳା ଲଙ୍କାର ଅଧିଷ୍ଠାତ୍ରୀ ଦେବୀ ଏହା ପୁରାଣରେ ଉଲ୍ଲେଖ ଅଛି । ବର୍ତ୍ତମାନ ଦେବୀ କାକଟପୁରରେ ଅଧିଷ୍ଠିତ ହେଲେ ମଧ୍ୟ ଏହି ସ୍ଥାନ ଦେବୀଙ୍କ ନାମରେ ନାମିତ ନହୋଇ କାକଟପୁର ନାମରେ ନାମିତ । କାରଣ ଏହି ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି କାକଟେଇ । ତେଣୁ ତାଙ୍କର ନାମାନୁସାରେ ଗ୍ରାମର ନାମ ହେଲା କାକଟପୁର । କଥିତ ଅଛି ମା' ମଙ୍ଗଳା ପ୍ରାଚୀ ନଦୀରେ ଅନ୍ତର୍ହିତ ହେବାରୁ ପୁରୀ ଗଜପତି ରାଜା ହଟ ଦୀକ୍ଷିତ ଓ ବଟ ଦୀକ୍ଷିତ ଦୁଇ ତାନ୍ତ୍ରିକଙ୍କୁ ଦାୟିତ୍ୱ ଦେଇଥିଲେ ଦେବୀଙ୍କୁ ଉଦ୍ଧାର କରିବା ନିମନ୍ତେ । ଦୁଇ ତାନ୍ତ୍ରିକ ଦେବୀଙ୍କୁ ଉଦ୍ଧାର କରି ନ ପାରି ଚୈତ୍ର ମାସର ଶେଷ ମଙ୍ଗଳବାର ଦିନ ଯଜ୍ଞକୁଣ୍ଡରେ ନିଜକୁ ଆତ୍ମାହୁତି ଦେବାକୁ ଉଦ୍ୟମ କରିବା ସମୟରେ ଦେବୀ ଆବିର୍ଭୂତ ହେଲେ । ସେହିଦିନଠାରୁ ଚୈତ୍ରମାସର ଶେଷ ମଙ୍ଗଳବାର ଦିନ ମା' ମଙ୍ଗଳାଙ୍କ ପୀଠରେ ଝାମୁଯାତ୍ରା ଆୟୋଜିତ ହୋଇଆସୁଛି । ଚୈତ୍ରମାସର ପ୍ରତ୍ୟେକ ମଙ୍ଗଳବାର ପାଣିତୋଳା ନାମରେ ଅଭିହିତ ହେଉଅଛି । ମା' ମଙ୍ଗଳା ଦେବୀଙ୍କୁ କେନ୍ଦ୍ର କରି ଅନେକ ଓଷା, ବ୍ରତ, ଉପବାସ, ଆରାଧନା ପ୍ରଭୃତି ଆଧାରିତ । ସର୍ବମଙ୍ଗଳା ସ୍ତୁତି ମା'ମଙ୍ଗଳାଙ୍କ ଅଲୌକିକ ଓ ଐଶ୍ୱରୀୟ ଚେତନାକୁ ଭକ୍ତମାନଙ୍କ ନିକଟରେ ପହଁଞ୍ଚାଇଥାଏ । ଭାଦ୍ରବ ମାସର ପ୍ରତ୍ୟେକ ରବିବାର ସନ୍ଧ୍ୟାରେ କୁମାରୀମାନେ ଖୁଦୁରୁକୁଣୀ ଓଷା ପାଳନ କରନ୍ତି । ଖୁଦୁରୁକୁଣୀ ଓଷାର ଆରାଧ୍ୟା ଦେବୀ ମା' ମଙ୍ଗଳା ଓ ତାଙ୍କ ପ୍ରତି ଏହି ଓଷା ସମର୍ପିତା ଖୁଦୁରୁକୁଣୀ ଓଷା ବହିର ରଚୟତା ଗୋପୀନାଥ ଦାସ । ଭୀମା ଧୀବରଙ୍କ ଖୁଲଣାସୁନ୍ଦରୀ ମା' ମଙ୍ଗଳାଙ୍କ ମହିମାକୁ ଆଧାରକରି ବିରଚିତ । ଖୁଦୁରୁକୁଣୀ, ଖୁଲଣାସୁନ୍ଦରୀ ଓ ଅନ୍ୟାନ୍ୟ ଓଷା, ବ୍ରତର କଥା ପ୍ରାଚୀନ ଦରିଆ ପାରି ନୌବାଣିଜ୍ୟର ପରମ୍ପରା ଓ ସାଧବ ଘରର କଥା ଉଲ୍ଲେଖ ଅଛି । ତେଣୁ ବିଶ୍ୱାସ ଅଛି ମା' ମଙ୍ଗଳା ନୌବାଣିଜ୍ୟର ଇଷ୍ଟ ଦେବୀ ଓ ସେ ନୌକାର ମଙ୍ଗରେ ଅବସ୍ଥାନ କରନ୍ତି । ଓଡିଆ ଆଧାତ୍ମିକ ଓ ସାମାଜିକ ଜୀବନରେ ମା' ମଙ୍ଗଳାଙ୍କୁ ଭିତ୍ତିକରି ଅନେକ ଓଷା, ବ୍ରତ ରହିଛି । ସେମାନଙ୍କ ମଧ୍ୟରେ ପଚ୍ଚେଇ ମଙ୍ଗଳବାର ଓଷା ଅନ୍ୟତମ । ଏହା ବର୍ଷର ପ୍ରତ୍ୟେକ ମଙ୍ଗଳବାର ଦିନ ପାଳନ କରାଯାଏ । ଆଶ୍ୱିନ ମାସର ପ୍ରତ୍ୟେକ ମଙ୍ଗଳବାର ନିଶାର୍ଦ୍ଧରେ ମା ମଙ୍ଗଳାଙ୍କୁ ପୂଜା କରାଯାଏ । ଯାହା ନିଶା ମଙ୍ଗଳବାର ନାମରେ କଥିତ । ମା' ମଙ୍ଗଳାଙ୍କର ମଧ୍ୟ ଷୋଳ ପାଳି ମଙ୍ଗଳବାର ଓଷା ପାଳନ କରାଯାଏ । ଉତ୍ତରାୟଣୀ ମଙ୍ଗଳା ଓଷା ମଧ୍ୟ ମା' ମଙ୍ଗଳାଙ୍କୁ ସମର୍ପିତ ।



ଏମାନଙ୍କ ମଧ୍ୟରେ ଚୈତ୍ର ମଙ୍ଗଳବାର ଓଷା ପ୍ରମୁଖ ଅଟେ ।

ଚୈତ୍ର ମଙ୍ଗଳବାର ଓଷାକୁ ନେଇ ରହିଛି ଅନେକ କଥା କାହାଣୀ । ସେ ସମସ୍ତ କଥା କାହାଣୀର ସାରମର୍ମ ପ୍ରାୟ ସମାନ ହେଲେ ହିଁ ରଚନାର ନୀତି ଶୈଳି ଭିନ୍ନ ହୋଇଥାଏ । ଏହି ଓଷାର ବିଷୟ ବସ୍ତୁରେ ସମାଜର ଦୁର୍ବଳ, ଅବହେଳିତ ଓ ନିଷ୍ପେଷିତ ବର୍ଗ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି । ଚୈତ୍ର ମଙ୍ଗଳବାର ଓଷାର ସାରମର୍ମ ସମାଜର ଅବହେଳିତ ଓ ଗୋଷ୍ଠୀର ପ୍ରାଧାନ୍ୟ ବୃଦ୍ଧି କରିବା । କଥା ବସ୍ତୁର ସୂଚନା ଅନୁଯାୟୀ ଏହି ଓଷାକୁ ସ୍ୱର୍ଗରେ ତନ୍ତ୍ରକୁମାରୀ ତଥା ଅଦ୍ୱିତୀୟା ସିଦ୍ଧ ସାଧକ ନିତେଇ ଧୋବଣୀ ଓ ମର୍ତ୍ତ୍ୟରେ ଚଇତି ଚଣ୍ଡାଲୁଣୀ ଅନ୍ୟତମ ସଫଳ ସାଧିକା ପାଳନ କରୁଥିଲେ । ଚୈତ୍ର ମଙ୍ଗଳବାର ଓଷାର କଥାବସ୍ତୁ ଅନୁଯାୟୀ ଏକ ଦେଶରେ ଜଣେ ରାଜା ଥିଲେ । ଧର୍ମ ଧାରଣା, ଓଷା, ବ୍ରତ ଓ ପ୍ରଭୁଙ୍କ ପ୍ରତି ତାଙ୍କର ତିଳେମାତ୍ର ଆଗ୍ରହ ବା ଶ୍ରଦ୍ଧା ନଥିଲା । ଐଶ୍ୱରୀୟ ଚିନ୍ତା, ଚେତନା, ଭକ୍ତି ଭାବକୁ ସେ ବିଶ୍ୱାସ କରୁନଥିଲେ । ସେହି ଅହଂକାରୀ ରାଜାଙ୍କୁ ଉଚିତ୍ ଶିକ୍ଷା ଦେବା ପାଇଁ ଭଗବାନ ବିଷ୍ଣୁ ମା' ମଙ୍ଗଳାଙ୍କୁ ଅନୁରୋଧ କଲେ । ମା' ମଙ୍ଗଳା ଚୈତ୍ରମାସ ମଙ୍ଗଳବାର ଦିନ ବୃଦ୍ଧା ବେଶ ଧାରଣ କରି କେନ୍ଦୁଫଳ ଓ ଚାରକୁ ବିକ୍ରୟ କରିବା ଉଦ୍ଦେଶ୍ୟରେ ରାଜ ନଅରରେ ପ୍ରବେଶ କଲେ । ରାଜ ନଅରରେ କେହି କେନ୍ଦୁ ଓ ଚାର କିଣିଲେ ନାହିଁ । ବୃଦ୍ଧାରୂପୀ ମା' ମଙ୍ଗଳାଙ୍କ ବେଶ ପରିପାଟୀ ଦେଖି ତାଙ୍କୁ ସେଠାରୁ ଘଉଡାଇ ଦେଲେ । ଫେରୁଥିବା ସମୟରେ ମା' ମଙ୍ଗଳାଙ୍କର ଜଣେ ଚଣ୍ଡାଳୁଣୀଙ୍କ ସହିତ ସାକ୍ଷାତ ହେଲା । ସେ ମଙ୍ଗଳବାର ପୂଜା କରିବା ପାଇଁ ପୁଜା ସାମଗ୍ରୀ ଧରି ଫେରୁଥିଲେ । ମା' ମଙ୍ଗଳା ସେ ଚଣ୍ଡାଳୁଣୀକୁ ନିଜର ପରିଚୟ ଦେଲେ ଏବଂ ତାଙ୍କର ସାତ ପୁତ୍ର ଓ ଗୋଟିଏ କନ୍ୟା ହେବା ପାଇଁ ଆଶୀର୍ବାଦ ପ୍ରଦାନ କଲେ । ତାଙ୍କର କରୁଣାରୁ ଏହା ସାକାର ହେଲା । ରାଜା ନିଃସନ୍ତାନ ଥିଲେ । ରାଜା ଦୂତମାନଙ୍କୁ ପଠାଇ ଚଣ୍ଡାଳୁଣୀ ଚୈତ୍ର ମଙ୍ଗଳବାର କରୁଥିବା ପୂଜା ବିଷୟରେ ଜାଣିବାକୁ ଚାହିଁଲେ । ଥରେ ପ୍ରଭାତରେ ରାଜାଙ୍କୁ ଦେଖି ଚଣ୍ଡାଳୁଣୀ କହିଲେ ସକାଳୁ ଆଣ୍ଠୁକୁଡାର ମୁହଁ ଚାହିଁଲି । ରାଜାଙ୍କର ଧର୍ମ ଓ ଭକ୍ତିରେ ବିଶ୍ୱାସ ନଥିଲା । ସେ ଚଣ୍ଡାଳୁଣୀର ସାତ ପୁଅଙ୍କ ପ୍ରତି ଅସହିଷ୍ଣୁ ମନୋଭାବ ପୋଷଣ କରୁଥିଲେ । ରାଜା ଈର୍ଷାନ୍ୱିତ ହୋଇ ଚଣ୍ଡାଳୁଣୀର ସାତପୁଅଙ୍କୁ ହତ୍ୟା କଲେ । ମା' ମଙ୍ଗଳାଙ୍କ ଆଶୀର୍ବାଦରୁ ସେ ସାତପୁଅ ଜିବନ୍ୟାସ ପାଇଲେ । ରାଜା ଯେତେ ଅସୁବିଧାରେ ପକାଇବାକୁ ଚାହିଁଲେ ମଧ୍ୟ ଚଣ୍ଡାଳୁଣୀଙ୍କୁ ମା' ମଙ୍ଗଳା ଉଦ୍ଧାର କରୁଥିଲେ । ରାଜା ପରିଶେଷରେ ନିଜର ଭୁଲ୍ ବୁଝିପାରିଲେ । ରାଜା ଓ ରାଣୀ ଚଣ୍ଡାଳ ଓ ଚଣ୍ଡାଳୁଣୀ ସହିତ ମିତ୍ରତା ସ୍ଥାପନ କରି ଚୈତ୍ର ମଙ୍ଗଳବାର ଓଷା ପାଳନ କଲେ । ଭିନ୍ନ-ଭିନ୍ନ ଓଷା ବହିରେ ବର୍ଣ୍ଣନା ଅଛି ଚଣ୍ଡାଳୁଣୀ ଭିନ୍ନ-ଭିନ୍ନ ପାଳିରେ ଗଞ୍ଜେଇ, ପଣା, କୁକୁଡା, ଡିମ୍ବ, ମଦ, ମାଂସ, ମାଛ ଇତ୍ୟାଦି ଦେଇ ପୂଜା କରୁଥିଲେ । ରାଜା ପୂଜାରେ ସମର୍ପିତ ମଦ, ମାଛ, ମାଂସ ଇତ୍ୟାଦି ଭୋଜନ କଲେ କିନ୍ତୁ ମା'ଙ୍କର ଦୟାରୁ ସେ ସବୁ ମହୁ, ନବାତ ଦୁଗ୍ଧ ଇତ୍ୟାଦିରେ ପରିଣତ ହୋଇଛି । ତେଣୁ ଓଷା ବହିରେ ଉଲ୍ଲେଖ ଅଛି-

ମଦ,ମାଂସ ଭୁଞ୍ଜି ରାଜା ବସିଲେ କ ଯହୁଁ
ଦେଖୁ ଦେଖୁ ମଦ ପାଲଟିଲା ମହୁ
ଅମୃତ ହୋଇଲା ମାଂସ, ମଦ ହେଲା ଦୁଗ୍ଧ
ଦେଖିଣ ଯେ ମହାରାଜା ସ୍ତବଧ

ତେଣୁ ଏଥିରୁ ଜଣାଯାଏ ପୂର୍ବେ ସାଧାରଣ ଆଦିବାସୀ ମହିଳାମାନେ ଆମିଷ ଭୋଗ ଦେଇ ମା' ଙ୍କୁ ପୂଜା କରୁଥିଲେ । କିନ୍ତୁ କାଳକ୍ରମେ ଏହି ଆମିଷ ଭୋଗ ପ୍ରଥା ଲୋପ ପାଇଲା । ମା' ମଙ୍ଗଳା ପରମ ବୈଷ୍ଣବୀ ଅଟନ୍ତି । ଚୈତ୍ର ମାସର ପ୍ରତି ମଙ୍ଗଳବାରରେ ଏହି ଓଷା ପାଳନ କରାଯାଏ । ଘରର ଅଗଣା କିମ୍ବା ଦାଣ୍ଡ ଦୁଆରେ ଏକ ବେଦି ସ୍ଥାପନ କରାଯାଏ । ଏହାକୁ ଏକ ବର୍ଣ୍ଣ ଗୋବର ପାଣିରେ ଲିପି ଝୋଟି ପକାଯାଏ । ହଳଦୀଗୁଣ୍ଡରେ ମା' ମଙ୍ଗଳାଙ୍କର ମୂର୍ତ୍ତି ସ୍ଥାପନ କରାଯାଏ । ଘଟ ସ୍ଥାପନା କରାଯାଇ ଜୟ ମା' ମଙ୍ଗଳା ଲେଖାଯାଏ । ଗଙ୍ଗାଜଳକୁ ଛିଞ୍ଚି ପୂଜା ସ୍ଥଳକୁ ପବିତ୍ର କରାଯାଏ । ବେଦିର ଘରର କୋଠରୀମାନଙ୍କରେ ହଳଦି, ସିନ୍ଦୂର, କର୍ପୂର, ଚନ୍ଦନ ପାଣି ଛିଞ୍ଚାଯାଏ । ଏହାପରେ ଯଥାବିଧି ମୁତାବକ ହଳଦି ନିର୍ମିତ ମା' ମଙ୍ଗଳାଙ୍କୁ ପୂଜା କରାଯାଏ । ଭୋଗରୂପେ ମା'ଙ୍କୁ ଖଇ, ଲିଆ, ମୁଆଁ ଇତ୍ୟାଦି ଅର୍ପଣ କରାଯାଏ । ଏହି ପୂଜାରେ ମଦ, ମାଂସ, ମାଛ ଇତ୍ୟାଦି ପୂର୍ବେ ପୂଜା କରାଯାଉଥିଲା । ପୂଜା ଭୋଗ ମଧ୍ୟରେ କେନ୍ଦୁ ଓ କେନ୍ଦୁଚାରର ବ୍ୟବସ୍ଥା ମଧ୍ୟ ରହିଛି । ପୂଜା ବହିରେ ଉଲ୍ଲେଖ ଅଛି-

ଖଇ ମୁଆଁ ନବାତ ଶାକର ଛେନା ପଣା
ଗୁଡ ଦୁଗ୍ଧ କରିଲେ ସେ କିଣା
ଜୟଶ୍ରୀ ମଙ୍ଗଳା ବୋଲି ଘଟରେ ସ୍ଥାପିଲା
ହଳଦୀଗୁଣ୍ଡରେ ଏକ ମୂର୍ତ୍ତି ତିଆରିଲା
ଚଣ୍ଡାଳୁଣୀ ହୀନ ଜାତି ଜାତି ମୋର କେଳା
କିଞ୍ଚିତ ଭକତି ମୋର ଧ୍ୟାନ ମା ମଙ୍ଗଳା
କେନ୍ଦୁ କେନ୍ଦୁଚାର ତହୁଁ ଭୋଗ ଲଗାଇଲା
ଅମୃତ ପଦାର୍ଥମାନ ସବୁ ସମର୍ପିଲା
ଛେଳି, ମେଣ୍ଢା, କୁକୁଡା ଯେ ବଳି ପୂଜା କରି
ଚଣ୍ଡାଳୁଣୀ ଆନନ୍ଦ ହୋଇଲା ପୂଜାସାରି

ଏହିଦିନ ମଧ୍ୟ ଘର, ଦ୍ୱାର ଲିପା ପୋଛା କରାଯାଇ ଓ ଚାଉଳ ବାଟି ଝୋଟି ପକାଯାଏ । ଗୁଡ, କ୍ଷୀର, ଛେନା, କଦଳୀ ଇତ୍ୟାଦିରେ ପଣା ପ୍ରସ୍ତୁତ କରାଯାଇ ମା' ଙ୍କ ନିକଟରେ ଅର୍ପଣ କରାଯାଏ । ପୂଜା ପାଇଁ ଆଠ ଗୋଟି ଦୁବର ମଧ୍ୟ ଆବଶ୍ୟକତା ପଡିଥାଏ । ନାଲି ସୂତାକୁ ତିନି ପରସ୍ତ କରି ଗଣ୍ଠି ପକାଯାଏ । ପ୍ରଥମ ଗଣ୍ଠିରେ ସର୍ବମଙ୍ଗଳା, ଦ୍ୱିତୀୟ ଗଣ୍ଠିରେ କେତୁକା, ତୃତୀୟ ଗଣ୍ଠିରେ ଭଗବତୀ, ଚତୁର୍ଥ ଗଣ୍ଠିରେ ଚକ୍ରବାସିନୀ, ପଞ୍ଚମ ଗଣ୍ଠିରେ କାଳିକା, ଷଷ୍ଠ ଗଣ୍ଠିରେ ଦୁର୍ଗତୀନାଶିନୀ, ସପ୍ତମ ଗଣ୍ଠିରେ ବିନ୍ଧ୍ୟବାସିନୀ ଓ ଅଷ୍ଟମ ଗଣ୍ଠିରେ ହିଙ୍ଗୁଳାଙ୍କ ନାମ ଉଚ୍ଚାରଣ କରି ଗଣ୍ଠି ପକାଯାଏ । ଏହି ଓଷା କଲେ ଅନେକ ସୁଫଳ ମିଳିଥାଏ ବୋଲି ବିଶ୍ୱାସ ଅଛି । ପାରିବାରିକ ସୁଖ, ଶାନ୍ତି, ସୌଭାଗ୍ୟ, ପ୍ରାପ୍ତି ପାଇଁ ଏହି ଚୈତ୍ର ମଙ୍ଗଳବାର ଓଷା କରାଯାଇଥାଏ । ସନ୍ତାନ ପ୍ରାପ୍ତି ପାଇଁ ନାରୀମାନେ ଏହି ଓଷା କରୁଥିବାର ଜଣାଯାଏ । ଚୈତ୍ର ମଙ୍ଗଳବାର ମା' ମଙ୍ଗଳାଙ୍କ ଓଷା ଓଡିଆ ଜାତିର ଅସ୍ମିତା, ପରମ୍ପରା ଓ ସଂସ୍କୃତିର ପ୍ରତୀକ।

# ସାମାଜିକ ଗଣମାଧ୍ୟମ,ସମସ୍ୟା ଓ ପ୍ରତିବନ୍ଧକ



ଶରତ କୁମାର ଦାସ
ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ,
ବଡ଼ବିଲ ମହାବିଦ୍ୟାଳୟ,ବଡ଼ବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

ସାମାଜିକ ଗଣମାଧ୍ୟମ କହିଲେ ଇଣ୍ଟରନେଟ ଆଧାରିତ ମୋବାଇଲ ପ୍ଲାଟଫର୍ମ ବା ମଂଚ, ଯାହାକି ବ୍ୟବହାରକାରୀମାନେ ଘରେ ବସି ବିଶ୍ୱର ଯେକୌଣସି ସ୍ଥାନରୁ ବିଷୟସବୁ ସୃଷ୍ଟି କରିବା, ବାଣ୍ଟିବା ଓ ପରସ୍ପର ସହ ସଂଯୋଗ ସ୍ଥାପନ କରିବାରେ ସହଯୋଗ କରିଥାନ୍ତି । ଫେସବୁକ, ଇନଷ୍ଟାଗ୍ରାମ, ୟ୍ୟୁଟୁବ୍, ଏକ୍ସ, ହ୍ୱାଟସଆପ୍, ସ୍ନାପଚାଟ୍, ଟିକ୍ ଟକ୍, ଛୋଟ ଭିଡ଼ିଓ (ରିଲସ) ଇତ୍ୟାଦିକୁ ସମାଜିକ ଗଣମାଧ୍ୟମ କୁହାଯାଇପାରେ । ଏହି ମାଧ୍ୟମଗୁଡ଼ିକୁ ବ୍ୟବହାର କରି ଲୋକମାନେ ଶୀଘ୍ର ଓ ସହଜରେ ବିଶ୍ୱର ଯେକୌଣସି ସ୍ଥାନ ସହିତ ସୂଚନା ମାଧ୍ୟମରେ ବ୍ୟକ୍ତିଗତ ଓ ସାମାଜିକ ସମ୍ପର୍କ ଓ ସହଯୋଗ ସ୍ଥାପନ କରି ବିଭିନ୍ନ କ୍ଷେତ୍ରରେ ଉପକୃତ ହେଉଛନ୍ତି । ଏଗୁଡ଼ିକର ବହୁଳ ବ୍ୟବହାର ଫଳରେ ସମଗ୍ର ପୃଥିବୀ ଯେ ମଣିଷର ହାତ ଟିପରେ କହିଲେ ବୋଧହୁଏ କୌଣସି ଭୁଲ ହେବନି ।

୨୦୨୫ ମସିହା ଆଦ୍ୟକାଳର ଏକ ଆକଳନ ଅନୁଯାୟୀ ବିଶ୍ୱର ଅର୍ଦ୍ଧାଧିକ ପ୍ରାୟ ୬୩.୩ ପ୍ରତିଶତ ଲୋକ ସାମାଜିକ ଗଣମାଧ୍ୟମ ବ୍ୟବହାର କରୁଛନ୍ତି । ଅକ୍ଟୋବର ୨୦୨୫-ଜାନୁଆରୀ ୨୦୨୬ ର ଏକ ଆକଳନ ଅନୁଯାୟୀ ଭାରତର ସମୁଦାୟ ଲୋକସଂଖ୍ୟାର ୩୩.୭ ପ୍ରତିଶତରୁ ୩୪.୧ ପ୍ରତିଶତ ଯାହାକି ୪୯୧-୫୦୦ ନିୟୁତ ଲୋକ ସାମାଜିକ ଗଣମାଧ୍ୟମରେ ପ୍ରତିଦିନ ୨.୩୦ ଘଣ୍ଟା ସକ୍ରିୟ ରହୁଥିବାବେଳେ ଇଂଲଣ୍ଡରେ ୭୯ ପ୍ରତିଶତ, ଯୁକ୍ତରାଷ୍ଟ୍ର ଆମେରିକାରେ ୭୦ ରୁ ୯୦ ପ୍ରତିଶତ, ଜର୍ମାନୀରେ ୭୬ ରୁ ୮୧.୪ ପ୍ରତିଶତ,ଜାପାନରେ ୮୦ ରୁ ୯୦ ପ୍ରତିଶତ ଏବଂ ଚୀନରେ ୯୦.୩ ପ୍ରତିଶତ ଲୋକ ସାମାଜିକ ଗଣମାଧ୍ୟମରେ ସକ୍ରିୟ ଅଛନ୍ତି ବୋଲି ୨୦୨୫ ବର୍ଷର ଏକ ଆକଳନରୁ ଜଣପଡିଛି ।

ସାମାଜିକ ଗଣମାଧ୍ୟମର ସମସ୍ୟାକୁନେଇ ଏବ ସର୍ବତ୍ର ଚର୍ଚ୍ଚା ଜୋରଧରିଛି । ଅନେକ ଏହାର ସକାରାତ୍ମକ ଦିଗକୁ ଗୁରୁତ୍ୱ ଦେବାବେଳେ ଅନ୍ୟ କିଛି ଏହାର ନକାରାତ୍ମକ ଦିଗଗୁଡ଼ିକୁ ଲୋକ ଲୋଚନକୁ ଆଣିଛନ୍ତି । ମଣିଷର ବହୁମୁଖୀ କାର୍ଯ୍ୟକ୍ରମକୁ ସହଜ ସୁଗମ କରିବା କ୍ଷେତ୍ରରେ ସାମାଜିକ ଗଣମାଧ୍ୟମଗୁଡ଼ିକ ଯେ ବିଜ୍ଞାନର ସର୍ବଶ୍ରେଷ୍ଠ ଉଦ୍ଭାବନ ମଧ୍ୟରେ ଅନ୍ୟତମ କହିଲେ ଅତ୍ୟୁକ୍ତି ହେବନାହିଁ । ମାତ୍ର ସାମ୍ପ୍ରତିକ ପରିସ୍ଥିତିକୁ ଲକ୍ଷ୍ୟ କଲେ ଏହା ଦୃଷ୍ଟିଗୋଚର ହୁଏ ଯେ ସମାଜିକ ଗଣମାଧ୍ୟମର ନକାରାତ୍ମକ ଦିଗ ପ୍ରତି ଛୋଟପିଲାଙ୍କଠାରୁ ଆରମ୍ଭ କରି ଯୁବପିଢ଼ି ଅବା ବୟସ୍କ ଯେତିକି ସଚେତନ ଏହାର ସକାରାତ୍ମକ ଦିଗ ପ୍ରତି ସେତିକି ସଚେତନ ନୁହନ୍ତି; ଯାହାକି ଏକ ଖୁବ୍ ପରିତାପର ବିଷୟ ଅଟେ । ଛୋଟ କୋମଳମତି ଶିଶୁଟିଏ ମଧ୍ୟ ମୋବାଇଲ ରୂପକ ନାଗଫାଶରେ ଆବଦ୍ଧ । ଯୁବକ ହୁଅନ୍ତୁ ବା ବୟସ୍କ ରାତି ପାହିବାଠାରୁ ଆରମ୍ଭ କରି ଗଭୀର ରାତି ପର୍ଯ୍ୟନ୍ତ ଅନିଦ୍ରା ରହି ମୋବାଇଲ୍ ଫୋନ୍‌ରେ ସମୟ ବିତାଇବା ଏବେ ସବୁଠାରୁ ବଡ଼ ସମସ୍ୟା ପାଲଟିଛି । ଏ ପ୍ରକ୍ରିୟାରେ କେବଳ ଯୁବକ ବା ବୟସ୍କ ସାମିଲ ନୁହନ୍ତି ବରଂ ଛୋଟଛୋଟ ସ୍କୁଲ ପଢୁଆ ପିଲାମାନେ ମଧ୍ୟ ସାମିଲ । ଏବେ ତ ଫେସବୁକ, ଇନଷ୍ଟାଗ୍ରାମ, ୟୁଟ୍ୟୁବରେ ଘଣ୍ଟାଘଣ୍ଟା ସମୟ ବିତାଇବା ଛାତ୍ରଛାତ୍ରୀମାନଙ୍କ ଏକପ୍ରକାର ନିଶାରେ ପରିଣତ ହୋଇଛି ଏଥିରେ ଦ୍ୱିମତ ହେବାରେ ନାହିଁ ।

ଅନ୍ୟ ଏକ ଉଦବେଗର ବିଷୟ ହେଉଛି ଯେ ସାମାଜିକ ଗଣମାଧ୍ୟମରେ କିଶୋର-କିଶୋରୀଙ୍କ ଉପସ୍ଥିତି ଦ୍ରୁତ ଗତିରେ ବଢ଼ିଚାଲିଛି । ଭାରତରେ ପ୍ରାୟ ୯୩ ପ୍ରତିଶତ ୧୮ରୁ ୨୪ ବର୍ଷ ବୟସର କିଶୋର-କିଶୋରୀ ସାମାଜିକ ଗଣମାଧ୍ୟମ ବ୍ୟବହାର କରୁଛନ୍ତି ବୋଲି ଏକ ଆକଳନରୁ ଜଣାପଡ଼େ । ପ୍ରାୟ ୯୫ ପ୍ରତିଶତ ୯ ରୁ ୧୭ ବର୍ଷ ବୟସର କିଶୋରୀ-କିଶୋରୀ ପ୍ରତିଦିନ ୩ ଘଣ୍ଟା ସମୟ ସାମାଜିକ ଗଣମାଧ୍ୟମରେ ଖର୍ଚ୍ଚ କରୁଛନ୍ତି । ପ୍ରାୟ ୭୬ ପ୍ରତିଶତ ୧୪-୧୫ ବର୍ଷ ବୟସର ପିଲାମାନେ ସମାଜିକ ଗଣମାଧ୍ୟମ ଉଦ୍ଦେଶ୍ୟରେ ସ୍ମାର୍ଟଫୋନ୍ ବ୍ୟବହାର କରନ୍ତି । ପ୍ରାୟ ୧୩ ରୁ ୧୯.୫ ପ୍ରତିଶତ ୬୦ ବର୍ଷରୁ ଅଧିକ ବୟସର ଲୋକ ସ୍ମାର୍ଟଫୋନ ବ୍ୟବହାର କରନ୍ତି । ତେଣୁ ଭାରତକୁ ସ୍ମାର୍ଟଫୋନର ଏକ ହବ୍ କହିଲେ ଅତ୍ୟୁକ୍ତି ହେବନାହିଁ। ସ୍ଥାନ, କାଳ ଓ ପାତ୍ର ଇତ୍ୟାଦିକୁ ଗୁରୁତ୍ୱ ନଦେଇ ବିଭିନ୍ନ ପ୍ଲାଟଫର୍ମରେ ରିଲସ ଦେଖିବା, ନିଜେ ରିଲସ କରିବାଠାରୁ ବହୁବିଧ କାର୍ଯ୍ୟକ୍ରମରେ ସେମାନେ ସାମିଲ ହେଉଛନ୍ତି । ରାତାରାତି ଭାଇରାଲ ହେବା ନିଶାରେ ସାମାଜିକ ଶାଳୀନତା ହରାଇ ଲୋକଲଜ୍ଜାର ଶରବ୍ୟ ହେବା ଆଜିକାଲି ଆଉ କିଛି ନୂଆ ନୁହେଁ । ଅନେକ ସମୟରେ ବିପଜ୍ଜନକ ସ୍ଥାନରେ ରିଲସ କରି ଅବା ସେଲଫି ନେଇ ଅକାଳ ମୃତ୍ୟୁର ସମ୍ମୁଖୀନ ହେବା ଅଧୁନା ଏକ ମୁଣ୍ଡବିନ୍ଧାର କାରଣ ପାଲଟିଛି । ଏବେ ସହଜରେ ଅନୁମେୟ ଯେ ମାଦକଦ୍ରବ୍ୟର ନିଶା ଅପେକ୍ଷା ମୋବାଇଲ ନିଶା ଦେଖିଲେ ବେଳେବେଳେ ଆଶ୍ଚର୍ଯ୍ୟ ଲାଗେ ଯେ ଆଜିକାର ଯୁବପିଢ଼ିର ଗତି କୁଆଡ଼େ । ବେଳେବଳେ ଆହୁରି ଆଶ୍ଚର୍ଯ୍ୟ ଲାଗେ ଯେ ପିଲାମାନଙ୍କର ଏହି ମାନସିକତା ବାପାମାଆଙ୍କପାଇଁ ଅନେକ ସମୟରେ ଘାତକ ସାବ୍ୟସ୍ତ ହେଉଛି । ବାପାମାଆଙ୍କ ଉପରେ କୌଣସ ଗୁରୁତ୍ୱ ନଦେଇ ପିଲାମାନେ ଦିନରାତି ମୋବାଇଲରରେ ବ୍ୟସ୍ତ ରହି ପରିବାରର ଶାନ୍ତ ପରିବେଶକୁ ଅଶାନ୍ତ କରୁଛନ୍ତି । ହାଣ୍ଡିଶାଳଠାରୁ ରାଜରାସ୍ତା ପର୍ଯ୍ୟନ୍ତ ଚାରିଆଡ଼େ ରିଲସ କରିବାର ନିଶାରେ ଏତେ ଅଭ୍ୟସ୍ତ ଯେ ଏହାର ଯେମିତି କୌଣସି ସୀମା ସରହଦ ନାହିଁ । ବୟସର ତାରତମ୍ୟ ନିର୍ବିଶେଷରେ ଛୁଆଠାରୁ ବୁଢାବୁଢୀ ପର୍ଯ୍ୟନ୍ତ ସମସ୍ତେ ରିଲସ ନିଶାରେ ମସଗୁଲ । ଏହାକୁ କେତକ ଆୟର ଏକ ପନ୍ଥା ରୂପେ ମଧ୍ୟ ଗ୍ରହଣ କରି ଅନେକ କ୍ଷେତ୍ରରେ ଲାଭବାନ ବି ହେଉଛନ୍ତି । ସତକଥା ହେଲା ମୋବାଇଲର ମୟାଜାଲରେ ଅନେକ ଛନ୍ଦିହୋଇ ଜୀବନର ପ୍ରକୃତ ମାଧୁର୍ଯ୍ୟ ହରାଇ ବସିଲେଣି । ନୀତିନୈତିକତାସହ ସାମାଜିକ ଶାଳୀନତା ଓ ମୂଲ୍ୟବୋଧରେ ଘୋର ସଙ୍କଟ ପରିଲକ୍ଷିତ ହେଲାଣି । ଆଧୁନିକତାର ଦ୍ୱାହିଦେଇ ଉଗ୍ରଆଧୁନିକତାକୁ ଉତ୍ସାହିତ କରିବା ସମୋଜିକ ସନ୍ତୁଳନର ପ୍ରତିବନ୍ଧକ ନୁହେଁ କି ? ସାମାଜିକ ପ୍ରଗତିର ଅନ୍ତରାୟ ନୁହେଁ କି ? ସମାଜ ପ୍ରତି ସକାରାତ୍ମକ ପ୍ରତିବଦ୍ଧତାର ମାନ ହ୍ରାସ ଘଟୁନି କି ? ଶସ୍ତା ଲୋକପ୍ରିୟତାର ଲୌକିକ ଆଭାସ ସଦା ପ୍ରତୀୟମାନ । ସତକହିବାକୁ ଗଲେ ଆମେ ପ୍ରାୟତଃ ଅଧିକାଂଶ ମଣିଷ ମୋବାଇଲ ନାମକ ଯନ୍ତ୍ରଦାନବ ଦ୍ୱାରା କବଳିତ ଓ ପରାଜିତ ମଧ୍ୟ, ଯେମିତି ମୋବାଇଲ ମଣିଷ ଜୀବନର ଏକ କୃତ୍ରିମ ଅଙ୍ଗ ପାଲଟିଛି ।

ପ୍ରଯୁକ୍ତି ଓ ଜ୍ଞାନକୌଶଳ ଯୁଗରେ ଅନଲାଇନ ଶିକ୍ଷାକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଥିବା ବେଳେ, ସମସ୍ୟା ପାଲଟୁଥିବା ମୋବାଇଲରୁ ପିଲାମାନଙ୍କର ମୁକ୍ତି ଅସମ୍ଭବ ମନେହୁଏ । ଅବଶ୍ୟ ଏହା ସତ ଯେ ଅନେକ ପିଲା ସାମାଜିକ ଗଣମାଧ୍ୟମରୁ ଫଳପ୍ରଦ ଶିକ୍ଷା ଗ୍ରହଣ କରୁଛନ୍ତି । ହେଲେ ଏହା ତୁଳନାରେ ନକାରାତ୍ମକ ଭାବେ ପ୍ରଭାବିତ ହେଉଥିବା ପିଲାଙ୍କ ପ୍ରତିଶତ ଯଥେଷ୍ଟ ଅଧିକ । ସମଗ୍ର ବିଶ୍ୱରେ ଏହା ମୁଖ୍ୟ ଚିନ୍ତାର କାରଣ ହୋଇଛି । ପିଲାମାନଙ୍କର ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଉପରେ ଏହା ଗଭୀର ପ୍ରଭାବ ପକାଉଛି । ଛାତ୍ରଛାତ୍ରୀମାନେ ସହଜରେ ମୋବାଇଲରୁ କୌଣସି ବିଷୟରେ ଉପୁଜୁଥିବା ସମସ୍ୟାର ଆଶୁ ସମାଧାନ କରିପାରୁଥିବାରୁ ସେମାନଙ୍କର ମାନସିକ ବିକାଶ ସମ୍ଭବ ହୋଇପାରୁନାହିଁ । ସେମାନଙ୍କ ବିଚାରବୁଦ୍ଧି ସହିତ ଦକ୍ଷତାରେ ଅଭାବ ପରିଲକ୍ଷିତ ହେଉଛି ।

ଯାହାଫଳରେ ଶ୍ରେଣୀ ପରୀକ୍ଷାରେ ଅଧିକ ନମ୍ବର ରଖି ସିନା ଉତ୍ତୀର୍ଣ୍ଣ ହେଉଛନ୍ତି ମାତ୍ର ସେମାନଙ୍କର ମେଧା ଶକ୍ତି ହ୍ରାସ ଘଟୁଛି । କୌଣସି ପ୍ରତିଯୋଗିତାମୂଳକ ପରୀକ୍ଷାରେ ସଫଳତା ହାସଲ କରିବା ସମ୍ଭବ ହୋଇପାରୁନାହିଁ । ଏହା ଏକ ଚିନ୍ତାର ବିଷୟ ରୂପେ ଉଭାହେଇଛି । ଅତ୍ୟଧିକ ମୋବାଇଲ ବ୍ୟବହାର ଦ୍ୱାରା ପିଲାମାନଙ୍କର ନିଜ ନିଜର ପରିବାର ସହିତ ସମ୍ପର୍କରେ ନୈରାଶ୍ୟଜନକ ପରିସ୍ଥିତି ସୃଷ୍ଟି ହେଉଛି । ପାରିବାରିକ ଦୂରତା ବୃଦ୍ଧିପାଇବା ସହିତ ହସଖୁସି, କଥାବାର୍ତ୍ତା, ଭାବର ଆଦାନପ୍ରଦାନ ପ୍ରଭୃତି ସଂକୁଚିତ ହେବାରେ ଲାଗିଲାଣି । ପିଲାମାନଙ୍କ ମନରେ କ୍ରୋଧ, ଈର୍ଷା, ଅସହିଷ୍ଣୁତା, ଚିଡ଼ିଚିଡ଼ା ମନୋଭାବ ଆଦି ଅନେକ ନକାରାତ୍ମକ ଗୁଣଗୁଡ଼ିକ ସ୍ପଷ୍ଟ ପ୍ରତୀୟମାନ ହେଉଛି । ଫଳରେ ସେମାନେ ପଥଚ୍ୟୁତ ହୋଇ ଅନେକ ଅସାମାଜିକ କାର୍ଯ୍ୟ କରିବାକୁ ବାଧ ହେଉଛନ୍ତି ।

ଏସବୁ କଥାକୁ ଲକ୍ଷ୍ୟକରି ଅଷ୍ଟ୍ରେଲିଆ ସରକାର ଗତବର୍ଷ ଡିସେମ୍ବର ମାସରୁ ପିଲାମାନଙ୍କପାଇଁ ସାମାଜିକ ଗଣମାଧ୍ୟମ ନିଷେଧ କରିଛିନ୍ତି । ଏଥିରେ ପିଲାମାନେ ଫେସବୁକ, ୟୁଟୁବ୍, ଟିକ୍ ଟିକ୍, ଇନଷ୍ଟାଗ୍ରାମ ତଥା ଏକ୍ସ ଆଦିରେ ନିଜର ଆକାଉଣ୍ଟ ଖୋଲି ପାରିବେ ନାହିଁ ଏବଂ ଏହାକୁ ବ୍ୟବହାର ମଧ୍ୟ କରିପାରିବେ ନାହିଁ । ସ୍ପେନ୍‌ର ପ୍ରଧାନମନ୍ତ୍ରୀ ମଧ୍ୟ ମୋବାଇଲ ବ୍ୟବହାର କ୍ଷେତ୍ରରେ ପ୍ରତିବନ୍ଧକ ଲଗାଇ ଏଥିପାଇଁ କମ୍ପାନୀଗୁଡିକୁ ଉତ୍ତରଦାୟୀ କରିଛନ୍ତି । ବ୍ରିଟେନ, ଡେନମାର୍କ, ତଥା ଗ୍ରୀସ୍ ପରି ଦେଶ ମଧ୍ୟ ଏପରି କଟକଣା ପଦକ୍ଷେପ ଲାଗୁକରିବାକୁ ଚେଷ୍ଟାକରୁଛନ୍ତି । ଭାରତରେ କର୍ଣାଟକ ହେଉଛି ପ୍ରଥମ ରାଜ୍ୟ ଯିଏକି ୧୬ ବର୍ଷରୁ କମ୍ ବୟସର ପିଲାଙ୍କପାଇଁ ସାମାଜିକ ଗଣମାଧ୍ୟମ ନିଷେଧ କରିବାପାଇଁ ଘୋଷଣା କରିଛି । ଗୋଆର ସରକାର ମଧ୍ୟ ସାମାଜିକ ଗଣମାଧ୍ୟମ ବ୍ୟବହାରର ନିଷେଧ ସଂକ୍ରାନ୍ତରେ ବିଚାରବିମର୍ଶ କରୁଛନ୍ତି । ଆନ୍ଧ୍ରପ୍ରଦେଶ ବିଧାନସଭାରେ ସାମାଜିକ ଗଣମାଧ୍ୟମ ବ୍ୟବହାରରେ ନିଷେଧାଦେଶ ଆଣିବା ବିଧେୟକ ଆଗତ ହୋଇଛି ।

କେତେକ ବିଶେଷଜ୍ଞ ଓ ଅଭିଭାବକଙ୍କ ମତରେ ସାମାଜିକ ଗଣମାଧ୍ୟମ ଉପରେ ନିଷେଧାଦେଶ ଜାରି କରିବା ପରିବର୍ତ୍ତେ ଏକ ଦାୟିତ୍ୱସଂପନ୍ନ ଡିଜିଟାଲ ନୀତି ପ୍ରଣୟନ କରିବାର ଆବଶ୍ୟକତା ଅଛି । ପ୍ରତିବନ୍ଧକ ଲଗାଇବା ପୂର୍ବରୁ ଅନେକଥର ଭାବିବା ମଧ୍ୟ ଜରୁରୀ । ଏହାର ପ୍ରମୁଖ କାରଣ ହେଉଛି ଯେ ଅନେକ କିଶୋର-କିଶୋରୀ ସାମାଜିକ ଗଣମାଧ୍ୟମ ବ୍ୟବହାର କରି ରୋଜଗାରର ପନ୍ଥା ବାହାର କରି ପାରୁଛନ୍ତି । ଦ୍ୱିତୀୟତଃ ଅନେକ ଛାତ୍ରଛାତ୍ରୀ ଏହାର ସକାରାତ୍ମକ ଦିଗପ୍ରତି ସଦା ସଚେତନ ଅଛନ୍ତି । ଏହାକୁ ବ୍ୟବହାର କରି ଅନେକ କ୍ଷେତ୍ରରେ ସଫଳତା ଅର୍ଜନ କରିପାରୁଛନ୍ତି । ପ୍ରତିବନ୍ଧକ ଲାଗୁକରାଗଲେ ହୁଏତ ସେମାନଙ୍କ ରୋଜଗାର ଓ ମାନସିକତା ଉପରେ ଗଭୀର ପ୍ରଭାବ ପକାଇ ପାରେ ବୋଲି ଆଶଙ୍କା ପ୍ରକାଶ ପାଉଛି । ଅନେକ ଅଭିଭାବକ ପ୍ରତିବନ୍ଧକର ରୂପରେଖ ନେଇ ସରକାରଙ୍କଠାରୁ ସ୍ପଷ୍ଟୀକରଣ ମଧ୍ୟ ମାଗିଛନ୍ତି ।

ସେ ଯାହା ହେଉନା କାହିଁକି ସମଗ୍ର ପୃଥିବୀ ଏବେ ଡିଜିଟାଲ ବିପ୍ଳବ ଆଡ଼କୁ ଆଗେଇ ଚାଲିଛି । ଏହାର କେଉଁଦିଗକୁ କିଏ କେମିତି ଦେଖୁଛି ଓ ତର୍ଜମାକରୁଛି ତାହା ଭିନ୍ନକଥା । କେବଳ ପିଲାମାନଙ୍କୁ ଦୋଷଦେଲେ ଯେ ସମସ୍ୟା ସମାଧାନ ହୋଇଯିବ ତାହା ବି ନୁହେଁ । ଅନେକ ବୟସ୍କ ମଧ୍ୟ ମୋବାଇଲର ମୋହିନୀ ମନ୍ତ୍ରରେ ଅଭିଭୂତ । ଏହା ଏକପ୍ରକାର ସାମାଜିକ ଅସହାୟତା ନୁହେଁ କି ? ଏଥିରୁ ନିଜକୁ ମୁକ୍ତ ରଖିବା ସଂପୂର୍ଣ୍ଣ ବ୍ୟକ୍ତିଗତ ହୋଇପାରେ ମାତ୍ର ଅସମ୍ଭବ ମନେହୁଏ । ତଥାପି ସମାଜିକ ମଙ୍ଗଳ ଦୃଷ୍ଟିରୁ ଏଥି ପ୍ରତି ସମସ୍ତେ ଧ୍ୟାନ ଦେବା ବିଧେୟ । ସାମାଜିକ ଗଣମାଧ୍ୟମର ମାତ୍ରାଧିକ ବ୍ୟବହାରର ନକାରାତ୍ମକ ଦିଗ ଉପରେ ବିଶେଷ ଗୁରୁତ୍ୱ ଦିଆଯିବା ଉଚିତ । ବିଶେଷକରି ଛୋଟ ପିଲାମାନଙ୍କୁ ମୋବାଇଲ ନିଶାରୁ ଯଥାସମ୍ଭବ ମୁକ୍ତକରି ସେମାନଙ୍କ ଜୀବନଶୈଳୀକୁ ଠିକ ମାର୍ଗରେ ପରିଚାଳନା କରିବା ଆଜି ସମୟର ଆହ୍ୱାନ । ନଚେତ ଭଲଟା ଭେଲ ହୋଇ ଭବିଷ୍ୟତରେ ସମଗ୍ର ସାମାଜିକ ସଂରଚନାକୁ ବିପର୍ଯ୍ୟସ୍ତ ନକରିବ ବୋଲି କିଏ କହି ପାରିବ ?

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୩୧ ମାର୍ଚ୍ଚ ୨୦୨୬ ମଙ୍ଗଳବାର





# ଟିଟିଲାଗଡ଼ ଓକିଲ ସଂଘ ନିର୍ବାଚନ

**ଟିଟିଲାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ଼ ବାର୍ ଆସୋସିଏସନ୍ (୨୦୨୬/୨୦୨୭) ନିର୍ବାଚନରେ ବିକାଶ ଭୋଇ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି ଏବଂ କାର୍ତ୍ତିକେଶ୍ୱର ଛତର (ଅନ୍‌କଣ୍ଟେଷ୍ଟ) ହୋଇ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି ଏବଂ ଉପ-ସସମ୍ପାଦକ ପ୍ରିତମ ରଞ୍ଜନ ପଣ୍ଡା, ସହ- ସମ୍ପାଦକ ଭାବେ ପଙ୍କଜ ବାଘ, କୋଷାଧ୍ୟକ୍ଷ ଭାବେ ପୃଥ୍ୱୀରାଜ କୁମାର ସିଂ ଏବଂ Executive କମିଟି ମେମ୍ବର ଭାବେ ଆଲୋକ କୁମାର ନାୟକ, ଲଳିତ ମୋହନ ତାଣ୍ଡି, ପ୍ରଦୀପ କୁମାର ମହାପାତ୍ର, ରାଜେନ୍ଦ୍ର କୁମାର ମିଶ୍ର, ମୋହନ ଲାଲ ଜୈନ, ରଘୁନାଥ ରଥ, ପ୍ରୀତିମାନ ନାଗ, ସୁଧୀର କୁମାର ମିଶ୍ର, ଜୟରାଜ ସାହୁ, ବୀରେନ୍ଦ୍ର ବାଗ ନିର୍ବାଚିତ ହୋଇଛନ୍ତି ।



# ସୁବର୍ଣ୍ଣପୁର ଜିଲ୍ଲା ଓକିଲ ସଂଘର ନିର୍ବାଚନ:ପ୍ରତାପ ସଭାପତି ଓ ପ୍ରୀୟଜିତ ସମ୍ପାଦକ ନିର୍ବାଚିତ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ସମସ୍ତ ପଦ ପାଇଁ ଦ୍ୱିମୁଖି ଲଢେଇ ହୋଇଥିବା ଦେଖିବାକୁ ମିଳିଛି । ଭୋଟିଂ ସକାଳ ୭.୩୦ ରୁ ଆରମ୍ଭ ହୋଇ ୩.୩୦ରେ ଭୋଟ୍ ଦାନ ପ୍ରକ୍ରିୟା ବନ୍ଦ ହୋଇଥିଲା । ସଭାପତି ପଦ ପାଇଁ ପ୍ରତାପ କୁମାର ପୁରୋହିତ ଓ ବିଧାନ ଚନ୍ଦ୍ର ପାଣିଗ୍ରାହୀଙ୍କ ମଧ୍ୟରେ ଲଢେଇ ହୋଇଥିଲା । ପ୍ରତାପ ପୁରୋହିତ ୧୨୭ ଖଣ୍ଡ ଭୋଟ୍ ପାଇଥିବା ବେଳେ ବିଧାନ ଚନ୍ଦ୍ର ପାଣିଗ୍ରାହୀ ୮୭ ଖଣ୍ଡ ଭୋଟ୍ ପାଇଥିଲେ । ସମ୍ପାଦକ ପଦରେ ପ୍ରୀୟଜିତ୍ ମିଶ୍ର ୧୨୧ ଭୋଟ୍ ପାଇ ଦାଶଦିପ୍ତ ମହାପାତ୍ରଙ୍କ ଠାରୁ ୨୮ ଖଣ୍ଡ ଭୋଟ୍ ବ୍ୟବଧାନରେ ବିଜୟୀ ଲାଭ କରିଛନ୍ତି । ଉପ ସଭାପତି ପଦ ପାଇଁ ପ୍ରଦୀପ ମିଶ୍ର ୯୫ ଖଣ୍ଡ ଅଧିକ ଭୋଟ୍ ବ୍ୟବଧାନରେ ପ୍ରଫୁଲ୍ଲ ସାହୁଙ୍କ ଠାରୁ ବିଜୟୀ ଲାଭ କରିଛନ୍ତି, ସହ ସମ୍ପାଦକ ଓ ଲାଇବ୍ରେରୀ ପଦବୀରେ ସଂଜିତ ଝାଙ୍କର ୯୧ଟି ଭୋଟ୍ ପାଇ ଶିତାନ୍‌ସୁ ସନ୍ତୋଷ ଆଚାର୍ଯ୍ୟଙ୍କୁ ହରାଇ ବିଜୟୀ ଲାଭ କରିଛନ୍ତି । ଜଏଣ୍ଟ ସେକ୍ରେଟାରୀ ଫର୍ମ ଆକାଉଣ୍ଟ ପଦବୀରେ ଶମ୍ଭୁ ପ୍ରସାଦ ବିଶି ଓ ସନ୍ତୋଷ ନନ୍ଦଙ୍କ ଠାରୁ ୪୧ଟି ଭୋଟ୍‌ରେ ବିଜୟୀ ଲାଭ କରିଛନ୍ତି । ସଂଘର କାର୍ଯ୍ୟକାରିଣୀ ସଦସ୍ୟ ଭାବେ ପ୍ରିତିପ୍ରଜ୍ଞା ପୁରୋହିତ, ପ୍ରଣତି କୁମାର, ଅଜିତ କୁମାର ହୋତା ଓ ବୃନ୍ଦାବନ ମିଶ୍ର ନିର୍ଦ୍ୱନ୍ଦ୍ୱରେ ବିଜୟୀ ଲାଭ କରିଛନ୍ତି ।

# ସାଂସଦରେ ଉଠିଲା ବୀର ସୁରେନ୍ଦ୍ର ସାଏଙ୍କ ଐତିହାସିକ ଅବଦାନ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ଅମର ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଐତିହାସିକ ଅବଦାନ ସମ୍ପର୍କରେ ସାଂସଦ ଦୃଷ୍ଟି ଆକର୍ଷଣ କରିଛନ୍ତି । ୧୮୨୭ ମସିହାରୁ ଆରମ୍ଭ ହୋଇଥିବା ତାଙ୍କର ସଶସ୍ତ୍ର ବିଦ୍ରୋହ ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ଅନନ୍ୟ ଅଧ୍ୟାୟ । ସମ୍ବଲପୁରର ଦେବ୍ରୀଗଡ଼ ଏବଂ ବାରପାହାଡ଼ ଭଳି ଦୁର୍ଗମ ଅଞ୍ଚଳରେ ରହି ସ୍ଥାନୀୟ ଜନଜାତି ଓ ଜମିଦାରଙ୍କ ସହାୟତାରେ ସେ ଯେଉଁ ଗରିଲା ଯୁଦ୍ଧ ଚଳାଇଥିଲେ । ତାହା ବ୍ରିଟିଶ ସରକାରଙ୍କ ପାଇଁ ଏକ ବଡ଼ ଆହ୍ୱାନ୍ ଥିଲା । ୨୦୨୭ ମସିହାରେ ଏହି ଐତିହାସିକ ସଂଗ୍ରାମର ୨୦୦ ବର୍ଷ (ଦ୍ୱିଶତାବ୍ଦୀ) ପୂର୍ଣ୍ଣ ହେବାକୁ ଯାଉଛି । ଏହି ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ସମ୍ବଲପୁର, ଭୁବନେଶ୍ୱର ଏବଂ ନୂଆଦିଲ୍ଲୀରେ ବର୍ଷବ୍ୟାପୀ ଜାତୀୟ ସ୍ତରର କାର୍ଯ୍ୟକ୍ରମ, ପ୍ରଦର୍ଶନୀ ଓ ସ୍ମାରକୀ ପ୍ରକାଶନ ପାଇଁ ଆପଣଙ୍କର ପ୍ରସ୍ତାବ ଅତ୍ୟନ୍ତ ଯଥାର୍ଥ । ଏହା ବୀର ସୁରେନ୍ଦ୍ର ସାଏ ଓ ତାଙ୍କ ସହଯୋଗୀଙ୍କ ଅତୁଳନୀୟ ବଳିଦାନକୁ ସମଗ୍ର ବିଶ୍ୱ ଦରବାରରେ ଏକ ନୂତନ ପରିଚୟ ପ୍ରଦାନ କରିବ । ବରଗଡ଼ ସଂସଦୀୟ କ୍ଷେତ୍ରର ପ୍ରତିନିଧି ଭାବରେ ଏହି ଗୌରବମୟ ଇତିହାସକୁ ଲୋକଲୋଚନକୁ ଆଣିବା ପାଇଁ ପଦକ୍ଷେପକୁ ଧନ୍ୟବାଦ ଜଣାଇଛନ୍ତି ସାଂସଦ ଓଡ଼ିଶାର ଅମର ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଐତିହାସିକ ଅବଦାନ ସମ୍ପର୍କରେ ସଂସଦର ଦୃଷ୍ଟି ଆକର୍ଷଣ କରିଛନ୍ତି । ୧୮୨୭ ମସିହାରୁ ଆରମ୍ଭ ହୋଇଥିବା ତାଙ୍କର ସଶସ୍ତ୍ର ବିଦ୍ରୋହ ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ଅନନ୍ୟ ଅଧ୍ୟାୟ । ସମ୍ବଲପୁରର ଦେବ୍ରୀଗଡ଼ ଏବଂ ବାରପାହାଡ଼ ଭଳି ଦୁର୍ଗମ ଅଞ୍ଚଳରେ ରହି ସ୍ଥାନୀୟ ଜନଜାତି ଓ ଜମିଦାରଙ୍କ ସହାୟତାରେ ସେ ଯେଉଁ ଗରିଲା ଯୁଦ୍ଧ ଚଳାଇଥିଲେ, ତାହା ବ୍ରିଟିଶ ସରକାରଙ୍କ ପାଇଁ ଏକ ବଡ଼ ଆହ୍ୱାନ୍ ଥିଲା । ୨୦୨୭ ମସିହାରେ ଏହି ଐତିହାସିକ ସଂଗ୍ରାମର ୨୦୦ ବର୍ଷ (ଦ୍ୱିଶତାବ୍ଦୀ) ପୂର୍ଣ୍ଣ ହେବାକୁ ଯାଉଛି । ଏହି ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ସମ୍ବଲପୁର, ଭୁବନେଶ୍ୱର ଏବଂ ନୂଆଦିଲ୍ଲୀରେ ବର୍ଷବ୍ୟାପୀ ଜାତୀୟ ସ୍ତରର କାର୍ଯ୍ୟକ୍ରମ, ପ୍ରଦର୍ଶନୀ ଓ ସ୍ମାରକୀ ପ୍ରକାଶନ ପାଇଁ ଦାବି କରିଛନ୍ତି ପ୍ରଦୀପ ପୁରୋହିତ । ଏହା ବୀର ସୁରେନ୍ଦ୍ର ସାଏ ଓ ତାଙ୍କ ସହଯୋଗୀଙ୍କ ଅତୁଳନୀୟ ବଳିଦାନକୁ ସମଗ୍ର ବିଶ୍ୱ ଦରବାରରେ ଏକ ନୂତନ ପରିଚୟ ପ୍ରଦାନ କରିବ । ବରଗଡ଼ ସଂସଦୀୟ କ୍ଷେତ୍ରର ପ୍ରତିନିଧି ଭାବରେ ଏହି ଗୌରବମୟ ଇତିହାସକୁ ଲୋକଲୋଚନକୁ ଆଣିବା ପାଇଁ ସାଂସଦ ବିଭିନ୍ନ ପ୍ରସ୍ତାବ ଦେଇଛନ୍ତି । ୧୮୫୭ର ପ୍ରଥମ ସ୍ୱାଧୀନତା ସଂଗ୍ରାମର ପ୍ରାୟ ତିନି ଦଶନ୍ଧି ପୂର୍ବରୁ, ଅର୍ଥାତ୍ ୧୮୨୭ ମସିହାରେ, ମାତ୍ର ୧୮ ବର୍ଷ ବୟସରେ ସେ ସମ୍ବଲପୁର ଅଞ୍ଚଳରେ ଇଂରେଜ ଶାସନ ବିରୋଧରେ ସଶସ୍ତ୍ର ବିଦ୍ରୋହର ନେତୃତ୍ୱ ନେଇଥିଲେ । ୨୦୨୭ ମସିହାରେ ଏହି ଐତିହାସିକ ବିଦ୍ରୋହର ୨୦୦ ବର୍ଷ ପୂର୍ଣ୍ଣ ହେବାକୁ ଯାଉଛି । ଏହି ଅବସରରେ ସମ୍ବଲପୁର, ଭୁବନେଶ୍ୱର ଏବଂ ନୂଆଦିଲ୍ଲୀରେ ଜାତୀୟ ସ୍ତରର ସେମିନାର, ସ୍ମାରକୀ ପ୍ରକାଶନ, ପ୍ରଦର୍ଶନୀ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସେ ଅନୁରୋଧ କରୁଛି । ବିଶେଷ କରି ବରଗଡ଼ ସଂସଦୀୟ କ୍ଷେତ୍ର ବରଗଡ଼ରେ ଅବସ୍ଥିତ ଦେବ୍ରୀଗଡ଼ ରଣକ୍ଷେତ୍ରର ସଂରକ୍ଷଣ ଓ ପ୍ରଚାର ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉ । ଏହାଦ୍ୱାରା ଦେଶବାସୀ ବୀର ସୁରେନ୍ଦ୍ର ସାଏଙ୍କ ଅତୁଳନୀୟ ବଳିଦାନ ବିଷୟରେ ଜାଣିପାରିବେ । ସେଇଭଳି ସୋସିଆଲ୍ ମିଡ଼ିଆ ଅଭିଯାନ ପାଇଁ ସ୍ଲୋଗାନ୍ 'ସଶସ୍ତ୍ର ସଂଗ୍ରାମର ଅଲିଭା ଶିଖା:ବୀର ସୁରେନ୍ଦ୍ର ସାଏ ।' '୧୮୨୭ ରୁ ୨୦୨୭: ସୁରେନ୍ଦ୍ର ସାଏଙ୍କ ବୀରତ୍ୱର ଦୁଇ ଶହ ବର୍ଷ ।' 'ଦେବ୍ରୀଗଡ଼ର ମାଟି କହେ, ବୀର ସୁରେନ୍ଦ୍ର ସାଏଙ୍କ ଜୟଗାନ ।' ଆସନ୍ତୁ ଗଢ଼ିବା ଏକ ନୂତନ ଇତିହାସ, ସମ୍ମାନିତ ହୁଅନ୍ତୁ ଆମ ଗୌରବଶାଳୀ ପୂର୍ବଜ' ବୋଲି ସାଂସଦ ପ୍ରସ୍ତାବ ଦେଇଛନ୍ତି । ଦେବ୍ରୀଗଡ଼ର ବିକାଶ ପାଇଁ ଦେବ୍ରୀଗଡ଼ ଠାରେ ଏକ ଅତ୍ୟାଧୁନିକ ଡିଜିଟାଲ୍ ସଂଗ୍ରହାଳୟ ନିର୍ମାଣ କରାଯାଉ, ଯେଉଁଠାରେ ବୀର ସୁରେନ୍ଦ୍ର ସାଏଙ୍କ ଗରିଲା ଯୁଦ୍ଧ କୌଶଳ, ବ୍ୟବହୃତ ଅସ୍ତ୍ରଶସ୍ତ୍ର ଏବଂ ତାଙ୍କ ସହଯୋଗୀ ସଂଗ୍ରାମୀମାନଙ୍କ ଇତିହାସ ପ୍ରଦର୍ଶିତ ହେଉ । ଦେବ୍ରୀଗଡ଼ ଏବଂ ବାରପାହାଡ଼ ଅଞ୍ଚଳକୁ 'ଐତିହାସିକ ପର୍ଯ୍ୟଟନ ସର୍କିଟ୍' ଭାବେ ଘୋଷଣା କରାଯାଉ । ଏଠାରେ ସଂଗ୍ରାମୀ ମାନଙ୍କର ଲୁଚିବା ସ୍ଥାନ ଓ ରଣକ୍ଷେତ୍ର ଗୁଡ଼ିକୁ ସଂରକ୍ଷିତ କରାଯାଇ ପର୍ଯ୍ୟଟକଙ୍କ ପାଇଁ ସୁବିଧା ସୁଯୋଗ ବୃଦ୍ଧି କରାଯାଉ । ବୀର ସୁରେନ୍ଦ୍ର ସାଏଙ୍କ ସଂଗ୍ରାମର କାହାଣୀକୁ ଜୀବନ୍ତ କରିବା ପାଇଁ ଦେବ୍ରୀଗଡ଼ ଠାରେ ଏକ ଭବ୍ୟ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ'ର ବ୍ୟବସ୍ଥା କରାଯାଉ । ଦେବ୍ରୀଗଡ଼ ପ୍ରବେଶ ପଥରେ ଏକ ବିଶାଳ ବିଜୟ ସ୍ତମ୍ଭ ନିର୍ମାଣ କରାଯାଉ, ଯାହା ୧୮୨୭ର ସେହି ମହାନ ବିଦ୍ରୋହର ମୂକସାକ୍ଷୀ ହୋଇ ରହିବ । ବନ୍ୟପ୍ରାଣୀ ଅଭୟାରଣ୍ୟର ସୁରକ୍ଷା ସହିତ ଏହି ସଂଗ୍ରାମର ସ୍ମୃତିକୁ ଯୋଡ଼ି ଏକ 'ଇକୋ-ହେରିଟେଜ୍' ମଡେଲ୍ ପ୍ରସ୍ତୁତ କରାଯାଉ ବୋଲି କହିଛନ୍ତି ବରଗଡ଼ ସାଂସଦ ସମ୍ବଲପୁର, ଭୁବନେଶ୍ୱର ଏବଂ ନୂଆଦିଲ୍ଲୀରେ ବର୍ଷବ୍ୟାପୀ ଜାତୀୟ ସେମିନାର, ପ୍ରଦର୍ଶନୀ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉ । ଏହି ଅବସରରେ ଏକ ସ୍ୱତନ୍ତ୍ର ସ୍ମାରକୀ ଡାକ ଟିକଟ ଏବଂ ତାଙ୍କ ଜୀବନୀ ଉପରେ ଆଧାରିତ ପୁସ୍ତକ ଓ ବୃତ୍ତଚିତ୍ର ପ୍ରସ୍ତୁତ କରାଯାଉ । ସମ୍ବଲପୁର କିମ୍ବା ବରଗଡ଼ ଦେଇ ଯାଉଥିବା କୌଣସି ଏକ ଦୂରଗାମୀ ଏକ୍ସପ୍ରେସ୍ ଟ୍ରେନ୍‌ର ନାମ 'ବୀର ସୁରେନ୍ଦ୍ର ସାଏ ଏକ୍ସପ୍ରେସ୍' ଭାବେ ନାମିତ କରାଯାଉ । ବରଗଡ଼ ରୋଡ଼ ଏବଂ ସମ୍ବଲପୁର ରେଳ ଷ୍ଟେସନ୍‌ରେ ବୀର ସୁରେନ୍ଦ୍ର ସାଏଙ୍କ ସଂଗ୍ରାମ ସମ୍ପର୍କିତ ଚିତ୍ରକଳା ଏବଂ ତାଙ୍କର ଏକ ଭବ୍ୟ ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ସହ 'ଭାରତ ଗୌରବ' ଟ୍ରେନ୍ ମାଧ୍ୟମରେ ପର୍ଯ୍ୟଟକମାନଙ୍କୁ ପଶ୍ଚିମ ଓଡ଼ିଶାର ଏହି ଐତିହାସିକ ରଣକ୍ଷେତ୍ର ଦେଖାଇବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ବିଭିନ୍ନ ସମୟରେ ସାଂସଦ ଦାବି କରିଆସିଛନ୍ତି ।

# ଜଳିଗଲା ୭ ଦୋକାନ:ଅଗ୍ନିବିପନ୍ନଙ୍କୁ ସରକାରୀ ସହାୟତା ଦାବି

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ରବିବାର ରାତି ହେଲା କାଳ ରାତି । ନିଆଁର ଆଁରେ ଜଳିଗଲା ୭ ଦୋକନ । ଏହିଭଳି ଭୟାବହ ଅଗ୍ନିକାଣ୍ଡ ଘଟିଛି ରସୁଲପୁର ବ୍ଲକ ବ୍ରହ୍ମବରଦା ଥାନା ଅନ୍ତର୍ଗତ ମୁଖ୍ୟ ବ୍ୟବସାୟ ପେଣ୍ଠସ୍ଥଳ ତାରିଣୀ ଛକରେ । ନିମିଷକ ମଧ୍ୟରେ ଜଳିଗଲା ଗୋଟିଏ ପରେ ଗୋଟିଏ ୭ ଦୋକନ । ଗ୍ୟାସ୍ ଟାଙ୍କି ଫାଟିବା ପରେ ନିଆଁ ଲିଭାଇବାକୁ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡିଥିଲେ । ଘଟଣାସ୍ଥଳରେ ଦୁଇ ଦୁଇଟି ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ନିଆଁକୁ ଆୟତ କରିଥିଲେ ମଧ୍ୟ ସେତେବେଳକୁ ସମସ୍ତ ନାମୀଦାମୀ ବୈଦ୍ୟୁତିକ ସାମଗ୍ରୀ, ନାମୀଦାମୀ କମ୍ପାନୀର ଜୋତା, ମୋବାଇଲ, ପେଟ୍ରୋଲ ଓ ନଗଦ ଟଙ୍କା ସମେତ ଅତ୍ୟାବଶ୍ୟକୀୟ ସାମଗ୍ରୀ । ଯାହାକି ଏହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଆକଳନ କରାଯାଇଛି । ରାତି ପ୍ରାୟ ୨ଟା ସମୟରେ ବିଦ୍ୟୁତ୍ ସର୍ଟ ସର୍କିଟ୍‌ରୁ ଏହିଭଳି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଇଛି । ବ୍ୟବସାୟୀ ରମେଶ ବାରିକ୍‌ଙ୍କ ଟି ଷ୍ଟଲ, ବିଚିତ୍ର ବେହେରାଙ୍କ କ୍ୟାବିନ୍, ହେମନ୍ତ ବେହେରାଙ୍କ ଲସି ଦୋକନ, ମାଧବ ବେହେରାଙ୍କ ଜଳଖିଆ ଦୋକନ, ସେକ୍ ନଜୋଙ୍କ ସାଇକେଲ ମରାମତି ଦୋକାନ, ସଫିହୁର ରେହେମାନଙ୍କ ଜୋତା ଦୋକାନ ଓ ସେକ୍ ଇନ୍ତୋଙ୍କ ଗଦି ଦୋକାନ ସମ୍ପୂର୍ଣ୍ଣ ଭାବେ ଜଳି ପୋଡି ପାଉଁଶ ହୋଇଯାଇଛି । ଏଭଳି ଘଟଣା ଘଟିବା ପରେ ତାରିଣୀ ବଣିକ ସଂଘ ପକ୍ଷରୁ ଦୁଃଖ ପ୍ରକାଶ କରାଯାଇଛି । ବିଜେପି ରାଜ୍ୟ ମୁଖପାତ୍ର ମନୋଜ କୁମାର ମହାପାତ୍ର ଏଭଳି ଘଟଣା ପାଇଁ ଗଭୀର ଦୁଃଖ ପ୍ରକାଶ କରିବା ସହିତ ତୁରନ୍ତ କ୍ଷତିପୂରଣ ପାଇଁ ଜିଲ୍ଲା ପ୍ରଶାସନକୁ ଅବଗତ କରାଇଛନ୍ତି । ସେପଟେ ବରୀ ବିଜେପି ନେତା ଉମେଶ ଜେନା, ଯାଜପୁର ସାଂସଦଙ୍କ ପ୍ରତିନିଧି ଅବିନାଶ ବେହେରା, ଯୁବନେତା ରାକେଶ ଦେଓ, ପ୍ରମୋଦ ପତି ଫାଉଣ୍ଡେସନର ସଚିବ ଦିବ୍ୟଜ୍ୟୋତି ପତି, ପ୍ରଦୀପ ଦାସ, ପ୍ରଫୁଲ୍ଲ ଗିରି, ଯୁବ ସମାଜସେବୀ ଦେବବ୍ରତ ବିଶ୍ୱାଳ, ଅନିଲ ରାଉତ, ସଞ୍ଜୟ ବେହେରା, ବଣିକ ସଂଘର ସଭାପତି ଅରୁଣ ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବ୍ୟବସାୟୀମାନଙ୍କୁ ଭେଟିବା ସହିତ ଉପଯୁକ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ବ୍ଲକ ପ୍ରଶାସନକୁ ଅବଗତ କରାଇଛନ୍ତି । ରାଜସ୍ୱ ନୀରିକ୍ଷକ ଚିନ୍ମୟୀ ଦାସ ଘଟଣାସ୍ଥଳରେ ପହଞ୍ଚି କ୍ଷୟକ୍ଷତିର ଆକଳନ କରିବା ସହିତ କ୍ଷତିଗ୍ରସ୍ତ ବ୍ୟବସାୟୀମାନଙ୍କୁ ପଲିଥିନ୍ ପାଲ ଯୋଗାଇ ଦେଇଛନ୍ତି । ସୂଚନା ମୁତାବକ, ରବିବାର ତାରିଣୀ ଛକର ସମସ୍ତ ବ୍ୟବସାୟୀମାନେ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରି ଘରକୁ ଯାଇଥିଲେ । କେବଳ ସନ୍ତୋଷଙ୍କ ଲସି ଦୋକାନରେ ୩ ଜଣ ସମ୍ପର୍କୀୟ କର୍ମଚାରୀ ଶୁଭମ୍ ବେହେରା, ଜଗନ ଦାସ ଓ ବବଲୁ ଉଡ ଶୋଇଥିଲେ । ତେବେ ବିଳମ୍ବିତ ରାତିରେ ଅତ୍ୟଧିକ ଗରମ ଓ ଲାଇଟ୍ ହେବାରୁ ସେମାନଙ୍କ ନିଦ ଭାଙ୍ଗି ଯିବା ସହ ଦୋକନ ଜଳୁଥିବା ଦେଖିବାକୁ ପାଇ ଚିତ୍କାର କରିଥିଲେ । ଏଭଳି ଚିତ୍କାର ଶୁଣି ନିକଟରେ କିଛି ବ୍ୟବସାୟୀ ଓ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ । ଗୋଟିଏ ପରେ ଗୋଟିଏ ଦୋକନରେ ନିଆଁ ଲାଗି ଯାଇଥିଲା । ରମେଶଙ୍କ ଟିଷ୍ଟଲ୍‌ରେ ଥିବା ଗ୍ୟାସ୍ ଟାଙ୍କି ଫାଟି ଯିବାରୁ ଲୋକେ ଭୟଭିତ ହୋଇପଡିଥିଲେ । ଯେଉଁଥିପାଇଁ ସେମାନଙ୍କ ପାଇଁ ନିଆଁ ଲିଭାଇବା କଷ୍ଟକର ହୋଇପଡିଥିଲା । ଏନେଇ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା । ଘଟଣାସ୍ଥଳରେ ବରୁଆଁ ଓ ରସୁଲପୁର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ । ହେଲେ ସେତବେଳକୁ ସମସ୍ତ ସାମଗ୍ରୀ ଜଳି ପୋଡି ପାଉଁଶ ହୋଇଯାଇଥିଲା । ଲସି ଦୋକାନରେ ଥିବା ୨ଟି ମୋବାଇଲ, ସାଇକେଲ, ୩ଟି ଗ୍ରାଇଣ୍ଡର, ୩ଟି ଫ୍ୟାନ୍, ଗୋଟିଏ ଷ୍ଟାବ୍ଲାଇଜର, ଏକ ଜେନେରେଟର, ଜୋତା ଦୋକନର ନାମୀ ଦାମୀ କମ୍ପାନୀର ଜୋତା, ଜଳଖିଆ ଦୋକାନର ଖାଦ୍ୟ ଓ ଅତ୍ୟାବଶ୍ୟକୀୟ ସାମଗ୍ରୀ ସହ ବାସନକୁସନ, ୧୦ରୁ ଉର୍ଦ୍ଧ୍ୱ ପୁରୁଣା ସାଇକେଲ, ୨୦ ଲିଟରରୁ ଉର୍ଦ୍ଧ୍ୱ ପେଟ୍ରୋଲ, ଗ୍ୟାସ୍ ଟାଙ୍କି ସହ ଚୂଲା ସମେତ ଲକ୍ଷାଧିକ ଟଙ୍କାର ସମ୍ପତି ପୋଡି ପାଉଁଶ ହୋଇଯାଇଥିବା ଜଣାପଡିଛି ।

## //////////// 'ସମ୍ଭବ' ସାହିତ୍ୟ ପତ୍ରିକାର ୨୨ତମ ବାର୍ଷିକ ସମାରୋହ ////////////

# ଜନଜୀବନର ସମସ୍ୟା ସାହିତ୍ୟରେ ପ୍ରତିଫଳିତ ହେଲେ ତାହା କାଳଜୟୀ ହେବ



**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ରବିବାର ପୂର୍ବାହ୍ନରେ ସୃଷ୍ଟି ଓ ସମୀକ୍ଷାର ସ୍ୱତନ୍ତ୍ର ସ୍ମାରକୀ 'ସମ୍ଭବ'ର ୨୨ତମ ବାର୍ଷିକ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ସ୍ତମ୍ଭକାର ମନୋରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ସମାରୋହରେ ପ୍ରଫେସର ଡ଼କ୍ଟର ବୈଷ୍ଣବ ଚରଣ ସାମଲ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିବା ସହ ଭାରତୀୟ ସାହିତ୍ୟର 'ବସୁଧୈବ କୁଟୁମ୍ବ' ଭାବ ପୃଥିବୀର ସାହିତ୍ୟକୁ ପ୍ରଭାବିତ କରିଛି ବୋଲି ମତବ୍ୟକ୍ତ କରିଥିଲେ । ବିଶିଷ୍ଟ ନିବନ୍ଧକାର ଡ଼କ୍ଟର କୃଷ୍ଣ ବଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସକ୍ରିୟତା, ମୌନତା, ନିଃସଙ୍ଗତା ଆଧାରରେ ଜଣେ ସାହିତ୍ୟିକ ଉନ୍ନତ ସାହିତ୍ୟ ସୃଷ୍ଟି କରିପାରେ । ଆତ୍ମ ଉପଲବ୍ଧି ହେଉଛି ସାହିତ୍ୟିକର ସାଧନାର ମୂଳ ପାହାଚ ବୋଲି କହିଥିଲେ । କୃଷକ ନେତା ତଥା ସାମାଜିକ କର୍ମୀ ଶେଷଦେବ ନନ୍ଦ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜନଜୀବନର ସମସ୍ୟା ସାହିତ୍ୟରେ ପ୍ରତି ଫଳିତ ହେଲେ ତାହା କାଳଜୟୀ ହେବ । ସାହିତ୍ୟ ସଂଗଠନ ଗୁଡିକ ଏ ଦିଗରେ ଧ୍ୟାନ କେନ୍ଦ୍ରିତ କରନ୍ତୁ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ 'ସମ୍ଭବ'ର ବିଷୁବ ବିଶେଷାଙ୍କକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ସେହିପରି ଡ଼କ୍ଟର ବୈଷ୍ଣବ ଚରଣ ସାମଲଙ୍କୁ ସମ୍ଭବ ପ୍ରବନ୍ଧ ସମ୍ମାନ-୨୦୨୬, ଡ଼କ୍ଟର କବି ଗୌତମ ଜେନାଙ୍କୁ ସମ୍ଭବ କବିତା ସମ୍ମାନ, ଡ଼କ୍ଟର ମନୋରଞ୍ଜନ ବେହୁରାଙ୍କୁ ସମ୍ଭବ ଗଳ୍ପ ସମ୍ମାନ ପ୍ରଦାନ କରାଯାଇଥିବା ବେଳେ କେନ୍ଦ୍ର ବାଲ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଶିଶୁ ସାହିତ୍ୟ ସ୍ରଷ୍ଟା ବଟକୃଷ୍ଣ ଓଝା ଓ ଡ଼କ୍ଟର ରାଜ କିଶୋର ପାଢ଼ୀଙ୍କୁ ସମ୍ଭବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଡ଼କ୍ଟର କୃଷ୍ଣ ବଳ, କୃଷକ ନେତା ଶେଷ ଦେବ ନନ୍ଦ ଓ ପ୍ରବନ୍ଧିକ ମନୋରଞ୍ଜନ ମହାନ୍ତିଙ୍କୁ ସମ୍ଭବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଡା. ବିଜୟ କୁମାର ଶତପଥୀ, କବି ଡ଼କ୍ଟର ଗୋପବନ୍ଧୁ ଦାଶ, ସମାଜସେବୀ ମିନତୀ ସାହୁ, ଗୋକର୍ଣ୍ଣିକା ସମ୍ପାଦକ ଡ଼କ୍ଟର ରମାକାନ୍ତ ଜେନା, ସମାଜସେବୀ କାହ୍ନୁ ଚରଣ ଦାଶ, ଇନର୍ ହୁଇଲ୍ କ୍ଲବର ପୂର୍ବତନ ସଭାନେତ୍ରୀ ମାଧୁରୀ ଶତପଥୀ, ଅଧ୍ୟାପିକା ସସ୍ମିତା ପଣ୍ଡା, ଇନର୍ ହୁଇଲ୍ କ୍ଲବ ସଭାନେତ୍ରୀ ଲୋପାମୁଦ୍ରା ଷେଣ୍ଟ, ଅର୍ଚ୍ଚନା ସ୍ୱାଇଁ, ଡ଼କ୍ଟର ରବୀନ୍ଦ୍ର ବିହାରୀ, ଅଧକ୍ଷା ଡ଼କ୍ଟର ଇନ୍ଦୁପ୍ରଭା ସାମଲ, ପ୍ରାଧ୍ୟାପକ ସୁଶାନ୍ତ କୁମାର ପଣ୍ଡା, ଅଧ୍ୟାପକ ସୁନାକର ଦାସ, ଦୀପକ ମହାପାତ୍ର, ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ର, କବି କଳ୍ପନା ପଣ୍ଡା, ଶିକ୍ଷାବିତ ପ୍ରଫୁଲ କୁମାର ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ବିଶ୍ୱନାଥ ସାମଲ ପ୍ରମୁଖ ଯୋଗଦେଇ ସମ୍ଭବ ସାହିତ୍ୟ ପତ୍ରିକାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ସମ୍ଭବ ସମ୍ପାଦକ ଅଖିଳ କୁମାର ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଶିକ୍ଷାବିତ ବିଜୟ କୁମାର ଦେବତା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ଅଧ୍ୟାପକ ବିଜୟ କୁମାର ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ପ୍ରାରମ୍ଭରେ ଅତିଥିମାନେ କଲେଜ ପରିସରରେ ଥିବା ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସଂଗୀତ ଶିକ୍ଷକ ଅମରେଶ ଦାଶ ଓ ତାଙ୍କ ପୁତ୍ର ସୁବୋଧାନନ୍ଦ ଦାଶ ସଂଗୀତ ପରିବେଷଣ କରିଥିଲେ । କବି ଅଜୟ କୁମାର ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ ।



# ଆର୍‌ଏସ୍‌ଏସ୍ ପକ୍ଷରୁ ପ୍ରମୁଖ ଜନ ସଂଗୋଷ୍ଠୀ କାର୍ଯ୍ୟକ୍ରମ

**କେନ୍ଦୁଝର, ନ୍ୟୁଜ୍**

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଏକ ଶହ ବର୍ଷ ପୂର୍ଣ୍ଣ କରିଛି । ଏହି ଅବସରରେ ସାରା ଦେଶରେ ସଂଘ ପକ୍ଷରୁ ବିଭିନ୍ନ ସାମାଜିକ କାର୍ଯ୍ୟ ଆୟୋଜନ କରାଯାଉଛି । ଏନେଇ ସ୍ଥାନୀୟ ନଗର ଭବନ ଠାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କେନ୍ଦୁଝର ଜିଲ୍ଲା ପକ୍ଷରୁ ଏକ ପ୍ରମୁଖ ଜନ ସଂଗୋଷ୍ଠୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଭାଗ ସଂଘ ଚାଳକ ରତିକାନ୍ତ ବୈଦ୍ୟ ଯୋଗଦେଇଥିଲା ବେଳେ ମୁଖ୍ୟ ବକ୍ତା ଭାବେ ଆର୍‌ଏସ୍‌ଏସ୍ ପୂର୍ବ କ୍ଷେତ୍ର, କ୍ଷେତ୍ର ସମ୍ପର୍କ ପ୍ରମୁଖ ବିଦ୍ୟୁତ୍ ମୁଖାର୍ଜୀ ଯୋଗଦେଇ ଉପସ୍ଥିତ ବୁଦ୍ଧିଜୀବୀଙ୍କ ସହ ସଂଘର ଶତାବ୍ଦି ବର୍ଷ ପୂର୍ତ୍ତି ଅବସରରେ ଉପଲବ୍ଧି ବିଷୟରେ ଆଲୋଚନା କରିଥିଲେ । ଏହି ଅବସରରେ ଶ୍ରୀ ମୁଖାର୍ଜୀ ସୁସ୍ଥ ସମାଜ ଗଠନରେ ପ୍ରମୁଖଜନ ଗୋଷ୍ଠୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସହ ସମ୍ପର୍କ ପ୍ରମୁଖ କାଳୀ ଚରଣ ମହାନ୍ତ ପରିଚାଳନା କରିଥିଲା ବେଳେ ପ୍ରମୁଖ ଜନ ସଂଗୋଷ୍ଠୀ ଜିଲ୍ଲା ସଂଯୋଜକ ଶଶୀକାନ୍ତ ଜେନା ସଂଯୋଜନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟାଳୟର ଦୁଇ ଶହରୁ ଉର୍ଦ୍ଧ୍ୱ ପ୍ରଭାବୀ ଓ ସଜ୍ଜନ ବ୍ୟକ୍ତି ସାମିଲ୍ ହୋଇଥିଲେ ।

## ଜିଲ୍ଲା ସ୍ତରୀୟ ଅହମଦୀୟା ମୁସ୍‌ଲିମ୍ ସମ୍ମିଳନୀ

# ମହାପୁରୁଷମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**




କେନ୍ଦ୍ରାପଡ଼ା ସହରର ବଡ଼ହାଟ ସ୍ଥିତ ଅହମଦୀୟା ମୁସ୍‌ଲିମ୍ ସମ୍ପ୍ରଦାୟ ତରଫରୁ ଅହମଦୀୟା ମସ୍‌ଜିଦ୍ ପରିସରରେ ଜିଲ୍ଲା ସ୍ତରୀୟ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏହି ସମ୍ମିଳନୀରେ ଜିଲ୍ଲା ସଭାପତି ମୌଲାନା ହାରୁନ ରଶିଦ ପୌରୋହିତ୍ୟ କରିଥିଲେ । ବାର୍ଷିକ ସମ୍ମିଳନୀର ଏହି ମହାନ୍ ପରମ୍ପରାର ଶୁଭାରମ୍ଭ ମିର୍ଜା ଗୁଲାମ୍ ଅହମଦ୍ ସଂସ୍ଥାପକ ଅହମଦୀୟା ମୁସ୍‌ଲିମ୍ ସମ୍ପ୍ରଦାୟ ୧୮୯୧ ମସିହାରେ ସର୍ବ ପ୍ରଥମେ କାଦିଆନ ପଞ୍ଜାବ ଠାରେ କରିଥିଲେ । ଏହି ସମ୍ମିଳନୀରେ ପବିତ୍ର କୋରାନ୍ ପାଠ ମୌଲାନା ନସିର ଅହମଦ ଖାନ୍ କରିଥିବା ବେଳେ ଉର୍ଦ୍ଦୁ ନଜମ କବିତା ସୟଦ ସରଫରାଜ ଅହମଦ ପଢ଼ି ଶୁଣାଇଥିଲେ । ସଭାଧ୍ୟକ୍ଷ ଖିଲାଫତ ସହ ଦୃଢ଼ ସମ୍ପର୍କ ସ୍ଥାପନା ପାଇଁ ଶପଥ ପାଠ କରାଇଥିଲେ । ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମୌଲାନା ଅକବର ଖାନ୍ କହିଲେ ନମାଜ ପ୍ରଭୁଙ୍କ ନିକଟତର ହେବାର ମାଧ୍ୟମ । ନମାଜ ସଫଳତାର ଚାବିକାଠି । ନମାଜ ଆମକୁ ଆଜ୍ଞାବହତା ଶିଖାଇଥାଏ । ସାମୂହିକ ନମାଜ ପାଠ ଏକତାର ଓ ଅଖଣ୍ଡତାର ପରିଚୟ ଦେଇଥାଏ । ନମାଜ ଅଶ୍ଳିଳତା ଓ ମନ୍ଦ ଆଚାରଣରୁ ନିବୃତ୍ତ ରଖିଥାଏ । ମନ ଧ୍ୟାନ ଦେଇ ନମାଜ ପାଠ କରିଥିଲେ ହିଁ ପ୍ରତ୍ୟେକ ପ୍ରକାରର ଅସତ୍ କର୍ମରୁ ଦୂରତା ମିଳିଥାଏ । ନମାଜ ପାଠ ଦ୍ୱାରା ପାପ ଧୋଇ ହୋଇଯାଇଥାଏ । ନମାଜ ପାଠର ଅଭ୍ୟାସ ଦ୍ୱାରା ସନ୍ତାନର ସତ୍‌ଶିକ୍ଷା ଓ ତରବିୟତ ହୋଇପାରିଥାଏ । ଦ୍ୱିତୀୟ ବକ୍ତା ଭାବେ ଯୋଗଦେଇ ମୌଲାନା ଅବଦୁର ରହିମ ଦର୍ଦ କହିଲେ ପ୍ରଭୁ ମନୁଷ୍ୟକୁ ତାର ଉପାସନା କରିବା ପାଇଁ ସୃଷ୍ଟି କରିଛି । ଶାରୀରିକ ଭାବେ ଏବଂ ଆର୍ଥିକ ଅନୁଦାନ ଭାବେ ମଧ୍ୟ ଉପାସନା କରାଯାଇଥାଏ । ସତ୍ୟନିଷ୍ଠ ଓ ଧର୍ମପରାୟଣ ବ୍ୟକ୍ତି ସିଏ ହୋଇଥାଏ, ଯିଏ ପ୍ରଭୁଙ୍କ ପ୍ରଦତ୍ତ ଅନୁଦାନରୁ ହିଁ ପ୍ରଭୁଙ୍କ ମାର୍ଗରେ ଖର୍ଚ୍ଚ କରିଥାନ୍ତି । ଅହମଦୀୟା ମୁସ୍‌ଲିମ୍ ସମ୍ପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ୍ ଅହମଦ କୁହନ୍ତି ତୁମେ କେବେ ହେଲେ ଦୁଇଟି ଯାକ ସହିତ ପ୍ରେମ କରିପାରିବନାହିଁ । ପ୍ରଥମରେ ଅର୍ଥ ସହ ପ୍ରେମ । ଦ୍ୱିତୀୟଟି ହେଲା ପ୍ରଭୁଙ୍କ ସହ ପ୍ରେମ । ତୁମେ ଅର୍ଥ ସହ କଦାପି ପ୍ରେମ କରନାହିଁ । କାରଣ ସେ ଆଜି ଅଛି, କାଲି ଛାଡି ଚାଲିଯିବ । ଯଦି କାହାରିକୁ ଆଧାତ୍ମିକ ଭାବେ ଜୀବିତ ରହିବାର ଅଛି ତାହେଲେ ଯେପରି ମାଛ ଜୀବିତ ରହିବା ପାଇଁ ପାଣିର ଆବଶ୍ୟକ ରହିଥାଏ । ସେଇଭଳି ମଣିଷ ପାଇଁ ତ୍ୟାଗ ଓ ବଳିଦାନ ଜରୁରୀ ଅଟେ । ଅଲ୍-ଓ୍ୱସିୟତ ବ୍ୟବସ୍ଥା ମଣିଷକୁ ସତ୍ୟନିଷ୍ଠ ଓ ଧର୍ମପରାୟଣ କରିବା ସହ ଆତ୍ମସଂଯମୀ, ତ୍ୟାଗୀ ଏବଂ ପ୍ରକୃତ ପ୍ରଭୁଭକ୍ତ ଭାବେ ଗଢ଼ିପାରିଥାଏ । ଏହି ବ୍ୟବସ୍ଥା ଦ୍ୱାରା ସମାଜରେ ସମନ୍ୱୟତା କାଏମ ରହିବା ସହ ଗରିବ, ଅସହାୟ, ବିଧବା ଏବଂ ଅନାଥଙ୍କର ସହାୟକ ହୋଇଥାଏ । ଦ୍ୱିତୀୟ ଉର୍ଦ୍ଦୁ ନଜମ କବିତା ମୌଲବି ନାସିରୁଦ୍ଦିନ ଖାନ ପଢ଼ି ଶୁଣାଇଥିଲେ । ତୃତୀୟ ବକ୍ତା ଭାବେ ଜିଲ୍ଲା ମୌଲାନା ଇନ୍‌ଚାର୍ଜ ମୌଲାନା ସେକ୍ ଇସହାକ କହିଲେ କୌଣସି ସଂଗଠନର ପ୍ରକୃତ ଶକ୍ତି ସଂଗଠନର ଏକତ୍ରିକରଣରେ ହୋଇଥାଏ । ଏକତାରେ ହିଁ ସଫଳତା ମିଳିଥାଏ । ଆଜ୍ଞାବହତାରେ ହିଁ ବିଜୟର ବାର୍ତ୍ତା ରହିଥାଏ । ଭଲ ନେତୃତ୍ୱରେ ହିଁ ଉତ୍ତମ ଅସ୍ତିତ୍ୱ ପରିଲିକ୍ଷିତ ହୋଇଥାଏ । ସଂଗଠନର ଦୃଢ଼ିକରଣରେ ବିକାଶ ଓ ପ୍ରଗତିର ପଥ ପ୍ରସ୍ତର ହୋଇଥାଏ । ଅବଜ୍ଞାକାରୀମାନେ ସର୍ବଦା ସମାଜ ପାଇଁ ଏବଂ ସଂଗଠନ ପାଇଁ କ୍ଷତିକାରକ ଓ ଘାତକ ହୋଇଥାନ୍ତି । ସଭାପତି ଓ ସଂଗଠକଙ୍କ ଆଜ୍ଞାବହତାରେ ହିଁ ସଫଳତା ରହିଥାଏ । ସମ୍ମାନୀତ ଅତିଥି ଭାବେ କେନ୍ଦ୍ରାପଡା ସହରର କାଉନସିଲର ଉମେଶ ଚନ୍ଦ୍ର ନାୟକ ଯୋଗଦେଇ କହିଲେ ସକଳ ଧର୍ମର ମୂଳମନ୍ତ୍ର ଏକ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଆମେ ସମସ୍ତେ ମାନବ ଜାତି ଏକ । ଅହମଦୀୟା ମୁସ୍‌ଲିମ୍ ସଂଗଠନ ସମସ୍ତ ମୁସ୍‌ଲିମ୍ ସମାଜରେ ଏକ ସଭ୍ୟ ଓ ଶିକ୍ଷିତ ସଂଗଠନ । ସେମାନେ ଯେଉଁଠି ବି ରୁହନ୍ତୁ ନା କାହିଁକି ସହର, ନଗର, ରାଜ୍ୟ, ରାଷ୍ଟ୍ର ଓ ବିଶ୍ୱର ବିକାଶ ଓ ସମୃଦ୍ଧି ପାଇଁ ସର୍ବଦା ଚେଷ୍ଟିତ ରହିଥାନ୍ତି । ବିଶ୍ୱ ଶାନ୍ତି ଓ ବିଶ୍ୱ ଭାଇଚାରା ପ୍ରତିଷ୍ଠା କରିବାରେ ଏମାନେ ଅଗ୍ରଣୀ ଓ ସକ୍ରିୟ ରହିଥାନ୍ତି । ସଭାପତିତ୍ୱ ଭାଷଣରେ ମୌଲାନା ହାରୁନ ରସିଦ କହିଲେ ଏହି ବାର୍ଷିକ ସମ୍ମିଳନୀର ଉଦ୍ଦେଶ୍ୟ ହେଲା, ବିକାଶ, ଉନ୍ନତି ତଥା ପ୍ରଗତି କ୍ଷେତ୍ରରେ ବାର୍ଷିକ କାମର ଆଲୋଚନା କରିବା । ଅବହେଳିତ ଓ ପଛୁଆ ବର୍ଗର ଲୋକମାନଙ୍କୁ ସତ୍‌ମାର୍ଗର ପରିଚାଳିତ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରିବା । ଜଣେ ଅନ୍ୟ ଜଣକର ସହଯୋଗୀ ହେବା । ମହାପୁରୁଷ ଓ ମୁରବୀମାନଙ୍କର ଆଦର୍ଶରେ ଅନୁପ୍ରାଣିତ ହେବା । ଆମ ଭବିଷ୍ୟତ ଆମ ହାତରେ ରହିଛି । ଭଲ କାମ କରି, ଆଦର୍ଶବାଦୀ ହୋଇ ଆମ ଆଗନ୍ତୁକଙ୍କ ପାଇଁ ଭଲ ସଂସ୍କାର ଛାଡିଯିବା । ପରିଶେଷରେ ଯୋଗ ଦେଇଥିବା ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ତଥା ଧର୍ମସେବା କରୁଥିବା ସମସ୍ତ ଧର୍ମଗୁରୁ, ସଭାପତି, ଯୁବ ସଭାପତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇ, ବିଶ୍ୱଶାନ୍ତି ପାଇଁ ସାମୂହିକ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ସମ୍ମିଳନୀରେ ଜିଲ୍ଲା କଟକ, ଢ଼େଙ୍କାନାଳ, ଅନୁଗୋଳ, ବାଲେଶ୍ୱର, ଭଦ୍ରକ, ଖୋର୍ଦ୍ଧା, ଯାଜପୁର, ଜଗତସିଂପୁର ଏବଂ କେନ୍ଦ୍ରାପଡାର ଶତାଧିକ ଅହମଦି ଶ୍ରଦ୍ଧାଳୁ ଯୋଗଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଅଲ୍ ଓଡ଼ିଶା ବି.ଜେ.ପି ସେକ୍ରେଟାରୀ ରଞ୍ଜିତ କୁମାର ସାହୁ, ସୟଦ ଏହେସାନ ସଭାପତି କେନ୍ଦ୍ରାପଡା ଜାମା ମସ୍‌ଜିଦ୍, ସେକ୍ ନସିମ୍, ସଭାପତି ଅହମଦୀୟା ମୁସ୍‌ଲିମ୍ ଜମାତ କେନ୍ଦ୍ରାପଡା ସେକ୍ ଜମାଲୁଦ୍ଦିନ, ଜିଲ୍ଲା ଉପସଭାପତି ରସିଦ ଖାନ୍, ଜିଲ୍ଲା ନାଜିମ୍ ସୟଦ ବଶିର ଅହମଦ୍, ଜିଲ୍ଲା ଯୁବସଭାପତି ମହମ୍ମଦ ସଫାକତ ଅଲ୍ଲି, ମୌଲାନା ଫଜଲ୍ ହକ୍ ଖାନ୍, ମୌଲାନା ସେକ୍ ଅବଦୁଲ ହଲିମ୍, ମୌଲାନା ସୟଦ ଫଜଲେ ନଇମ୍, ମୌଲାନା କରାମତ ଅହମଦ୍, ମୌଲାନା ତୟବ ଅହମଦ୍ ଖାନ୍ ଏବଂ ଅଫ୍‌ଜଲ୍ ଖାନ୍ ଯୋଗ ଦେଇଥିଲେ ।



# କେନ୍ଦ୍ରାପଡ଼ାରେ ଜନଗଣନା ପ୍ରଶିକ୍ଷଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ତିନିଦିନିଆ ଜନଗଣନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦ୍ରାପଡା ପ୍ରଶାସନ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ପୌରାଞ୍ଚଳରେ ଥିବା ହାଇସ୍କୁଲ୍, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପ୍ରାଥମିକ ବିଦ୍ୟାଳୟ ଓ ମଦ୍ରାସାର ଶହ ଶହ ଶିକ୍ଷକ, ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମରେ ସାଧନ କର୍ମୀ ଭାବେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ବିକାଶ କୁମାର ନାୟକ, ପୌରସଂସ୍ଥାର ବରିଷ୍ଠ କିରାଣୀ ମିଲି ବେହେରା ପ୍ରଶିକ୍ଷକ ଭାବେ ଯୋଗଦେଇ ଉପସ୍ଥିତ ଥିବା ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଘରକୁ ଘର ବୁଲି ପାଇଥିବା ପ୍ରଶିକ୍ଷଣଗୁଡ଼ିକୁ ମୋବାଇଲ୍ ଆପ୍ ମାଧ୍ୟମରେ ପ୍ରୟୋଗ କରିଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମଟି ଗତ ୨୩ ଠାରୁ ଆରମ୍ଭ ହୋଇ ୨୫ ତାରିଖି ପର୍ଯ୍ୟନ୍ତ ଚାଲୁ ରହିଥିଲା । ଶେଷ ବ୍ୟାଚ୍ ୨୬ ଠାରୁ ଆରମ୍ଭ ହୋଇ ୨୮ ତାରିଖରେ ଶେଷ ହୋଇଥିଲା । କେନ୍ଦ୍ରାପଡାର ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ପୌର ନିର୍ବାହୀ ଅଧିକାରୀ ଅଜିତ୍ ନାରାୟଣ ପ୍ରସାଦ ଗିରି ସମ୍ପୂର୍ଣ୍ଣ ତଦାରଖ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ଜନଗଣନା ଅଧିକାରୀ ରଶ୍ମିରଞ୍ଜନ ମାଣିକ, ସହକାରୀ ଜିଲ୍ଲାପାଳ ସରୋଜ କୁମାର ବେହେରା, ନବକୃଷ୍ଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ବୌଦ୍ଧ ଜିଲ୍ଲା ଓକିଲ ସଂଘ ନିର୍ବାଚନ:ଶାନ୍ତନୁ ସଭାପତି, ବିଭୁ ସମ୍ପାଦକ ନିର୍ବାଚିତ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ସିଭିଲ୍ ଏଣ୍ଡ କ୍ରିମିନାଲ୍ ଓକିଲ ସଂଘର ନିର୍ବାଚନ ପ୍ରକ୍ରିୟା ସମାପ୍ତ ହୋଇଯାଇଛି । ପ୍ରତ୍ୟେକ ବର୍ଷ ଓଡ଼ିଶା ରାଜ୍ୟ ଓକିଲ ପରିଷଦର ନିର୍ଦ୍ଦେଶ କ୍ରମେ ମାର୍ଚ୍ଚ ମାସ ଶେଷ ଶନିବାର ଦିନ ଓଡ଼ିଶାର ସମସ୍ତ ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଥାଏ । ଏହି ପରିପେକ୍ଷୀରେ ସିଭିଲ୍ ଏଣ୍ଡ୍ କ୍ରିମିନାଲ୍ ଓକିଲ ସଂଘର ସଭାପତି ଭାବେ ଶାନ୍ତନୁ କୁମାର ମହାପାତ୍ର, ଉପ ସଭାପତି ଭାବେ ନିକୁଞ୍ଜ ମାଧବ ବେହେରା, ସମ୍ପାଦକ ଭାବେ ବିଭୁ ପ୍ରସାଦ କ୍ଷେତି, ସହ ସମ୍ପାଦକ ଭାବେ ବିକାଶ ରଞ୍ଜନ ସାହୁ, କୋଷାଧ୍ୟକ୍ଷ ଭାବେ ସୁମିତ । ରାଜ ଓ ଲାଇବ୍ରେରୀ ସେକ୍ରେଟାରୀ ଭାବେ ପ୍ରଭୁଦତ୍ତ ଦଲାଲ୍ ନିର୍ବାଚିତ ହୋଇଛନ୍ତି । ଏହା ସଙ୍ଗେ ସଙ୍ଗେ ସଂଘର କାର୍ଯ୍ୟକାରୀ ସଦସ୍ୟ ରୂପେ ସଚ୍ଚିଦାନନ୍ଦ ଦଲାଲ୍, ଚନ୍ଦ୍ରଶେଖର ପାଢ଼ୀ, କୃଷ୍ଣଚନ୍ଦ୍ର ମେହେର, ମନରଞ୍ଜନ ଦାଶ, ରିତାଞ୍ଜଳି ପ୍ରଧାନ, ପ୍ରଭାତୀ ପାଣିଗ୍ରାହୀ ଓ ସୁଭଦ୍ରା ପାତ୍ର ମନୋନୀତ ହୋଇଛନ୍ତି । ସଂଘର ନିର୍ବାଚନ ଅଧିକାରୀ କୃଷ୍ଣଚନ୍ଦ୍ର ମେହେର ସମସ୍ତ ନିର୍ବାଚନ ପ୍ରକ୍ରିୟା ପରିଚାଳନା କରିଥିଲେ ।





32 YEARS
ସମ୍ବାଦ କଳିକା
ଭୁବନେଶ୍ୱର,୩୧ ମାର୍ଚ୍ଚ, ମଙ୍ଗଳବାର,୨୦୨୬


# ବିଶ୍ୱକପ ଦଳକୁ ଫେରିପାରନ୍ତି ସାର୍ଦ୍ଦୁଲ ଠାକୁର



**ନୂଆଦିଲ୍ଲୀ**

ଲଗାତାର ଟି-୨୦ ବିଶ୍ୱକପ ଜିତିବା ପରେ ଭାରତର ପରବର୍ତ୍ତୀ ଲକ୍ଷ୍ୟ ଦିନିକିଆ ବିଶ୍ୱକପ ହାସଲ କରିବା। ୨୦୨୭ ମସିହାରେ ଦିନିକିଆ ବିଶ୍ୱକପ ଅନୁଷ୍ଠିତ ହେବ। ଦକ୍ଷିଣଆଫ୍ରିକା, ନାମିବିଆ ଏବଂ ଜିମ୍ବାୱେରେ ଏହି ଆଇସିସିର ଏହି ବଡ଼ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ତେବେ ଭାରତୀୟ ଦଳରେ ସ୍ଥାନ ପାଇବା ପାଇଁ ଖେଳାଳିଙ୍କ ମଧ୍ୟରେ ଆରମ୍ଭ ହୋଇଛି ପ୍ରତିଦ୍ୱନ୍ଦ୍ୱିତା। ଏବେ ଆଇପିଏଲ ଚାଲିଥିବାବେଳେ ଏହାର ପ୍ରଦର୍ଶନ ମଧ୍ୟ ଦଳରେ ସ୍ଥାନ ପାଇବା ପାଇଁ ଏକ ବଡ଼ ଭୂମିକା ଗ୍ରହଣ କରିବ।

ଚଳିତ ସିଜିନରେ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଡେବ୍ୟୁ କରିଥିବା ସାର୍ଦ୍ଦୁଲ ଠାକୁର ପ୍ରଥମ ମ୍ୟାଚ୍‌ରୁ ଦମ୍ଦାର ପ୍ରଦର୍ଶନ କରିଛନ୍ତି। ସେ ଭାରତୀୟ ଦଳର ବିଶ୍ୱକପ ଟିମ୍‌ରେ ସାମିଲ ହେବାକୁ ନିଜର ପ୍ରସ୍ତୁତି ଜାରି ରଖିଥିବା କୁହାଯାଉଛି। ଜଣେ ପେସର ବୋଲର ସାଙ୍ଗକୁ ଦଳ ପାଇଁ ୮ ନମ୍ବରରେ ବ୍ୟାଟିଂ କରିବାର ଅଭିଜ୍ଞତା ମଧ୍ୟ ରଖିଛନ୍ତି ସାର୍ଦ୍ଦୁଲ। ବୋଲିଂ ସାଙ୍ଗକୁ ବ୍ୟାଟିଂରେ ନିଜର ଉଚ୍ଚକୋଟିର ପ୍ରଦର୍ଶନ ପୂର୍ବରୁ ଦର୍ଶାଇ ସାରିଛନ୍ତି ସାର୍ଦ୍ଦୁଲ। ୨୦୨୩ ମସିହାରେ ଶେଷଥର ପାଇଁ ଦିନିକିଆ ମ୍ୟାଚ୍ ଖେଳିଛନ୍ତି ସେ। ଏହାପରଠାରୁ ଦଳକୁ ଫେରିବା ପାଇଁ ସଂଘର୍ଷ କରୁଛନ୍ତି। ଯାହାର ଫଳାଫଳ ଏବେ ଆଇପିଏଲରେ ଦେଖିବାକୁ ମିଳିଛି।

ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ନୂଆ ଦଳ ସହ ଡେବ୍ୟୁ କରିଛନ୍ତି ସାର୍ଦ୍ଦୁଲ। ସେ ରବିବାର ଖେଳିଥିବା କୋଲକାତା ନାଇଟ ରାଇଡର୍ସ ବିପକ୍ଷ ମ୍ୟାଚରେ ୪ ଓଭରରେ ୩ ୱିକେଟ୍ ନେବାରେ ସକ୍ଷମ ହୋଇଥିଲେ। କେକେଆରର ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନଙ୍କୁ ଅଳକରେ ପକାଇଥିଲେ। ଯେଉଁ କାରଣରୁ ତାଙ୍କ ପ୍ରଥମ ମ୍ୟାଚ୍‌ରେ ପ୍ଲେୟାର ଅଫ ଦ ମ୍ୟାଚ୍ ବିବେଚିତ କରାଯାଇଥିଲା। ତେବେ ଚଳିତ ସିଜିନ ତାଙ୍କ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି। ଟିମ୍ ଇଣ୍ଡିଆକୁ ଫେରିବା ପାଇଁ ଏହି ଆଇପିଏଲ ସୁଯୋଗ ବୋଲି କହିଛନ୍ତି କ୍ରୀଡ଼ା ବିଶେଷଜ୍ଞ।

## ବୈଭବଙ୍କ ବିସ୍ଫୋରକ ବ୍ୟାଟିଂ

# ସୁପର କିଙ୍ଗ୍‌ସକୁ ୮ ୱିକେଟରେ ହରାଇଲା ରାଜସ୍ଥାନ ରୟାଲ୍ସ

**ଗୁଆହାଟୀ**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୯ତମ ସଂସ୍କରଣର ତୃତୀୟ ମ୍ୟାଚ୍‌କୁ ରାଜସ୍ଥାନ ରୟାଲ୍ସ ସହଜରେ ବିଜୟ ହାସଲ କରିଛି। ଆସାମର ଗୁଆହାଟୀସ୍ଥିତ ବାରସପରା ଷ୍ଟାଡ଼ିୟମରେ ସୋମବାର ଖେଳାଯାଇଥିବା ଏହି ମ୍ୟାଚ୍‌କୁ ଚେନ୍ନାଇ ସୁପର କିଙ୍ଗ୍‌ସ ବିପକ୍ଷରେ ରାଜସ୍ଥାନ ୮ ୱିକେଟ୍‌ରେ ଜିତିଛି।

ଏହି ମ୍ୟାଚ୍‌ରେ ଯୁବ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ ବିସ୍ଫୋରକ ବ୍ୟାଟିଂ କରିଛନ୍ତି। ସେ ୩୦୫.୮୮ ହାରରେ ବ୍ୟାଟିଂ କରିଛନ୍ତି। ୧୭ଟି ବଲ୍ ଖେଳି ୪ଟି ଚୌକା ଏବଂ ୫ଟି ଛକା ବଳରେ ବୈଭବ ୫୨ ରନ୍ ସଂଗ୍ରହ କରିଛନ୍ତି। ଦଳର ଅନ୍ୟତମ ପ୍ରାରମ୍ଭିକ ବ୍ୟାଟର ଯଶସ୍ୱୀ ଜୟସ୍ୱାଲ ମଧ୍ୟ ଭଲ ପ୍ରଦର୍ଶନ କରିଛନ୍ତି। ସେହିପରି ୱିକେଟ୍‌କିପର ବ୍ୟାଟର ଧ୍ରୁବ ଜୁରେଲ (୧୮ ରନ୍)ଙ୍କ ବ୍ୟାଟିଂରେ ଦର୍ଶକ ଉତ୍ସାହିତ ହୋଇଛନ୍ତି।

ଏହି ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଦଳ ସଫଳ ରଣନୀତି କରି ଚେନ୍ନାଇ ଟିମ୍‌କୁ ୧୨୭ ରନ୍‌ରେ ଅଟକାଇଥିଲା। ଅଧିନାୟକ ରତୁରାଜ ଗାଏକ୍ୱାର୍ଡଙ୍କ



ନେତୃତ୍ୱରେ ଚେନ୍ନାଇ ୧୯.୪ ଓଭରରେ ସମସ୍ତ ୱିକେଟ୍ ହରାଇଥିଲା। ଫଳରେ ରାଜସ୍ଥାନକୁ ଏହି ମ୍ୟାଚ୍ ବିଜୟ ପାଇଁ ୧୨୮ ରନ୍‌ର ଲକ୍ଷ୍ୟ ମିଳିଥିଲା।

ରାଜସ୍ଥାନ ପାଇଁ ଦଳର ସମସ୍ତ ବୋଲର ଭଲ ପ୍ରଦର୍ଶନ କରିଛନ୍ତି। ଜୋଫ୍ରା ଅର୍ଚ୍ଚର, ନନ୍ଦ୍ରେ ବର୍ଗର ଏବଂ ରବୀନ୍ଦ୍ର ଜାଡେଜା ୨ଟି ଲେଖାଏଁ ୱିକେଟ୍ ନେଇଥିଲା ବେଳେ ବ୍ରିଜେଶ ଶର୍ମା, ସନ୍ଦୀପ ଶର୍ମା ଏବଂ ରବି ବିଷ୍ଣୋୟୀଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା। ଚେନ୍ନାଇର ପାଳି ଆରମ୍ଭ କରିଥିଲେ ସଞ୍ଜୁ ସାମସନ ଏବଂ ରତୁରାଜ ଗାୟକ୍ୱାଡଙ୍କ ସହିତ ଇନିଂସ ଓପନ କରିଥିଲେ।

ଟି୨୦ ବିଶ୍ୱକପ୍-୨୦୨୬ର ହିରୋ ସଞ୍ଜୁ ତାଙ୍କ ପ୍ରଭାବରେ ଦେଖାଯାଇ ନଥିଲେ। ନାଣ୍ଡରେ ବର୍ଗର ଦ୍ୱିତୀୟ ଓଭରରେ ସଞ୍ଜୁଙ୍କୁ ବୋଲ୍ଡ କରିଥିଲେ, ମାତ୍ର ଛଅ ରନ କରିଥିଲେ। ଅଧିନାୟକ ରତୁରାଜ ଗାଏକ୍ୱାଡ। ଉଭୟ ଖେଳାଳି ୬-୬ ରନ୍ ସଂଗ୍ରହ କରି ଆଉଟ୍ ହୋଇଥିଲେ। ନନ୍ଦ୍ରେ ବର୍ଗର ଚତୁର୍ଥ ଓଭରର ପ୍ରଥମ ବଲ୍‌ରେ ଆୟୁଷ ମହାତ୍ରେଙ୍କୁ ଆଉଟ୍ କରିଥିଲେ, ଯାହା ଫଳରେ ମହାତ୍ରେ ସ୍କୋର କରିପାରି ନଥିଲେ। ମାଥ୍ୟୁ ସର୍ଟଙ୍କ ଠାରୁ ଚେନ୍ନାଇ ଟିମ୍ ପାଇଁ ବହୁତ ଆଶା ରଖିଥିଲା। କିନ୍ତୁ ସେ ମଧ ଷଷ୍ଠ ଓଭରରେ ମାତ୍ର ଦୁଇ ରନ କରି ଆଉଟ ହୋଇଥିଲେ। ତା'ପରେ ସରଫରାଜ ଖାନ ଇନିଂସକୁ ସ୍ଥିର କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଜାଡ଼େଜା ତାଙ୍କର ପ୍ରଥମ ଓଭରରେ ଆଉଟ୍ କରିଥିଲେ। ସରଫରାଜ ୧୭ ରନ କରିଥିଲେ। ଯେତେବେଳେ ସର୍ଫରାଜ ବିଦାୟ ନେଇଥିଲେ ଚେନ୍ନାଇ ୫୧ ରନ୍ ସଗ୍ରହ କରି ୫ଟି ୱିକେଟ୍ ହରାଇ ସାରିଥିଲା। ଜାଡ଼େଜା ସେହି ଓଭରରେ ଶିବମ ଦୁବେଙ୍କୁ ଆଉଟ କରିଥିଲେ। ଶିବମ ମଧ ମାତ୍ର ୬ ରନ କରିଥିଲେ। ୧୦ ଓଭର ପରେ ଚେନ୍ନାଇ ୭୧ ରନ୍‌ରେ ୬ଟି ୱିକେଟ୍ ହରାଇ ସାରିଥିଲା।

# ମୁମ୍ବାଇ ବିପକ୍ଷରେ କେକେଆରର ଶୋଚନୀୟ ପରାଜୟର କାରଣ କହିଲେ ଅଜିଙ୍କ୍ୟ

**ନୂଆଦିଲ୍ଲୀ**

ମ୍ୟାଚ୍ ପରେ ଅଧିନାୟକ ଅଜିଙ୍କ୍ୟ ରାହାଣେ କହିଛନ୍ତି, 'ବୋଲିଂ ଅଭିଜ୍ଞତା ଅଭାବରୁ ଦଳ ହାରିଗଲା। ମୁଁ ଭାବୁଥିଲି ଯେ ୨୨୦-୨୨୫ ଏକ ଭଲ ସ୍କୋର ଥିଲା। ଆମେ ପ୍ରକୃତରେ ଭଲ ବ୍ୟାଟିଂ କରିଥିଲୁ, କିନ୍ତୁ ପୁଣିଥରେ ଏହା ଏକ ଅନଭିଜ୍ଞ ବୋଲିଂ ଆକ୍ରମଣ ଥିଲା। ଏହା ଆମକୁ ଶିଖାଇଛି। ମୁମ୍ବାଇ ଇଣ୍ଡିଆନ୍ସ ଏକ ଶକ୍ତିଶାଳୀ ବ୍ୟାଟିଂ ଲାଇନଅପ୍ ବିପକ୍ଷରେ ଖେଳିବା ଆମ ପାଇଁ ଏକ ଶିଖିବାର ସୁଯୋଗ।



ଆଇପିଏଲରେ ନୂଆ ବୈଭବ, କାର୍ତ୍ତିକ, ମୁଦାରବାନିଙ୍କ ବ୍ୟତୀୟ ଦୁଇଜଣ ଅଭିଜ୍ଞ ସ୍ପିନର ଅଛନ୍ତି, କିନ୍ତୁ ମୁଁ ଭାବୁଥିଲି ମୁମ୍ବାଇ ଇଣ୍ଡିଆନ୍ସ ଭଲ ବ୍ୟାଟିଂ କରିଥିଲା। ତେଣୁ ଆମର ବୋଲରମାନେ ନିଶ୍ଚିତ ଭାବରେ ଶିଖିବେ।'

# ଫର୍ମୁଲା ୱାନ ରେସ୍‌ରେ ଜିତିଲେ କିମି ଆଣ୍ଟୋନେଲି

**ସୁଜୁକା**



ସିଜନର ତୃତୀୟ ଫର୍ମୁଲା ୱାନ ରେସ୍ ଜାପାନିଜ୍ ଗ୍ରାଁପ୍ରିରେ ଚାମ୍ପିଅନ ହୋଇଛନ୍ତି ମର୍ସିଡିସ୍ ଚାଳକ କିମି ଆଣ୍ଟୋନେଲି। ସେ କ୍ରମାନ୍ୱୟରେ ଦ୍ୱିତୀୟ ରେସ୍‌ରେ ବିଜୟୀ ହୋଇଛନ୍ତି। ଚାଇନିଜ ଗ୍ରାଁପ୍ରି ଭଳି ଜାପାନିଜ (୫୩ ଲାପ) ସର୍କିଟରେ ମଧ ୧୯ ବର୍ଷୀୟ ଆଣ୍ଟୋନେଲି ଚମତ୍କାର ପ୍ରଦର୍ଶନ କରିଥିଲେ। ୧:୨୮:୦୩.୪୦୩ ଟାଇମିଂ ସହ ସେ ପ୍ରଥମ ସ୍ଥାନରେ ରହିଥିଲେ। ଅତିରିକ୍ତ +୧୩.୭୨୨ ସେକେଣ୍ଡ ନେଇ ମ୍ୟାକଲରେନର ଓସ୍କାର ପିଆଷ୍ଟ୍ରି ଦ୍ୱିତୀୟ ଏବଂ ଫରାରିର ଚାର୍ଲେସ ଲେକଲେର୍କ (+୧୫.୨୭୦) ତୃତୀୟ ସ୍ଥାନ ହାସଲ କରିଥିଲେ। ଚାମ୍ପିଅନଙ୍କୁ ୨୫ ପଏଣ୍ଟ, ଦ୍ୱିତୀୟ ସ୍ଥାନ ପାଇଁ ୧୮ ପଏଣ୍ଟ ଏବଂ ତୃତୀୟ ସ୍ଥାନ ପାଇ ୧୫ ପଏଣ୍ଟ ମିଳିଛି। ସିଜନର ପ୍ରଥମ ରେସ ଅଷ୍ଟ୍ରେଲିଆନ ଗ୍ରାଁପ୍ରିରେ ମର୍ସିଡିସର ଜର୍ଜ ରସେଲ ଚାମ୍ପିଅନ ହୋଇଥିଲେ। ପରବର୍ତ୍ତୀ ଚାଇନିଜ ଓ ଜାପାନିଜ ଗ୍ରାଁପ୍ରିରେ ଆଣ୍ଟୋନେଲି ବିଜେତା ହୋଇଛନ୍ତି। ଫର୍ମୁଲା ୱାନ ରେସ୍ ଇତିହାସରେ ମ୍ୟାକ୍ସ ଭର୍ଷ୍ଟାପେନ ସର୍ବକନିଷ୍ଠ ଚାମ୍ପିଅନ। ସେ ମାତ୍ର ୧୭ ବର୍ଷ ୧୬୬ ଦିନରେ ରେସ୍ ଜିତିବାରେ ସଫଳ ହୋଇଥିଲେ। ଆଣ୍ଟୋନେଲି ୧୮ ବର୍ଷ ୨୦୨ ଦିନରେ ବିଜେତା ହୋଇଛନ୍ତି। ସର୍ବକନିଷ୍ଠ ରେସ୍ ବିଜେତା ତାଲିକାରେ ସେ ତୃତୀୟ ସ୍ଥାନରେ ଅଛନ୍ତି।

# ଶୀତଲ ପାଇବେ ବର୍ଷର ଶ୍ରେଷ୍ଠ ପାରା ତୀରନ୍ଦାଜ ପୁରସ୍କାର



**ନୂଆଦିଲ୍ଲୀ**

ଭାରତୀୟ ତୀରନ୍ଦାଜ ଶୀତଲ ଦେବୀ 'ବର୍ଷର ଶ୍ରେଷ୍ଠ ପାରା ତୀରନ୍ଦାଜ ୨୦୨୫' ପୁରସ୍କାର ଲାଗି ମନୋନୀତ ହୋଇଛନ୍ତି। ଜନ୍ମରୁ ବିନା ହାତରେ ଜନ୍ମ ନେଇଥିବା ଏହି ୧୯ ବର୍ଷୀୟା ଜମ୍ମୁ କାଶ୍ମୀର ଖେଳାଳି ଦକ୍ଷିଣ କୋରିଆରେ ଆୟୋଜିତ ବିଶ୍ୱ ପାରା ତୀରନ୍ଦାଜି ପ୍ରତିଯୋଗିତାର ମହିଳା କମ୍ପାଉଣ୍ଡ ବ୍ୟକ୍ତିଗତ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହି ସଫଳତା ଲାଗି ବିଶ୍ୱ ତୀରନ୍ଦାଜି ପକ୍ଷରୁ ଏହି ସମ୍ମାନରେ ସମ୍ମାନିତ କରାଯିବ। ଦୁଇ ବାହୁ ନଥିବା ଶୀତଲ ନିଜ ପାଦ, ଗୋଡ଼ ଓ କାନ୍ଧରେ ଧନୁ ଧରି ପାଟିରେ ତୀର ମାରନ୍ତି। ସେ ବିଶ୍ୱ ପ୍ରତିଯୋଗିତାରେ ମହିଳା ଦଳଗତରେ ରୌପ୍ୟ ଓ ମିଶ୍ରିତରେ କାଂସ୍ୟ ପାଇଥିଲେ। 'ଗ୍ୱାଙ୍ଗ୍‌ଜୁରେ ବିଶ୍ୱ ମୁକୁଟ ଜିତିଥିବା ଭାରତର ଶୀତଲ ଦେବୀଙ୍କୁ ବର୍ଷର ଶ୍ରେଷ୍ଠ ତୀରନ୍ଦାଜ ପୁରସ୍କାରରେ ସମ୍ମାନୀତ କରାଯିବ' ବୋଲି ବିଶ୍ୱ ତୀରନ୍ଦାଜୀ କହିଛି। ବିଶ୍ୱ ପ୍ରତିଯୋଗିତା ସ୍ୱର୍ଣ୍ଣ ବାଦ୍ ପ୍ୟାରିସ୍ ଅଲିମ୍ପିକ୍ସରେ ମିଶ୍ରିତ ଦଳଗତରେ କାଂସ୍ୟ ପାଇଥିଲେ। ସେ ମଧ ୨୦୨୨ ଏସୀୟ ପାରା କ୍ରୀଡ଼ାରେ ୨୦୨୩ ଏସୀୟ ପ୍ରତିଯୋଗିତାରେ ରୌପ୍ୟ ପଦକ ଜିତିଥିଲେ।

# ଇତିହାସ ବଦଳି ଯାଇଛି, କିନ୍ତୁ ରୋହିତ କେବେ ବଦଳି ନାହାନ୍ତି : ଯୁବରାଜ

**ନୂଆଦିଲ୍ଲୀ**

ଆଇପିଏଲ ୨୦୨୬ର ଦ୍ୱିତୀୟ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଏକ ଧମାକାଦାର ଇନିଂସ ଖେଳି ରୋହିତ ଶର୍ମା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ରୋହିତଙ୍କ ଏହି ଅର୍ଦ୍ଧଶତକୀୟ ଇନିଂସ ପାଇଁ, ମୁମ୍ବାଇ କୋଲକାତା ନାଇଟ ରାଇଡର୍ସକୁ ୬ ୱିକେଟରେ ପରାସ୍ତ କରିଛି, ଏହା ସହିତ ଇଣ୍ଡିଆନ ପ୍ରିମିୟର ଲିଗର ୧୯ତମ ସିଜିନକୁ ବିଜୟ ସହିତ ଆରମ୍ଭ କରିଛି। ଏହା ୧୩ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଯେ ମୁମ୍ବାଇ ଇଣ୍ଡିଆନ୍ସ ସେମାନଙ୍କର ସିଜନ-ପ୍ରାରମ୍ଭିକ ମ୍ୟାଚରେ ବିଜୟ ହାସଲ କରିବାରେ ସଫଳ ହୋଇଛି। 'ହିଟ ମ୍ୟାନ' ରୋହିତ ଏହି ବିଜୟରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ।





ଏହି ମ୍ୟାଚରେ ରୋହିତ ଶର୍ମା ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଇନିଂସ ଓପନ କରିବାକୁ ବାହାରିଥିଲେ। ସେ କୋଲକାତା ନାଇଟ ରାଇଡର୍ସ ଦ୍ୱାରା ଧାର୍ଯ୍ୟ ୨୨୧ ରନର ଟାର୍ଗେଟକୁ ପିଛା କରିବାର ଚାପର ସମ୍ମୁଖୀନ ହୋଇଥିଲେ; ତଥାପି ସେ ସେହି ଚାପକୁ ନିଜ ଉପରେ ପଡ଼ିବାକୁ ଦେଇ ନଥିଲେ। ବରଂ ସେ ଆରମ୍ଭରୁ ହିଁ ବଡ଼ ସଟ୍ ଖେଳିବା ଆରମ୍ଭ କରିଥିଲେ, ଷ୍ଟାଡ଼ିୟମରେ ଥିବା ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ।

ଏକ ଧମାକାଦାର ବ୍ୟାଟିଂ କରି, ରୋହିତ ଶର୍ମା ମାତ୍ର ୨୩ ବଲରେ ତାଙ୍କର ଅର୍ଦ୍ଧଶତକ ହାସଲ କରିଥିଲେ। ଏହି ଇନିଂସରେ ୩ ଚୌକା ଏବଂ ୫ ଛକା ଥିଲା। ସେ ଏହି ଇନିଂସକୁ ଆହୁରି ବିସ୍ତାର କରି ଶେଷରେ ୩୮ ବଲରୁ ୭୮ ରନ କରିଥିଲେ। ଏହି ଇନିଂସ ମଧ୍ୟରେ, ସେ ୬ ଚୌକା ଏବଂ ୬ ଛକା ମାରି ୨୦୫.୨୬ର ପ୍ରଭାବଶାଳୀ ଷ୍ଟ୍ରାଇକ ହାର ବଜାୟ ରଖିଥିଲେ।

ଏହି ବିସ୍ଫୋରକ ଇନିଂସ ପରେ ଯୁବରାଜ ସିଂହ ରୋହିତ ଶର୍ମାଙ୍କ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବୟାନ ଦେଇଥିଲେ। ଯୁବରାଜ ମନ୍ତବ୍ୟ ଦେଇଥିଲେ, 'ବାତାବରଣ ବଦଳି ଯାଇଛି, ଇତିହାସ ବଦଳି ଯାଇଛି, କିନ୍ତୁ ରୋହିତ କେବେ ବଦଳି ନାହାନ୍ତି। ଆମେ ଗୋଟିଏ ବର୍ଷର ବ୍ୟବଧାନ ପରେ ଟି-୨୦ କ୍ରିକେଟ ଖେଳିବାକୁ ଫେରିଥିବା ଜଣେ ବ୍ୟକ୍ତିଙ୍କଠାରୁ ସମାନ ଶକ୍ତି ଏବଂ ସମାନ ଶୈଳୀ ଦେଖିଲୁ। କୋଲକାତା ନାଇଟ ରାଇଡର୍ସ ବିପକ୍ଷରେ ପ୍ରଥମ ମ୍ୟାଚ୍‌ରେ, ୩୮ ବଲରୁ ୭୮ ରନର ଇନିଂସ ଖେଳି ସେ ପ୍ରମାଣ କରିଛନ୍ତି ଯେ ସିଂହ କେବେ ଶିକାର କରିବାକୁ ଭୁଲେ ନାହିଁ। ରୋହିତ ଶର୍ମାଙ୍କୁ ଅଭିନନ୍ଦନ।'

ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଏହି ବିସ୍ଫୋରକ ଇନିଂସ ଖେଳି, ରୋହିତ ଶର୍ମା ପ୍ରମାଣ କରିଛନ୍ତି ଯେ ତାଙ୍କ ଭିତରେ ଏବେ ବି ପ୍ରଚୁର କ୍ରିକେଟ ବାକି ଅଛି। ଯେଉଁମାନେ ତାଙ୍କୁ ଖେଳ ଛାଡ଼ିବାକୁ କିମ୍ବା ଓଡିଆଇରୁ ଅବସର ନେବାକୁ ପରାମର୍ଶ ଦେଉଛନ୍ତି, ସେମାନଙ୍କ ପାଇଁ, ବର୍ତ୍ତମାନ ଏପରି ଚିନ୍ତାଧାରା ଏବଂ ପରାମର୍ଶର ଅନ୍ତ କରିବାର ସମୟ ଆସିଛି। କାରଣ ଏହି ମ୍ୟାଚରେ, ରୋହିତ ଉଲ୍ଲେଖନୀୟ ଭାବରେ ଫିଟ୍ ଦେଖାଯାଉଥିଲେ; ସେ ସମଗ୍ର ଗ୍ରାଉଣ୍ଡରେ ଫିଲ୍ଡିଂ କରିଥିଲେ ଏବଂ ଅସାଧାରଣ ଶାରୀରିକ ସୁସ୍ଥତା ପ୍ରଦର୍ଶନ କରିଥିଲେ। ରୋହିତ ଶର୍ମା ଓଟଖରେ ଡେକାନ ଚାର୍ଜର୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ଉଭୟ ପାଇଁ ଖେଳିଛନ୍ତି। ସେ ମୁମ୍ବାଇକୁ ପାଞ୍ଚଟି ଆଇପିଏଲ ଟାଇଟଲ ଜିତିଛନ୍ତି। ସେ ବର୍ତ୍ତମାନ ଗଓ ପାଇଁ ଜଣେ ନିୟମିତ ଖେଳାଳି ଭାବରେ ଖେଳନ୍ତି, ଯଦିଓ ଏହା ପୂର୍ବରୁ ସେ ନିରନ୍ତର ଭାବରେ ଦଳର ଅଧିନାୟକ ଭାବରେ କାର୍ଯ୍ୟ କରିଥିଲେ। ୨୬୮ ଆଇପିଏଲ ମ୍ୟାଚ୍‌ରେ ରୋହିତ ଶର୍ମା ମୋଟ ୭,୧୨୪ ରନ କରିଛନ୍ତି, ଯେଉଁଥିରେ ୨ ଶତକ ଏବଂ ୪୮ ଅର୍ଦ୍ଧଶତକ ଅନ୍ତର୍ଭୁକ୍ତ। ଏହି ସମୟ ମଧ୍ୟରେ, ସେ ୨୪୬ ଚୌକା ଏବଂ ୩୦୮ ଛକା ମଧ ମାରିଛନ୍ତି। ଏବେ, ୨୦୨୬ ଆଇପିଏଲ ସିଜନରେ, ରୋହିତ ଏହି ପରିସଂଖ୍ୟାନକୁ ଆହୁରି ଉନ୍ନତ କରିବାକୁ ଚେଷ୍ଟା କରିବେ।

# ୧ରୁ ମହିଳା ହକି ଦଳର ପ୍ରଶିକ୍ଷଣ ଶିବିର

**ବେଙ୍ଗାଲୁରୁ**

ଆଗାମୀ ବିଶ୍ୱକପ୍ ଓ ଏସୀୟ କ୍ରୀଡ଼ାକୁ ଦୃଷ୍ଟିରେ ରଖି ଭାରତୀୟ ମହିଳା ହକି ଦଳ ପାଇଁ ବେଙ୍ଗାଲୁରୁଠାରେ ଏକ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଛି। ଏପ୍ରିଲ ୧ରୁ ୯ ତାରିଖ ପର୍ଯ୍ୟନ୍ତ ସାଇ ଉତ୍କର୍ଷ କେନ୍ଦ୍ରରେ ହେବାକୁ ଥିବା ଏହି ଶିବିର ପାଇଁ ହକି ଇଣ୍ଡିଆ ପକ୍ଷରୁ ୩୧ ଜଣିଆ ଦଳ ଘୋଷଣା କରାଯାଇଛି। ଏହି ଦଳରେ ଉଭୟ ଅଭିଜ୍ଞ ଓ ନବାଗତାମାନଙ୍କୁ ସାମିଲ କରାଯାଇଛି। ଏହି ଦଳରେ ସବିତା ପୁନିଆ, ବିଚୁ ଦେବୀ ଖରିବ୍ରମ, ନିକି ପ୍ରଧାନ, ସାଲିମା ଟେଟେ, ନବନୀତ କୌର, ମନିଷା ଚୌହାନଙ୍କ ପରି ଅଭିଜ୍ଞ ଖେଳାଳି ଅଛନ୍ତି। ଶିବିରରେ ଖେଳାଳିମାନଙ୍କ ଫିଟନେସ୍ ବୃଦ୍ଧି, ଉପଯୁକ୍ତ ଭାରସାମ୍ୟ ଥିବା ଦଳ ଗଠନ ଓ ଅନ୍ୟାନ୍ୟ ରଣନୈତିକ ଯୋଜନା ଉପରେ ଗୁରୁତ୍ୱ ଦିଆଯିବ। ଭାରତୀୟ ମହିଳା ଦଳ ନିକଟରେ ହାଇଦ୍ରାବାଦରେ ଆୟୋଜିତ ଏଫଆଇଏଚ୍ ବିଶ୍ୱକପ୍ କ୍ୱାଲିଫାୟର୍ସରେ ରୌପ୍ୟ ପଦକ ଜିତିବା ସହ ବିଶ୍ୱକପ୍‌ରେ ନିଜ ସ୍ଥାନ ସୁନିଶ୍ଚିତ କରିଥିଲା। ଆଗକୁ ଦଳ ପାଇଁ ଏକ ବ୍ୟସ୍ତବହୁଳ ଖେଳସୂଚୀ ରହିଛି। ଜୁନରେ ନେସନ୍ସ କପ୍ ଓ ଅଗଷ୍ଟରେ ବିଶ୍ୱକପ ଓ ସେପ୍ଟେମ୍ବର-ଅକ୍ଟୋବରରେ ଏସୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିବ ଭାରତୀୟ ମହିଳା ଦଳ।

# ବେନିୟମ ଗଞ୍ଜେଇ ଚାଷ : ୧୦ ଗିରଫ

**ଉମରକୋଟ, ନ୍ୟୁଜ୍‌ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ଉମରକୋଟ ପୋଲିସ କୁ ମିଳିଛି ବଡ଼ ସଫଳତା। ନିଶାମୁକ୍ତ ଭାରତ ଅଭିଯାନ କ୍ରମରେ ନବରଙ୍ଗପୁର ଆରକ୍ଷ ଅଧକ୍ଷଙ୍କ ନିର୍ଦ୍ଦେଶ କ୍ରମେ ରାଇଘର ଓ କୁନ୍ଦେଇ ଥାନା ଅଞ୍ଚଳରେ ବେନିୟମ ଭାବେ ଗଞ୍ଜେଇ ଚାଷ କରୁଥିବା ବିଶେଷ ସୂତ୍ରରୁ ଖବର ପାଇ ଚଢ଼ଉ କରିଥିଲେ। ଏହି ସମୟରେ ରାଇଘର ଓ କୁନ୍ଦେଇ ଅଞ୍ଚଳରେ ପ୍ରାୟ ୬ ଏକର ଜମିରେ ବେନିୟମ ଭାବେ ଗଞ୍ଜେଇ ଚାଷକୁ ନଷ୍ଟ କରିବା ସହ ବେନିୟମଭାବେ ଚାଷ କରୁଥିବା ୧୦ ଜଣଙ୍କୁ ଗିରଫ କରିଛି ପୋଲିସ। ପ୍ରାୟ ୨୩୮୭ଟି ଗଞ୍ଜେଇ ଗଛ ନଷ୍ଟ କରିବା ସହ ବେନିୟମ ଭାବେ ଗଞ୍ଜେଇ ଚାଷ କରିଥିବା ୧୦ ଜଣଙ୍କୁ ଗିରଫ କରିଛି। ଗଞ୍ଜେଇ ଚାଷର ଆନୁମାନିକ ମୂଲ୍ୟ ୨୩ ଲକ୍ଷ ୮୭ ହଜାର ହୋଇଥିବା ସୂଚନା ଦେଲେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ।

# ଜଳେଶ୍ୱର ବାର୍ ନିର୍ବାଚନ : କୁଞ୍ଜ ବିହାରୀ ଦାସ ସଭାପତି ଓ ରାଜେଶ କୁମାର ପାତ୍ର ସମ୍ପାଦକ ନିର୍ବାଚିତ

**ଜଳେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବାର୍ ଆସୋସିଏସନର ୨୦୨୬-୨୦୨୭ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଗତ ୨୮ ତାରିଖ ଆଠଟା ସମୟରେ ମତଦାନ ଆରମ୍ଭ ହୋଇ ଚାରିଟାରେ ଶେଷ ହୋଇଥିଲା। ଏହି ନିର୍ବାଚନରେ ସଭାପତି ଭାବେ ବରିଷ୍ଠ ଆଇନଜୀବୀ କୁଞ୍ଜ ବିହାରୀ ଦାସ ଛ'ଥର ଓ ସମ୍ପାଦକ ଭାବେ ରାଜେଶ କୁମାର ପାତ୍ର ପ୍ରଥମ ଥର ବିଜୟୀ ହୋଇଛନ୍ତି। ଉପ ସଭାପତି ଭାବେ ସବିତା ରାଣୀ ସାହୁ, ଯୁଗ୍ମ ସମ୍ପାଦକ ଭାବେ ମଳୟ କୁମାର ମହାନ୍ତି, ସହ ସମ୍ପାଦକ ଭାବେ ସ୍ୱଧାଦେବୀ ଭଞ୍ଜ, ଲାଇବ୍ରେରୀ ସମ୍ପାଦକ ଭାବେ ଅଜିତ କୁମାର ସୁର, କେହି ପ୍ରତିଦ୍ୱନ୍ଦ୍ୱୀ ନ ରହି ସହ ଲାଇବ୍ରେରୀ ସମ୍ପାଦକ ଭାବେ ବିଶ୍ୱଜିତ ଧଳ, କୋଷାଧକ୍ଷ ଭାବେ ବିନୋଦ କୁମାର ଗିରି, କାର୍ଯ୍ୟକାରିଣୀ



ସଦସ୍ୟ ଭାବେ ଦେବାଶିଷ ସେନାପତି, ମାଧବ ଚନ୍ଦ୍ର ପ୍ରଧାନ, ନଗେନ ମଣ୍ଡଳ, ରାମକୃଷ୍ଣ ନନ୍ଦୀ, ରୀତା ଭୋଇ ଓ ସିଦ୍ଧାର୍ଥ ଦାସ ପ୍ରମୁଖ ବିଜୟ ହାସଲ କରିଛନ୍ତି। ଏହି ନିର୍ବାଚନରେ ମୋଟ ୧୪୩ ଜଣ ଭୋଟରଙ୍କ ମଧ୍ୟରୁ ୧୩୫ ଜଣ ଭୋଟର ନିଜର ମତଦାନ ସାବ୍ୟସ୍ତ କରିଛନ୍ତି। ଏହି ନିର୍ବାଚନକୁ ମୁଖ୍ୟ ନିର୍ବାଚନ ଅଧିକାରୀ ଇଶାକ ବେଗ, ସହଯୋଗୀ ଅଶୋକ କୁମାର ବେଜ, ଅମୁଲ୍ୟ କୁମାର ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

# ଟାଇକୋଣ୍ଡୋ ଆସୋସିଏସନ ଅଫ ଭଦ୍ରକର ବାର୍ଷିକ କଲର ବେଲ୍ଟ ପରୀକ୍ଷା ଉଦ୍‌ଯାପିତ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଟାଇକୋଣ୍ଡୋ ଆସୋସିଏସନ ଅଫ ଭଦ୍ରକ (ଟାଆବ)ର ବାର୍ଷିକ କଲର ବେଲ୍ଟ ପରୀକ୍ଷା ଭଦ୍ରକ ଜିଲ୍ଲା ଅନ୍ତର୍ଗତ ମେଘା କଲ୍ୟାଣ ମଣ୍ଡପ, ଚରମ୍ପା ଠାରେ ଅନୁଷ୍ଠିତ ହୋଇଯାଇଛି। ତାଓର ସଭାପତି ରବିନାରାୟଣ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ପରୀକ୍ଷାରେ ଚରମ୍ପା ପ୍ରଶିକ୍ଷଣ ଶିବିର, ବାଇପାସ ପ୍ରଶିକ୍ଷଣ ଶିବିର, କଦମ ବେଢ଼ା, ବନ୍ତ ଛକ, ତିହିଡ଼ି, ଚାନ୍ଦବାଲି, ଦୋଳସାହି ପ୍ରଶିକ୍ଷଣ ଶିବିର ତଥା କାର୍ମେଲ, ଜ୍ୟୋତି କନଭେଣ୍ଟ, ସେଣ୍ଟ ଜାଭିୟର, ହାପିହୋମ୍ ସ୍କୁଲର ୨୦୦ ରୁ ଅଧିକ ପ୍ରତିଯୋଗୀ ଭାଗ ନେଇଥିଲେ। ସେଥି ମଧ୍ୟରୁ ୧୭୧ଜଣ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଟାଇକୋଣ୍ଡୋ ଏକାଡେମୀ ଅଫ ଇଣ୍ଡିଆ, ଲକ୍ଷ୍ନୌ ତରଫରୁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ସକାଳୁ ଆରମ୍ଭ ହୋଇ ଅପରାହ୍ନରେ ଉଦଯାପିତ ହୋଇ ଥିଲା। ଓଡ଼ିଶା ଟାଇକୋଣ୍ଡୋ ଆସୋସିଏସନର ରାଜ୍ୟ ସମ୍ପାଦକ ତଥା ବ୍ଲାକ ବେଲ୍ଟ ଫାଇବ ଡାନ, ଇଣ୍ଟରନେସନା ଲ' ମାଷ୍ଟର ରବିନାରାୟଣ ପାଣିଗ୍ରାହୀ ଟ୍ରେନିଂ ପରିଚାଳନା କରିଥିଲେ। ତାରିଣୀ ସାହୁ, ଧନେଶ୍ୱର ଜେନା, ହରିହର ବାରିକ, ନୟାଗଡ ଟାଇକୋଣ୍ଡୋ ଆସୋସିଏସନ ସମ୍ପାଦକ ରୀତିକ ମହାପାତ୍ର, ଢେଙ୍କାନାଳ ଟାଇକୋଣ୍ଡୋ ଆସୋସିଏସନର ସମ୍ପାଦକ ସୁଧାକର ଜେନା, ବାଲେଶ୍ୱର କୋଚ ପଦ୍ମଲୋଚନ ସିଂ ଟ୍ରେନିଂ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ଏଣ୍ଡୁରାନ୍ସ, ଇଲାଷ୍ଟିସିଟି, ଏକ୍ସରସାଇଜ, ଖେରୋଗୀ, ପୁମସେ ଟ୍ରେନିଂ ପ୍ରଦାନ କରାଯାଇଥିଲା ଏବଂ ଭଦ୍ରକ ଜିଲ୍ଲାରେ ୫ ଜଣ ଶ୍ରେୟା ପଣ୍ଡା, ଉପମନ୍ୟୁ ନାୟକ, ପ୍ରହ୍ଲାଦ ଦାଶ, ସତ୍ୟ ସୁନ୍ଦର ପାଣିଗ୍ରାହୀ, ରୁଦ୍ରାଂଶୁ ଭୋଇଙ୍କୁ ଶ୍ରୀ ପାଣିଗ୍ରାହୀ ଦକ୍ଷିଣ କୋରିଆରୁ ଆସିଥିବା ବ୍ଲାକ ବେଲ୍ଟର ପ୍ରଥମ ଡାନ ପ୍ରଦାନ କରିଥିଲେ। ପରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ଅତିଥି ଅଧିବକ୍ତା ଜତିକାନ୍ତ ନାୟକ, ଅଧିବକ୍ତା ତଥା ଟାଇକୋଣ୍ଡିଆନ ପବନ ଶର୍ମା, ଲିୟନସ କ୍ଲବର ଗଭାର୍ନର ଅଶୋକ ମହାନ୍ତି, ଡ. ନିଶାନ୍ତ କୁମାର ଦାଶ, ସମାଜସେବୀ ସୀତାକାନ୍ତ ଦାସ, ଇଂ ପ୍ରୟାସକାନ୍ତି ଦାସ, ଇଂ ଅନୁପମ ଜେନା, ଜ୍ୟୋତି କନଭେଣ୍ଟ ସ୍କୁଲର ଅଧକ୍ଷ ଫାଦର ଆଲେକ୍ସ, ସବୁଜ କ୍ଲବର ସମ୍ପାଦକ ଅଜୟ କୁମାର ଧଳ, ସମାଜସେବୀ ବିଦ୍ୟାଧର ବାରିକ, ବିଶିଷ୍ଟ ବ୍ୟବସାୟୀ ବିଜୟ କୁମାର ଲଖାନୀ, ହରିହର ବେହେରା, ତାଓର ଉପସଭାପତି ରମେଶ କୁମାର ପ୍ରଧାନ, ଯୋଗ ଦେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ରଙ୍ଗୀନ ବେଲ୍ଟ ସହ ମାନପତ୍ର ପ୍ରଦାନ କରାଯଇଥିଲା। ଅଧାପିକା ସଂଘମିତ୍ରା ଦାଶ, ଯୋଗଗୁରୁ ସୁରେଶ କୁମାର ନାୟକ ମଞ୍ଚ ପରିଚାଳନାରେ ସହଯୋଗ କରିଥିବା ବେଳେ ତାଆବର ସମ୍ପାଦକ ଧନେଶ୍ୱର ଜେନା ସମସ୍ତଙ୍କର ସହଯୋଗ ପାଇଁ ଧନ୍ୟବାଦ ପ୍ରଦାନ କରିଥିଲେ।

# ବରିଷ୍ଠ ଫଟୋ ସାମ୍ବାଦିକ ଦେବଦତ୍ତ ପଣ୍ଡାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି




**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ବରିଷ୍ଠ ସାମ୍ବାଦିକ ଦେବଦତ୍ତ ପଣ୍ଡାଙ୍କ ବିୟୋଗରେ ସମ୍ବଲପୁର ପ୍ରେସ୍ କ୍ଲବ ସମ୍ମିଳନୀ କକ୍ଷରେ ଏକ ଶୋକ ସଭା ଅନୁଷ୍ଠିତ ହେବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଓୟୁଜେ ସମ୍ବଲପୁର ଜିଲ୍ଲା ସଭାପତି ପ୍ରଭାତ ବେହେରାଙ୍କ ସଭାପତିତ୍ୱ ଅନୁଷ୍ଠିତ ଏହି ସଭାରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ସାମ୍ବାଦିକ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ସ୍ୱର୍ଗତ ପଣ୍ଡାଙ୍କ ସାମ୍ବାଦିକତା କ୍ଷେତ୍ରରେ ଥିବା ଅବଦାନ ଏବଂ ତାଙ୍କର ଅମାୟିକ ବ୍ୟକ୍ତିତ୍ୱର ସ୍ମୃତି ଚାରଣ କରି ସଦସ୍ୟମାନେ ଦିବଙ୍ଗତଙ୍କ ଆତ୍ମାର ସଦଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ପଟ୍ଟନାୟକ, ବୀରେନ୍ଦ୍ର କୁମାର ପାଣିଗ୍ରାହୀ, ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସଭାପତି ଅନ୍ତର୍ଯ୍ୟାମୀ ପାଣି, ବରିଷ୍ଠ ସାମ୍ବାଦିକ ଶିବଶଙ୍କର ନନ୍ଦ, ସମାଜର ବରିଷ୍ଠ ସହ ସମ୍ପାଦକ ସୁଜିତ୍ ପାଣିଗ୍ରାହୀ, ଓୟୁଜେ ରାଜ୍ୟ କୋଷାଧକ୍ଷ ଅମୂଲ୍ୟ ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ସଚିକାନ୍ତ ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ଶରତ ପ୍ରଧାନ, ଉପ ସଭାପତି ଦିନେଶ ମାହାଣା, ରାଧାମୋହନ ଷଡ଼ଙ୍ଗୀ, ଦୁର୍ଗା ଶଙ୍କର ବାଘ, ହରିହର ନାଥ, ଜିଲ୍ଲା ସଙ୍ଗଠନ ସମ୍ପାଦକ ରାଜେନ୍ଦ୍ର ନାୟକ, କୋଷାଧକ୍ଷ ହେମନ୍ତ ରାଉତ, ସମ୍ପାଦକ ମନୋଜ ରାଜ, ଜୟନ୍ତ ଖଡ଼ିରତ୍ନ, ତପନ୍ ଦାସ, ଦେବେନ୍ଦ୍ର ମିଶ୍ର, ସରୋଜ ସାହୁ, ଅନିଲ ପୃଷ୍ଟି, ତପନ ବିଶ୍ୱାଳ, ଦୟାସାଗର ଧର, ମନୋଜ ମୁଦୁଲି, ସୁବାଷ ନାଥ ଶର୍ମା ପ୍ରମୁଖ ଶ୍ରଦ୍ଧାଞ୍ଜଳି ସଭାରେ ସ୍ୱର୍ଗତ ଆତ୍ମାର ସ୍ମୃତିଚାରଣ କରି ସଦ୍‌ଗତି କାମନା କରିଥିଲେ।

**GOVERNMENT OF ODISHA, DEPARTMENTOF WATER RESOURCES**
**Office of the Addl. Chief Engineer, Mechanical Circle, Bhubaneswar**
Email Address: semechcircle104@gmail.com
**e-Procurement Notice- Bid Identification No.- ACEM/MDL-63/2025-26**

| | | |
|---|---|---|
| 1. | Name of the Work | : Mechanical Gate Works |
| 2. | No. of Works | : 01 (One) |
| 3. | Category of executors | : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates. |
| 4. | Bid Identification No. | : ACEM/MDL-63/2025-26 |
| 5. | Estimated Cost | : Rs. 15,24,278/- |
| 6. | Period of Completion | : 02 (Two) calendar months. |
| 7. | Date & time of availability of bid documents in the Portal | : From dt.30.03.2026(10.00 AM) to dt.16.04.2026(5.30 PM) |
| 8. | Last date/ time for receipt of bid In the Portal | : dt.16.04.2026 (up to 5.30 PM) |
| 9. | Date and Place of opening of Bid | : dt.17.04.2026 (11.00 AM onwards in the O/O the undersigned) |
| 10. | Name of the Officer inviting bid | : Addl. Chief Engineer, Mechanical Circle, Bhubaneswar |

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

OIPR-32001/32405/1/25-26/0009
Sd/- Addl. Chief Engineer, Mechanical Circle Bhubaneswar

32001/266/2526

# ୭ ଅଭିଯୋଗର ତତ୍‌କାଳ ସମାଧାନ କଲେ ଜିଲ୍ଲାପାଳ



**ବାଲେଶ୍ୱର, ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲାର ସିମୁଳିଆ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଓ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକରଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ସିମୁଳିଆ ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୧୧୧ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୧୦୯ ଗୋଟି ବ୍ୟକ୍ତିଗତ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୨ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ। ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୭ ଗୋଟି ଅଭିଯୋଗର ତତ୍‌କାଳ ସମାଧାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ବାଲେଶ୍ୱର, ଦିବାକର, ଉପ ଜିଲ୍ଲାପାଳ, ବାଲେଶ୍ୱର, ଶିବ ମାଳବ୍ୟ, କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସଂଜୟ କୁମାର ରାଉତ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ପ୍ରଭାତ କୁମାର ବେହେରାଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ପୂର୍ବ ଭାରତରେ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ନେଇ ସୋଆକୁ ସମ୍ମାନ ପ୍ରଦାନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଦେଶର ଅଗ୍ରଣୀ ବିଶ୍ୱବିଦ୍ୟାଳୟ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟକୁ ପୂର୍ବ ଭାରତରେ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ନେଇ ଗ୍ରାଜିଆ ଟ୍ରେଣ୍ଡସେଟର୍ସ ୨୦୨୬ ସମ୍ମାନ ପ୍ରଦାନ କରାଯାଇଛି। ଏଥି ସହିତ ଶୈକ୍ଷିକ ଓ ନେତୃତ୍ୱ କ୍ଷେତ୍ରରେ ଉତ୍କୃଷ୍ଟତା ନିମନ୍ତେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କୁ ମଧ ଗ୍ରାଜିଆ ଟ୍ରେଣ୍ଡସେଟର୍ସ ୨୦୨୬ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ଗତ ବୁଧବାର କୋଲକାତା ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସୋଆ ବିଶ୍ୱବିଦ୍ୟାଳୟ ଏବଂ କୁଳପତି ପ୍ରଫେସର ନନ୍ଦଙ୍କୁ ଗ୍ରାଜିଆ ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ବଲିଉଡ୍ ତାରକା ରସିକା ଦୁଗଲ,




ତାହା ଶାହା ବାଦୁଶାହ, ପରମବ୍ରତ ଚାଟାର୍ଜୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇ ଗ୍ରାଜିଆ ସମ୍ମାନ ପ୍ରଦାନ କରିଥିଲେ।

ଗ୍ରାଜିଆ ହେଉଛି ବିଶ୍ୱର ଏକ ଅଗ୍ରଣୀ ମହିଳା ସାପ୍ତାହିକ ପ୍ରତ୍ରିକା ଯାହାର କି ଭାରତ ସମେତ ଅନ୍ୟ ଦେଶମାନଙ୍କରେ ମଧ ପ୍ରକାଶନ ରହିଛି। କଳା, ସଂସ୍କୃତି, ଶିକ୍ଷା, ଉଦ୍ୟୋଗୀକରଣ, ଚଳଚ୍ଚିତ୍ର, ଫ୍ୟାସନ୍ ଓ ଡିଜାଇନ୍ ପ୍ରଭୃତିକୁ ପ୍ରୋତ୍ସାହନ ଦେବାରେ ଏହି ପ୍ରତ୍ରିକାର ପ୍ରମୁଖ ଭୂମିକା ରହିଛି। ପୂର୍ବ ଭାରତରେ ପ୍ରଥମ ଥର ପାଇଁ ଗ୍ରାଜିଆ ପକ୍ଷରୁ ଏହି ସମ୍ମାନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩୧ ମାର୍ଚ୍ଚ ୨୦୨୬ ମଙ୍ଗଳବାର





# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଟିମ୍ ସ୍ପିରିଟ୍‌ରେ ...

ମଧ୍ୟ ସ୍ଥାନୀୟ ଅଞ୍ଚଳରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ । ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ ସିଂହ, ଗୃହ ଏବଂ ସୂଚନା ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ଶ୍ରମ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଅରୁମୁଗମ୍ ଏବଂ ବିଭିନ୍ନ ବିଭାଗର ଶାସନ ସଚିବମାନେ ଉପସ୍ଥିତ ଥିଲେ ।

## କଂଗ୍ରେସର ୬୦...

ସ୍କୁଲ ନିର୍ମାଣ କରିନାହିଁ। ତୁମେ ମୋବାଇଲ୍ ଟାୱାର ଏବଂ ବ୍ୟାଙ୍କ ସୁବିଧାକୁ ସେମାନଙ୍କ ଅଞ୍ଚଳରେ ପହଞ୍ଚିବାକୁ ଦେଇନାହଁ ଏବଂ ଏବେ ତୁମେ ହିଁ ଦାୟିତ୍ୱ ଦାବି କରୁଛ ? ନକ୍ସଲବାଦର ମୂଳ କାରଣ ସମ୍ପର୍କରେ ସେ କହିଛନ୍ତି, ନକ୍ସଲବାଦର ମୂଳ କାରଣ ବିକାଶର ଦାବି ନୁହେଁ। ଏହା ଏକ ବିଚାରଧାରା ଯାହାକୁ ଇନ୍ଦିରାଜୀ ୧୯୭୦ ମସିହାରେ ରାଷ୍ଟ୍ରପତି ନିର୍ବାଚନ ଜିତିବା ପାଇଁ ଗ୍ରହଣ କରିଥିଲେ। ଏହି ବାମପନ୍ଥୀ ଚିନ୍ତାଧାରା ଯୋଗୁଁ ନକ୍ସଲବାଦ ବ୍ୟାପିଛି। ୧୨ଟି ରାଜ୍ୟ ଯଥା: ଛତିଶଗଡ଼, ତେଲେଙ୍ଗାନା, ଆନ୍ଧ୍ର ପ୍ରଦେଶ, ଓଡ଼ିଶା, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ, କେରଳ, କର୍ଣ୍ଣାଟକର କିଛି ଅଂଶ ଏବଂ ଉତ୍ତର ପ୍ରଦେଶର ତିନୋଟି ଜିଲ୍ଲା ପ୍ରଭାବିତ ହୋଇଥିଲା। ଏକ ସମ୍ପୂର୍ଣ୍ଣ 'ଲାଲ କରିଡର' ଗଠନ କରାଯାଇଥିଲା ଏବଂ ସେଠାରେ ଆଇନର ଶାସନ ଶେଷ ହୋଇଥିଲା। ୧୨କୋଟି ଲୋକ ବର୍ଷ ବର୍ଷ ଧରି ଦାରିଦ୍ର୍ୟରେ ଜୀବନଯାପନ କରୁଥିଲେ ଏବଂ କେହି କୌଣସି ଚିନ୍ତା ଦେଖାଇ ନଥିଲେ। ହଜାର ହଜାର ଯୁବକ ଜୀବନ ହରାଇଛନ୍ତି। ଅନେକଙ୍କୁ ସ୍ଥାୟୀ ଭାବରେ ଅକ୍ଷମ କିମ୍ବା ଜୀବନର ବାକି ସମୟ ପାଇଁ ପଙ୍ଗୁ କରିଦିଆଯାଇଥିଲା। ଏଥିପାଇଁ କିଏ ଦାୟୀ ବୋଲି ଶାହ ପ୍ରଶ୍ନ କରିଛନ୍ତି। ନକ୍ସଲବାଦୀଙ୍କୁ ଇଙ୍ଗିତ କରି ସେ କହିଛନ୍ତି, ସେମାନଙ୍କର ଗଣତନ୍ତ୍ରରେ ବିଶ୍ୱାସ ନାହିଁ। ଅନେକ ବ୍ୟକ୍ତି କହିଛନ୍ତି ଯେ ସେମାନେ ଅନ୍ୟାୟ ବିରୁଦ୍ଧରେ ଲଢୁଛନ୍ତି। କିନ୍ତୁ ତୁମର ଲଢ଼େଇର ପଦ୍ଧତି କ'ଣ ? ଆମେ ଆଉ ବ୍ରିଟିଶ ଉପନିବେଶବାଦୀ ଶାସନ ଅଧୀନରେ ରହୁନାହୁଁ। କିଛି ବ୍ୟକ୍ତି ଭଗତ ସିଂହ ଏବଂ ବିର୍ସା ମୁଣ୍ଡାଙ୍କ ସହିତ ତୁଳନା କରିବାକୁ ମଧ୍ୟ ଯାଇସାରିଛନ୍ତି। ଏହା କି ସାହସ ବୋଲି ପ୍ରଶ୍ନ କରିବା ସହ ସେ ଆହୁରି କହିଥିଲେ ଯେ, ତୁମେ ଭଗତ ସିଂହ ଏବଂ ବିର୍ସା ମୁଣ୍ଡାଙ୍କ ପରି ସହିଦମାନଙ୍କୁ ବିଶେଷକରି ଭଗବାନ ବିର୍ସା ମୁଣ୍ଡାଙ୍କ ପରି, ଯେଉଁମାନେ ବ୍ରିଟିଶ ସାମ୍ରାଜ୍ୟ ବିରୁଦ୍ଧରେ ଲଢ଼ିଥିଲେ, ସେମାନଙ୍କୁ ସମ୍ବିଧାନ ଉଲ୍ଲଙ୍ଘନ କରୁଥିବା, ଅସ୍ତ୍ର ଉଠାଇଥିବା ଏବଂ ନିରୀହ ଲୋକଙ୍କୁ ହତ୍ୟା କରୁଥିବା ଲୋକଙ୍କ ସହିତ ତୁଳନା କରୁଛ। ଏପରି ଗମ୍ଭୀର ବିଷୟଗୁଡ଼ିକୁ ସମାଧାନ କରିବା ସମୟରେ ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥରୁ ଉର୍ଦ୍ଧ୍ୱକୁ ଉଠିବା ଉଚିତ ବୋଲି ଶାହ କହିଛନ୍ତି। ନକ୍ସଲବାଦୀ ତିଳକା ମାଞ୍ଝିଙ୍କୁ ନିଜର ଆଦର୍ଶ ମନେ କରୁନଥିଲେ। ସେମାନେ ଭଗବାନ ବିର୍ସା ମୁଣ୍ଡା, ଭଗତ ସିଂହ କିମ୍ବା ସୁଭାଷ ବାବୁଙ୍କୁ ନିଜର ଆଦର୍ଶ ମନେ କରୁନଥିଲେ। ସେମାନଙ୍କ ଆଦର୍ଶ ଚୟନ କରିବାରେ ମଧ୍ୟ, ସେମାନେ ବିଦେଶରୁ ଆମଦାନି କରିବାକୁ ଆଶ୍ରୟ ନିଅନ୍ତି। ଋଷରେ ଏକ କମ୍ୟୁନିଷ୍ଟ ସରକାର ଗଠନ ହେବା ସମୟରେ ୧୯୨୫ ମସିହାରେ ଏଠାରେ ସିପିଆଇ (ଭାରତୀୟ କମ୍ୟୁନିଷ୍ଟ ପାର୍ଟି) ପ୍ରତିଷ୍ଠିତ ହୋଇଥିଲା। ରୁଷ ସରକାର ଏହାର ପ୍ରାୟୋଜକତା ମାଧ୍ୟମରେ ସମଗ୍ର ବିଶ୍ୱରେ କମ୍ୟୁନିଷ୍ଟ ଦଳ ସୃଷ୍ଟି କରିବାରେ ସାହାଯ୍ୟ କରିଥିଲା। ଏହାର ଏକ ଶାଖା ଆମ ଦେଶରେ ଏଠାରେ ପ୍ରତିଷ୍ଠିତ ହୋଇଥିଲା। ଏବେ ଏକ ଦଳ – ଯାହାର ମୂଳଦୁଆ ଏକ ବିଦେଶୀ ରାଷ୍ଟ୍ରର ପ୍ରେରଣାରେ ସ୍ଥାପିତ ହୋଇଥିଲା – କିପରି ଆମ ନିଜ ଦେଶର ସର୍ବୋତ୍ତମ ସ୍ୱାର୍ଥ ବିଷୟରେ ଚିନ୍ତା କରିପାରିବ ? ସିପିଆଇ(ଏମ୍) ୧୯୬୪ ମସିହାରେ ଗଠିତ ହୋଇଥିଲା, ୧୯୬୯ ମସିହାରେ ସଂସଦୀୟ ରାଜନୀତିକୁ ବିରୋଧ କରିବା ପାଇଁ ସିପିଆଇ(ଏମ୍ଏଲ) ପ୍ରତିଷ୍ଠିତ ହୋଇଥିଲା। ଏହାର ଉଦ୍ଦେଶ୍ୟ ବିକାଶମୂଳକ ଶୂନ୍ୟସ୍ଥାନ ସୃଷ୍ଟି କରିବା ନଥିଲା, କିମ୍ବା ଅଧିକାରକୁ ସୁରକ୍ଷା ଦେବା ନଥିଲା। ଏହାର ସମ୍ବିଧାନରେ ନିର୍ଦ୍ଧିତ ଉଦ୍ଦେଶ୍ୟ ଥିଲା ସଂସଦୀୟ ରାଜନୀତିକୁ ବିରୋଧ କରି ଏକ ସଶସ୍ତ୍ର ବିପ୍ଳବ କରିବା। ବିରୋଧୀଙ୍କୁ 'ସହରୀ ନକ୍ସଲ' କହି ପ୍ରଶ୍ନ କରି କହିଥିଲେ ଯେ, ଗତ ଛଅ ଦିନ ମଧ୍ୟରେ ମୁଁ ପ୍ରାୟ ଦୁଇ ହଜାର ଲେଖା ସମୀକ୍ଷା କରିଛି ଏବଂ ଏହି ସମସ୍ତ ଲେଖାର ମୁଖ୍ୟ ବିଷୟବସ୍ତୁ ହେଉଛି ଯେ ସରକାର ସେହି ମାଓବାଦୀମାନଙ୍କ ସହିତ ଆଲୋଚନା କରିବା ଉଚିତ ଯେଉଁମାନେ ଅସ୍ତ୍ର ଧରି ବୁଲୁଛନ୍ତି। ସେମାନେ ନ୍ୟାୟ ପାଇଁ ଲଢୁଛନ୍ତି ଏବଂ ସେମାନଙ୍କୁ ହତ୍ୟା କରାଯିବା ଉଚିତ୍ ନୁହେଁ। ଆମେ ସେମାନଙ୍କ ପ୍ରତି ସହାନୁଭୂତି ରଖିବା ଉଚିତ। ନନ୍ଦିନୀ ସୁନ୍ଦର ଏବଂ ଅନ୍ୟମାନଙ୍କ ଦ୍ୱାରା ଦାୟର ଏକ ଆବେଦନ ଉପରେ ବିଚାର କରି ସୁପ୍ରିମକୋର୍ଟ ୫ ଜୁଲାଇ ୨୦୧୧ ରେ ନ୍ୟାୟମୂର୍ତ୍ତି ସୁଦର୍ଶନ ରେଡ୍ଡୀଙ୍କ ନେତୃତ୍ୱରେ ନକ୍ସଲବାଦୀଙ୍କ ବିରୁଦ୍ଧରେ ରାଜ୍ୟର ଲଢ଼େଇକୁ ବେଆଇନ ବୋଲି ରାୟ ଦେଇଥିଲେ। ପରିଣାମ କ'ଣ ହୋଇଥିଲା ? ସେମାନେ ସାଲୱା ଜୁଡୁମ୍ ଆନ୍ଦୋଳନ ସହିତ ଜଡିତ ଲୋକଙ୍କୁ ଯୋଜନାବଦ୍ଧ ଭାବରେ ଟାର୍ଗେଟ କରି ହତ୍ୟା କରିଥିଲେ ଏବଂ ସେହି ସୁଦର୍ଶନ ରେଡ୍ଡୀ ପରବର୍ତ୍ତୀ ସମୟରେ ଉପରାଷ୍ଟ୍ରପତି ପଦ ପାଇଁ ବିରୋଧୀ ଦଳର ପ୍ରାର୍ଥୀ ହୋଇଥିଲେ। ଯେଉଁମାନେ ପ୍ରକୃତରେ ଆଇନର ଶାସନ ଏବଂ ଏହି ଦେଶରେ ଆଇନ ଶୃଙ୍ଖଳା ବଜାୟ ରଖିବାରେ ବିଶ୍ୱାସ କରନ୍ତି ସେମାନେ କେବେବି ସୁଦର୍ଶନ ରେଡ୍ଡୀଙ୍କୁ ନିଜର ପ୍ରାର୍ଥୀ ଭାବରେ ବାଛି ନଥାନ୍ତେ। ୨୦୨୪ ପୂର୍ବରୁ ବିହାର ନକ୍ସଲମୁକ୍ତ ହୋଇଥିଲା। ଗୋଟିଏ ତହସିଲ ବ୍ୟତୀତ ମହାରାଷ୍ଟ୍ର ୨୦୨୪ ପୂର୍ବରୁ ନକ୍ସଲମୁକ୍ତ ହୋଇଥିଲା। ୨୦୨୪ ପୂର୍ବରୁ ଓଡ଼ିଶା ନକ୍ସଲମୁକ୍ତ ହୋଇଥିଲା। ଗୋଟିଏ ଜିଲ୍ଲା ବ୍ୟତୀତ ଝାଡ଼ଖଣ୍ଡ ୨୦୨୪ ପୂର୍ବରୁ ନକ୍ସଲମୁକ୍ତ ହୋଇଥିଲା। ଛତିଶଗଡ଼ର କଂଗ୍ରେସ ସରକାର ନକ୍ସଲବାଦୀଙ୍କୁ ସୁରକ୍ଷା ଦେଉଥିଲା ବୋଲି ଶାହ କହିଛନ୍ତି। ରାହୁଲ ଗାନ୍ଧୀଙ୍କୁ ଇଙ୍ଗିତ କରି ସେ କହିଛନ୍ତି ଯେ, ମୁଁ ସେମାନଙ୍କ ନେତା ରାହୁଲ ଗାନ୍ଧୀଙ୍କ ବିଷୟରେ କହିବାକୁ ଚାହେଁ। ତାଙ୍କର ଦୀର୍ଘ ରାଜନୈତିକ ଜୀବନୀ ମଧ୍ୟରେ, ରାହୁଲ ଗାନ୍ଧୀଙ୍କୁ ନକ୍ସଲ ଏବଂ ସେମାନଙ୍କ ସହାନୁଗତଙ୍କ ସହିତ ଅନେକ ଥର ଦେଖାଯାଇଥିଲା। ଏକ ରେକର୍ଡ ଅଛି ଯାହା ଦର୍ଶାଉଛି ଯେ ଅନେକ ନକ୍ସଲ ଫ୍ରଣ୍ଟାଲ ସଂଗଠନ ଭାରତ ଯୋଡୋ ଯାତ୍ରାରେ ଅଂଶଗ୍ରହଣ କରିଥିଲେ। ୨୦୧୦ ମସିହାରେ ଓଡ଼ିଶାରେ ସେ ଲାଡୋ ସିକୋକାଙ୍କ ସହିତ ଏକ ମଞ୍ଚ ସେୟାର କରିଥିଲେ। ସେହି ମଞ୍ଚରୁ ସିକୋକା ଏକ ଉତ୍ତେଜକ ଭାଷଣ ଦେଇଥିଲେ ଏବଂ ରାହୁଲ ଗାନ୍ଧୀଙ୍କୁ ମାଳ ପିନ୍ଧାଇଥିଲେ। ୧୯୭୦ ଦଶକରୁ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ସେମାନେ ନିରନ୍ତର ନକ୍ସଲବାଦକୁ ସମର୍ଥନ କରିଆସିଛନ୍ତି ବୋଲି ଶାହ କହିଛନ୍ତି।

## ୨୩୦ ସରକାରୀ...

ଦୋଷୀ ସାବ୍ୟସ୍ତ କରାଯାଇଛି ଓ ୨୩ ଜଣ କର୍ମଚାରୀଙ୍କୁ ଚାକିରୀରୁ ବହିଷ୍କୃତ କରାଯାଇଛି । ସେହିଭଳି ଚଳିତ ଆର୍ଥିକ ବର୍ଷରେ ବିଭିନ୍ନ ଭିଜିଲାନ୍ସ ଚଢ଼ାଉ ସମୟରେ ୧୦ କୋଟି ୨୭ ଲକ୍ଷ ୨୧ ହଜାର ୯୩୭ ନଗଦ ଟଙ୍କା ଜବତ ହୋଇଛି । ଏଥିସହ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ମାମଲାରେ ୪.୭୬ କୋଟି ଟଙ୍କାର ମୂଲ୍ୟର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଜବତ ହୋଇଛି ବୋଲି ସୋମବାର ବିଧାନସଭାରେ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି।

## ବିଜୁ ବାବୁଙ୍କୁ ...

ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ବିବାଦୀୟ ମନ୍ତବ୍ୟର କଡ଼ା ପ୍ରତିବାଦ ଜଣାଇ ବିଜେଡି ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର ସଂସଦର ଯୋଗାଯୋଗ ଏବଂ ଆଇଟି କମିଟିରୁ ଇସ୍ତଫା ଦେଇଛନ୍ତି। ରାଜ୍ୟସଭା ଭିତରେ ପ୍ରତିବାଦ ପରେ ବିଜେଡି ସାଂସଦମାନେ ରାଜ୍ୟସଭାରୁ ପ୍ରତିବାଦ କରି ପଦଯାତ୍ରା କରିଥିଲେ।

## ଦୁବେଙ୍କ ମୁଣ୍ଡ...

ଆହୁରି ମଧ୍ୟ ନବୀନ କହିଥିଲେ, "ମୁଁ ସେତେବେଳେ ପ୍ରାୟ ୧୩ ବର୍ଷ ବୟସର ଥିଲି। କିନ୍ତୁ ମୁଁ ଭଲ ଭାବରେ ମନେ ରଖିଛି ଯେ ବିଜୁ ବାବୁ ଚୀନ୍ ଆକ୍ରମଣକୁ ନେଇ କେତେ କ୍ରୋଧିତ ଥିଲେ। ଏବଂ ଏହାକୁ ରୋକିବା ପାଇଁ ସେ କେତେ ପ୍ରୟାସ କରିଥିଲେ। ଏପରି ଦାୟିତ୍ୱହୀନ ବୟାନ ଦେବା ପାଇଁ ସେହି ସାଂସଦଙ୍କୁ ଜଣେ ମାନସିକ ରୋଗ ବିଶେଷଜ୍ଞଙ୍କୁ ଦେଖାଇବା ଆବଶ୍ୟକ।

## ଓଏଚ୍ଆରସିର ଅଧ୍ୟକ୍ଷ...

ପୂଜାହାରୀ ଜଣେ ପ୍ରତିଷ୍ଠିତ ନ୍ୟାୟିକ ବ୍ୟକ୍ତିତ୍ୱ ଯିଏ ଉଚ୍ଚ ନ୍ୟାୟାଳୟ ଓ ପ୍ରଶାସନିକ କ୍ଷେତ୍ରରେ ଦୀର୍ଘ ଅଭିଜ୍ଞତା ଅର୍ଜନ କରିଛନ୍ତି। ସେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଭାବେ କାର୍ଯ୍ୟରତ ଥିବା ସହ ରାଜ୍ୟ ସରକାର ଓ ନ୍ୟାୟିକ ପ୍ରଣାଳୀର ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଦାୟିତ୍ୱ ନିଭାଇଛନ୍ତି। ୧୦ ଫେବୃୟାରୀ ୨୦୨୩ରୁ ଆରମ୍ଭ ହୋଇଥିବା ତାଙ୍କର ପୂର୍ବତନ କାର୍ଯ୍ୟକାଳ ମାନବ ଅଧିକାର ସମସ୍ୟାଗୁଡ଼ିକର ସମାଧାନରେ ସକ୍ରିୟ ଭୂମିକା ଓ ପ୍ରତିଷ୍ଠାନଗତ କ୍ଷମତାକୁ ସୁଦୃଢ଼ କରିବାରେ ଉଲ୍ଲେଖନୀୟ ରହିଥିଲା। ତାଙ୍କ ପୂର୍ବତନ କାର୍ଯ୍ୟକାଳରେ ଆୟୋଗ ନ୍ୟାୟ ପ୍ରାପ୍ତିକୁ ସୁଗମ କରିବା, ମାନବ ଅଧିକାର ସଚେତନତା ବୃଦ୍ଧି କରିବା ଏବଂ ସମାଜର ଅବହେଳିତ ଓ ସଂବେଦନଶୀଳ ବର୍ଗମାନଙ୍କ ସମସ୍ୟାରେ ସମୟୋପଯୁକ୍ତ ହସ୍ତକ୍ଷେପ କରିବା ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିଲା। ତାଙ୍କର ପୁନର୍ନିଯୁକ୍ତି ଏହି ପ୍ରୟାସଗୁଡ଼ିକୁ ଅବିରତ ରଖିବା ସହ ଆହୁରି ଗଢ଼ି ଦେବ ବୋଲି ଆଶା କରାଯାଉଛି। ଦାୟିତ୍ୱ ଗ୍ରହଣ କରିବା ପରେ ବିଚାରପତି ପୂଜାହାରୀ ତାଙ୍କର ଦୃଷ୍ଟିକୋଣ ସମ୍ପର୍କରେ କହିଥିଲେ ଯେ, "ଓଡ଼ିଶା ମାନବ ଅଧିକାର ଆୟୋଗ ଏକ ସକ୍ରିୟ ଓ ସୁଲଭ ପ୍ରତିଷ୍ଠାନ ଭାବେ ମାନବିକ ଅଧିକାର ସୁରକ୍ଷା ପ୍ରତି ସଦା ପ୍ରତିବଦ୍ଧ ରହିବ। ଅଭିଯୋଗମାନଙ୍କର ସମୟୋପଯୁକ୍ତ ସମାଧାନ, ସଚେତନତା ବୃଦ୍ଧି ଏବଂ ସଂବେଦନଶୀଳ ବର୍ଗମାନଙ୍କ ସ୍ୱାର୍ଥ ସୁରକ୍ଷାକୁ ଗୁରୁତ୍ୱ ଦିଆଯିବ।" ଓଡ଼ିଶା ମାନବ ଅଧିକାର ଆୟୋଗ ରାଜ୍ୟରେ ମାନବ ଅଧିକାର ସୁରକ୍ଷା ଓ ପ୍ରଚାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଥିବା ବେଳେ ତାଙ୍କର ନେତୃତ୍ୱରେ ଆୟୋଗ ତାହାର କାର୍ଯ୍ୟକ୍ଷମତାକୁ ଆହୁରି ସୁଦୃଢ଼ କରିବା ସହ ଲୋକମାନଙ୍କ ପାଇଁ ଅଧିକ ପ୍ରଭାବଶାଳୀ ସେବା ପ୍ରଦାନ କରିବ ବୋଲି ଆଶା କରାଯାଉଛି।

## ଯୁଦ୍ଧବିରତି ...

ଇରାନର ପରମାଣୁ କ୍ଷମତାକୁ ପଙ୍ଗୁ କରିବାକୁ ଚାହୁଁଛନ୍ତି ଟ୍ରମ୍ପ। ଏଥିପାଇଁ ଆରମ୍ଭ ହୋଇଗଲାଣି ଭୟଙ୍କର ସାମରିକ ଅଭିଯାନ। ଇରାନରୁ ୧୦୦୦ ପାଉଣ୍ଡ ୟୁରାନିୟମ ବାହାର କରିବା ପାଇଁ ଆମେରିକା ସେନା ସଜବାଜ ହେଲାଣି। ଇରାନକୁ ଘେରିବା ପାଇଁ ଜାପାନରୁ ଆସି ମଧ୍ୟପ୍ରାଚ୍ୟ ସମୁଦ୍ରରେ ଡ଼େରା ପକାଇଲାଣି ଆମେରିକାର ଯୁଦ୍ଧ ଜାହାଜ ୟୁଏସ୍ଏସ୍ ତ୍ରିପୋଲି। ମଇଦାନରେ ପହଞ୍ଚି ସାରିଲେଣି ୩,୫୦୦ ସୈନ୍ୟ। ଜଳପଥରେ ଆଗକୁ ବଢୁଛନ୍ତି ଆଉ ୨,୨୦୦ ମେରିନ କମାଣ୍ଡୋ। ଏସବୁ ଭିତରେ ବି ଜାରି ରହିଛି କୂଟନୀତିର ଛକାପଞ୍ଝା। ପାକିସ୍ତାନୀ ଦୂତଙ୍କ ଜରିଆରେ ଇରାନ ସହ କଥାବାର୍ତ୍ତା ଚାଲିଥିବା ସୂଚନା ଦେଇଛନ୍ତି ଖୋଦ୍ ଟ୍ରମ୍ପ। ହର୍ମୁଜ ପ୍ରଣାଳୀ ଦେଇ ୨୦ଟି ବିଶାଳ ତେଲ ଜାହାଜ ପଠାଇବାକୁ ଇରାନ ମଧ୍ୟ ସମ୍ମତି ଦେଇଛି। ମଙ୍ଗଳବାର ସକାଳ ସୁଦ୍ଧା ଆମକୁ ୨୦ଟି ତେଲ ଭର୍ତ୍ତି ଜାହାଜ ମିଳିବ ବୋଲି ଟ୍ରମ୍ପ କହିଛନ୍ତି। ଗୋଟିଏ ପଟେ ଆମେରିକାର ମହାପ୍ରସ୍ତୁତି, ଅନ୍ୟପଟେ- ଇରାନର କାଉଣ୍ଟର ଆଟାକ୍ ପ୍ଲାନ୍। ୧୦ ଲକ୍ଷ ସେନା ଟ୍ରୁପ୍ ତୟାର କରିଛି ତେହେରାନ। ଏମିତିକି ଆମେରିକୀୟ ସୈନ୍ୟ ଇରାନ୍ ମାଟି ଛୁଇଁଲେ କେବଳ ସେମାନଙ୍କ କଫିନ୍ ଫେରିବ କହିଛି ଇରାନ। ଇରାନୀ ମିଡିଆ ତେହେରାନ୍ ଟାଇମସର ପ୍ରଥମ ପୃଷ୍ଠା ହେଡଲାଇନରେ ୱେଲକମ୍ ଟୁ ହେଲ୍ ବା ନର୍କକୁ ସ୍ୱାଗତ ଶୀର୍ଷକ ଖବର ଛାପିଛି । ଯାହା ଭାଇରାଲ୍ ହେବାରେ ଲାଗିଛି।

## ୧ ଡଲାରର ମୂଲ୍ୟ ...

ଯାଇଛି। ଗତ ଶୁକ୍ରବାର ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୮୯ ପଇସା ହ୍ରାସ ପାଇଥିଲା। ଶୁକ୍ରବାର ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୯୪.୮୫ ରହିଥିଲା।

ଟଙ୍କାର ମୂଲ୍ୟ ରେକର୍ଡ ଦୁର୍ବଳ ସ୍ଥିତିରେ ଥିବା ଷ୍ଟକ ମାର୍କେଟ କ୍ରାଶ କେବଳ ନିବେଶକଙ୍କୁ କ୍ଷତି ସହିବାକୁ ବାଧ କରିଛି। ସେନସେକ୍ସ ୧୬୩୫ ପଏଣ୍ଟ ବା ୨.୨୨% ହ୍ରାସ ପାଇ ୭୧,୯୪୭.୫୫ରେ ବନ୍ଦ ହୋଇଛି। ନିଫ୍ଟି ମଧ୍ୟ ୪୮୮ ପଏଣ୍ଟ ବା ୨.୧୪% ଖସି ୨୨,୩୩୧ରେ ରହିଛି। ଇଣ୍ଟ୍ରା-ଡେ କାରବାରରେ ସେନସେକ୍ସ ୧,୮୦୯ ପଏଣ୍ଟ ବା ୨.୪୫ ପ୍ରତିଶତ ହ୍ରାସ ପାଇ ଦିନର ସର୍ବ ନିମ୍ନସ୍ତର ୭୧,୭୭୪.୧୩ରେ ପହଞ୍ଚିଥିଲା। ନିଫ୍ଟି ୫୦ ବି ୫୩୬ ପଏଣ୍ଟ ବା ୨.୩୪ ପ୍ରତିଶତ ହ୍ରାସ ପାଇ ୨୨,୨୮୩.୮୫ରେ ପହଞ୍ଚିଥିଲା। ବିଏସଇର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଇଣ୍ଡେକ୍ସ ମଧ୍ୟ ପ୍ରାୟ ୨.୫ ପ୍ରତିଶତ ହ୍ରାସ ପାଇଛି। ଏଥିଯୋଗୁ କ୍ଷତି ମୁଖ୍ୟତଃ ବ୍ୟାଙ୍କିଙ୍ଗ୍ ଓ ଆର୍ଥିକ ଷ୍ଟକଗୁଡ଼ିକରେ ହୋଇଛି। ତେବେ ନିଫ୍ଟି ମେଟାଲ୍ ଇଣ୍ଡେକ୍ସ ଗ୍ରୀନରେ ରହିଛି। ଷ୍ଟକ ମାର୍କେଟ କ୍ରାଶ ଯୋଗୁ ଗୋଟିଏ ଦିନରେ ନିବେଶକମାନେ ପ୍ରାୟ ୯ ଲକ୍ଷ କୋଟିରୁ ୧୦ ଲକ୍ଷ କୋଟି ଟଙ୍କା ହରାଇଛନ୍ତି। ବିଏସଇ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର ସମୁଦାୟ ବଜାର ମୂଲ୍ୟାଙ୍କନ ୪୨୨ ଲକ୍ଷ କୋଟି ଟଙ୍କାରୁ ହ୍ରାସ ପାଇ ୪୧୨.୭୭ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବାରୁ ନିବେଶକମାନଙ୍କର ଏତେ ପରିମାଣର କ୍ଷତି ହୋଇଛି।

## ଗୋପନୀୟ...

ମଧ୍ୟ ପ୍ରମାଣପତ୍ର ଭାବେ ଗ୍ରହଣ କରାଯିବନି। କୌଣସି ଅଧିକାରୀ ମଧ୍ୟ ଏହି ତଥ୍ୟକୁ ଅନ୍ୟତ୍ର ବ୍ୟବହାର କରିବା ମନା ବୋଲି ସୂଚନା ଦେଇଛନ୍ତି ଭାରତୀୟ ଜନଗଣନା କମିଶନର।

## ଭୋଟର ତାଲିକା...

କଟିଛି । ସେହିପରି ଏକାଧିକ ସ୍ଥାନରେ ଭୋଟର ତାଲିକାରେ ନାମ ଥିବା ଯୋଗୁଁ ୧ ଲକ୍ଷ ୫୪ ହଜାର ୩୧୮ ଜଣଙ୍କ ନାଁକୁ ତାଲିକାରୁ ବାଦ୍ ଦିଆଯାଇଛି। ଅନ୍ୟାନ୍ୟ କାରଣ ପାଇଁ ୨ ହଜାର ୬୪୬ ଭୋଟର ବାଦ ପଡିଛନ୍ତି ।

ସୁନ୍ଦରରଗଡ଼ ଜିଲ୍ଲାରେ ସର୍ବାଧିକ ୧,୪୪,୭୨୬ ଜଣ ଭୋଟର ବାଦ ପଡିଥିବା ବେଳେ ସେମାନଙ୍କ ମଧ୍ୟରେ ୬୭,୭୨୯ ଜଣ ପୁରୁଷ, ୭୬,୯୭୨ ଜଣ ମହିଳା ଓ ୨୫ ଜଣ ଟ୍ରାନ୍ସଜେଣ୍ଡର ଭୋଟର ଅଛନ୍ତି। ସେହିପରି କଟକ ଜିଲ୍ଲାରେ ୭୪,୮୮୧ ଜଣ ଭୋଟର ବାଦ ପଡ଼ିଛନ୍ତି। ସେମାନଙ୍କ ମଧ୍ୟରେ ୩୪,୨୩୨ ଜଣ ପୁରୁଷ, ୪୦,୬୨୮ ଜଣ ମହିଳା ଓ ୪୮୧ ଜଣ ଟ୍ରାନ୍ସଜେଣ୍ଡର ଭୋଟର ଅଛନ୍ତି । ଗଞ୍ଜାମ ଜିଲ୍ଲାରେ ୪୭,୯୮୯ ଜଣ ଭୋଟର ବାଦ ପଡିଛନ୍ତି। ସେମାନଙ୍କ ମଧ୍ୟ ୨୩,୧୮୧ ଜଣ ପୁରୁଷ, ୨୪,୮୦୨ ଜଣ ମହିଳା ଓ ୬ ଜଣ ଟ୍ରାନ୍ସଜେଣ୍ଡର ଭୋଟର ବାଦ ପଡିଛନ୍ତି । ଖୋର୍ଦ୍ଧା ଜିଲ୍ଲାରେ ୪୬୮୭୪ ଜଣ ଭୋଟର ବାଦ ପଡିଛନ୍ତି । ସେଥିରୁ ୨୨, ୧୩୯ ଜଣ ପୁରୁଷ, ୨୪, ୬୭୫ ଜଣ ମହିଳା ଓ ୬୦ ଜଣ ଟ୍ରାନ୍ସଜେଣ୍ଡର ଭୋଟର ବାଦ ପଡିଛନ୍ତି । ସେହିପରି ଅନୁଗୁଳରେ ୩୭,୯୨୭ ଜଣ ଭୋଟର ବାଦ ପଡିଛନ୍ତି । ସେମାନଙ୍କ ମଧ୍ୟରେ ୧୭,୮୪୭ ଜଣ ପୁରୁଷ, ୨୦,୦୬୩ ଜଣ ମହିଳା ଓ ୧୭ ଜଣ ଟ୍ରାନ୍ସଜେଣ୍ଡରଙ୍କୁ ଭୋଟର ରହିଛନ୍ତି । ପୁରୀ ଜିଲ୍ଲାରେ ୩୬,୬୭୯ ଜଣ ବାଦ ପଡ଼ିଛନ୍ତି । ସେମାନଙ୍କ ମଧ୍ୟରେ ୧୫,୫୮୮ ଜଣ ପୁରୁଷ, ୨୧,୦୮୮ ଜଣ ମହିଳା ଓ ୩ ଜଣ ଟ୍ରାନ୍ସଜେଣ୍ଡର ଭୋଟର ବାଦ ପଡିଛନ୍ତି । କେନ୍ଦ୍ରାପଡା ଜିଲ୍ଲାରେ ୨୯,୪୯୫ ଜଣ ଭୋଟର ବାଦ ପଡିଛନ୍ତି । ସେମାନଙ୍କ ମଧ୍ୟରୁ ୧୧,୯୪୨ ଜଣ ପୁରୁଷ, ୧୭,୫୫୨ ଜଣ ମହିଳା ଓ ଜଣେ ଟ୍ରାନ୍ସଜେଣ୍ଡର ଅଛନ୍ତି । ଭଦ୍ରକ ଜିଲ୍ଲାରେ ୨୯,୩୫୩ ଜଣ ଭୋଟର ତାଲିକାରୁ ବାଦ ପଡିଛନ୍ତି । ସେମାନଙ୍କ ମଧ୍ୟରେ ୧୨,୩୫୩ ଜଣ ପୁରୁଷ, ୧୬,୯୮୨ ଜଣ ମହିଳା ଓ ୧୮ ଜଣ ଟ୍ରାନ୍ସଜେଣ୍ଡର ଅଛନ୍ତି । ସେହିପରି ବରଗଡ଼ରେ ୨୦,୯୦୪ ଜଣ, କୋରାପୁଟରେ ୨୨,୭୦୦ ଜଣ, ରାୟଗଡ଼ାରେ ୧୪,୬୧୨ ଜଣ ଭୋଟର ତାଲିକାରୁ ବାଦ ପଡ଼ିଛନ୍ତି । ଏହି ସମୟ ମଧ୍ୟରେ ନୂତନ ଭାବେ ଭୋଟର ତାଲିକାରେ ସଂଯୋଗ କରିବା ପାଇଁ ମୋଟ ୫,୬୭,୦୩୪ ଜଣ ଆବେଦନ କରିଛନ୍ତି । ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ଭୋଟର ନୂତନ ଭାବେ ତାଲିକାରେ ସଂଯୋଗ କରିବା ପାଇଁ ଆବେଦନ କରିଛନ୍ତି । ଗଞ୍ଜାମରେ ୫୮, ୮୨୪ ଜଣ, ବରଗଡ଼ରେ ୧୩, ୭୪୮ ଜଣ, ସୁନ୍ଦରଗଡ଼ରେ ୨୭, ୧୫୭ ଜଣ, ସମ୍ବଲପୁରରେ ୧୧,୪୬୦ ଜଣ, କେନ୍ଦୁଝରରେ ୨୭,୮୪୬ ଜଣ, ମୟୁରଭଞ୍ଜରେ ୩୩,୩୫୬ ଜଣ, ବାଲେଶ୍ୱରରେ ୩୧,୨୬୬ ଜଣ, ଭଦ୍ରକରେ ୨୪,୫୧୨ ଜଣ, ଯାଜପୁରରେ ୨୬, ୪୬୭ ଜଣ, ଢେଙ୍କାନାଳରେ ୧୭, ୩୪୨ ଜଣ, ଅନୁଗୁଳରେ ୧୭, ୯୫୨ ଜଣ, ବଲାଙ୍ଗୀରରେ ୨୧,୬୮୩ ଜଣ, ନୂଆପଡାରରେ ୧୫,୩୩୬ ଜଣ, ନବରଙ୍ଗପୁରରେ ୧୩,୩୮୭ ଜଣ, କଳାହାଣ୍ଡିରେ ୧୬,୪୯୪ ଜଣ, କଟକରେ ୩୬,୫୦୨ ଜଣ, କେନ୍ଦ୍ରାପଡାରେ ୨୧,୭୭୮ ଜଣ, ଜଗତସିଂହପୁର ୧୧,୯୨୭ ଜଣ, ପୁରୀରେ ୨୪,୬୫୪ ଜଣ, ଖୋର୍ଦ୍ଧାରେ ୩୭,୨୪୧ ଜଣ, ନୟାଗଡରେ ୧୨,୪୮୫ ଜଣ ତାଲିକାରେ ସାମିଲ ହେବା ପାଇଁ ଆବେଦନ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀଙ୍କ ଲିଖିତ ଉତ୍ତରରେ ଦର୍ଶାଯାଇଛି।

## ୨୧ ବିଭାଗ...

ଜରିଆରେ ପାରିତ କରାଯାଇଥିଲା। ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିରୋଧୀ ଦଳର ହଟ୍ଟଗୋଳ ଯୋଗୁ ସୋମବାର ପ୍ରଶ୍ନୋତ୍ତର କାଳ ଠିକ ଭାବେ ଚାଲିପାରି ନ ଥିଲା। ତେବେ ଏହାପୂର୍ବରୁ ଦିବଂଗତ ପୂର୍ବତନ ବିଧାୟକ ନାରାୟଣ ସାହୁଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସ୍ୱର୍ଗତ ସାହୁଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରି ସ୍ମୃତିଚାରଣ କରିଥିଲେ। ଶୋକ ପ୍ରସ୍ତାବକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ସିପିଆଇଏମ ବିଧାୟକ ଦଳ ନେତା ଲକ୍ଷ୍ମଣ ମୁଣ୍ଡା ଏବଂ ଶେଷରେ ବାଚସ୍ପତି ସୁରମା ପାଢ଼ୀ ସମର୍ଥନ ଜଣାଇ ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ଗୃହରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ଶୂନ୍ୟକାଳରେ ମଧ୍ୟ ବିରୋଧୀ ଦଳର ବିଧାୟକମାନେ ହଟ୍ଟଗୋଳ ନାରାବାଜୀ ଜାରି ରଖିବାରୁ ବାଚସ୍ପତି ଗୃହକୁ ଏକାଧିକବାର ମୁଲତବୀ କରିବା ସହ ଗୃହର ସୁପରିଚାଳନା ପାଇଁ ସର୍ବଦଳୀୟ ବୈଠକ ଡାକିଥିଲେ। ତାହା ସତ୍ତ୍ୱେ ମଧ୍ୟ କୌଣସି ସୁଫଳ ମିଳି ନଥିଲା।

# ଏମ୍ସ ଭୁବନେଶ୍ୱର ଓ ନାମ୍ସ ପକ୍ଷରୁ ଅଙ୍ଗପ୍ରତିରୋପଣ ଏବଂ ସ୍ୱାସ୍ଥ୍ୟସେବାରେ ଏଆଇର ଉପଯୋଗ ସମ୍ପର୍କିତ କର୍ମଶାଳା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏମ୍ସ ଭୁବନେଶ୍ୱର ପକ୍ଷରୁ ଜାତୀୟ ଚିକିତ୍ସା ବିଜ୍ଞାନ ଏକାଡେମୀ (ନାମ୍ସ) ସହଯୋଗରେ ଅଙ୍ଗ ପ୍ରତିରୋପଣ ଏବଂ ସ୍ୱାସ୍ଥ୍ୟସେବାରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ଉପଯୋଗ ସମ୍ପର୍କିତ ଏକ ଆଞ୍ଚଳିକ କର୍ମଶାଳା (ସିଏମ୍ଇ) ଆୟୋଜିତ ହୋଇଯାଇଛି । ଉଦ୍ଘାଟନୀ ସମାରୋହରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍ଓ)ର ଅତିରିକ୍ତ ଶାସନ ସଚିବ ସୁଭାଶିଷ ପଣ୍ଡା ଯୋଗ ଦେଇ ଅଙ୍ଗ ପ୍ରତିରୋପଣରେ ଏଆଇର ପରିବର୍ତ୍ତନଶୀଳ ସମ୍ଭାବନା ଉପରେ ଆଲୋକପାତ କରିଥିଲେ। ବିଶାଳ ଡାଟାବେସ୍କୁ ଏକୀକୃତ କରିବା, ବିଶେଷଜ୍ଞମାନଙ୍କୁ ନିଷ୍ପତ୍ତି ନେବାରେ ସହାୟତା ପୂର୍ବକ ଏଆଇ ଅଙ୍ଗ ପ୍ରତିରୋପଣକୁ ବ୍ୟବସ୍ଥିତ ଏବଂ ତ୍ୱରାନ୍ୱିତ କରିବା କ୍ଷେତ୍ରରେ ଉତ୍ପ୍ରେରକର ଭୂମିକା ନିର୍ବାହ କରିବ। ଭାରତ ଅଙ୍ଗ ପ୍ରତିରୋପଣରେ ବିଶ୍ୱ ସ୍ତରରେ ତୃତୀୟ ଅଗ୍ରଣୀ ଦେଶ ଭାବରେ




ସ୍ଥାନ ପାଇଛି । ଏକ୍ଷେତ୍ରରେ ମହିଳାମାନେ ସବୁଠାରୁ ବଡ଼ ଦାତା ଗୋଷ୍ଠୀ ବୋଲି ସେ କହିଛନ୍ତି। ଶ୍ରୀ ପଣ୍ଡା କହିଛନ୍ତି ଯେ ଓଡ଼ିଶାରେ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ ନିମନ୍ତେ ଭୁବନେଶ୍ୱରରେ ଭାରତ ସରକାରଙ୍କ ଦ୍ୱାରା ଏମ୍ସ ପ୍ରତିଷ୍ଠା କରାଯାଇଥିଲା। ବର୍ତ୍ତମାନ ସମୟରେ ଏହା ଏମ୍ସ ଦିଲ୍ଲୀ ସହିତ ଦେଶର ଏକ ପ୍ରସିଦ୍ଧ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ମାନ୍ୟତା ପାଇପାରିଛି। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ଡ. ଆଶୁତୋଷ ବିଶ୍ୱାସ, ଦାତା ପୁଲକୁ ବିସ୍ତାର କରିବା, ସଂସ୍ଥାଗତ ପ୍ରସ୍ତୁତିକୁ ମଜବୁତ କରିବା, ଜାତୀୟ ନୀତି ରଣନୀତି ସହିତ ସମନ୍ୱୟ ରଖିବାର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ଏମ୍ସ ଭୁବନେଶ୍ୱର ଅଙ୍ଗ ପ୍ରତିରୋପଣ ଏବଂ କୃତ୍ରିମ ବୁଦ୍ଧିମତ୍ତା ପାଇଁ ଏକ ଆଞ୍ଚଳିକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବା ସମ୍ପର୍କରେ ସୂଚନା ଦେଇଥିଲେ। ନାମ୍ସ ସଭାପତି ଡ. ଦିଗମ୍ବର ବେହେରା ଅଙ୍ଗଦାନ କ୍ଷେତ୍ରରେ ଚାହିଦା ଓ ଯୋଗାଣ ମଧ୍ୟରେ ରହିଥିବା ସ୍ପଷ୍ଟ ପାର୍ଥକ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମର ସଂଗଠନ ସମ୍ପାଦକ ଡ. ଭାଗୀରଥି ଦ୍ୱିବେଦୀ ଧନ୍ୟବାଦ ଦେଇଥିଲେ।ନୀତି ଆୟୋଗ ସଦସ୍ୟ ପ୍ରଫେସର ଭି କେ ପଲ୍ ଆଭାସି ଜରିଆରେ ସମାବେଶକୁ ସମ୍ବୋଧିତ କରିଥିଲେ। ଏହି ଦିନିକିଆ ଆଞ୍ଚଳିକ କର୍ମଶାଳାରେ ଆଇଆଇଟି ଭୁବନେଶ୍ୱର, ପିଜିଆଇଏମ୍ଇଆର ଚଣ୍ଡିଗଡ଼, ନାଇସର୍ ଭୁବନେଶ୍ୱର, ଓଟିଟିଇଟି, ଆଇଜର୍ ବ୍ରହ୍ମପୁର, ଆଇଜିଆଇଏମ୍ଏସ ପାଟନା ଭଳି ପ୍ରମୁଖ ପ୍ରତିଷ୍ଠାନ, ରୋଟ୍ଟୋ ଏବଂ ସୋଟ୍ଟୋ ଭଳି ଜାତୀୟ ପ୍ରତିରୋପଣ ସଂଗଠନର ବିଶିଷ୍ଟ ବିଶେଷଜ୍ଞମାନେ ମଧ୍ୟ ସାମିଲ ହୋଇଥିଲେ। ଓଡ଼ିଶା, ପଶ୍ଚିମବଙ୍ଗ, ବିହାର ଏବଂ ଝାଡ଼ଖଣ୍ଡ ଭଳି ଚାରୋଟି ରାଜ୍ୟରୁ ତିନି ଶହରୁ ଅଧିକ ଚିକିତ୍ସକଙ୍କ ସମେତ ଅଙ୍ଗ ପ୍ରତିରୋପଣ ଏବଂ ସ୍ୱାସ୍ଥ୍ୟସେବାରେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ) କ୍ଷେତ୍ରର ପ୍ରସିଦ୍ଧ ବିଶେଷଜ୍ଞମାନେ ଅଂଶଗ୍ରହଣ କରିଥିଲେ।

# ବିଜେଡିକୁ ସୁଦୃଢ଼ କରିବାକୁ କର୍ପୋରେଟରଙ୍କୁ ନବୀନ ଦେଲେ ଗୁରୁ ମନ୍ତ୍ର

**ଭୁବନେଶ୍ୱର ନ୍ୟୁଜ ବ୍ୟୁରୋ**

କଟକ ରାଜନୀତିରେ ଚାଲିଥିବା ହଟଚମଟ ଦେଖି ଆକ୍ସନ ମୁଡ୍‌ରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ନବୀନ ନିବାସରେ କଟକ ଚୌଦ୍ୱାରାର ୮ କର୍ପୋରେଟର । ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ନେତୃତ୍ୱରେ ଆସି ଦଳ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି । ଦଳର ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ନବୀନ ଦେଲେ ମନ୍ତ୍ର ।

ଏ ନେଇ ପ୍ରତିକ୍ରିୟା ରଖି ପ୍ରତାପ ଜେନା କହିଛନ୍ତି, ପ୍ରଭାତ ଓ ସୌଭିକଙ୍କୁ ନେଇ କୌଣସି ଟିପ୍ପଣୀ ଦେବାକୁ ଚାହେଁନି । ଦଳର ସମସ୍ତ କର୍ପୋରେଟର ନବୀନଙ୍କ ସହ ରହିଛନ୍ତି। ବିଜେଡି ପରିଚୟ ଦେଇଥିବାରୁ ବିଜେଡି ସହ ଆଗକୁ ମଧ୍ୟ ରହିବା ପାଇଁ ନିଷ୍ପତ୍ତି ରୋକଠୋକ ଶୁଣାଇଛନ୍ତି କର୍ପୋରେଟର । ଦଳ ଏକ ରହିଛି । ମିଥ୍ୟା ଗୁଜବକୁ ବିଶ୍ୱାସ କରନ୍ତୁ ନାହିଁ । ଦଳର ସଂଗଠନ ମଜବୁତ କରିବା ପାଇଁ ସମସ୍ତେ କାର୍ଯ୍ୟ ଜାରି ରଖିବେ । ସେପଟେ କର୍ପୋରେଟର ପ୍ରଦୀପ୍ତ ଖୁଣ୍ଟିଆ ପ୍ରଭାତ ବିଶ୍ୱାଳଙ୍କୁ ନେଇ ଦେଇଛନ୍ତି ବଡ଼ ବୟାନ । ପ୍ରଭାତଙ୍କ ଡାକରାରେ ଆମେ ତାଙ୍କୁ ଭେଟିଥିଲୁ, ମାତ୍ର ସେ ଯେଉଁଆଡ଼େ ମୁହାଁଇଛନ୍ତି, ଆମେ ତାଙ୍କ ସାଙ୍ଗରେ ନାହୁଁ । ବିଜେଡି ଆମ ପରିଚୟ । ଆମେ ବିଜେଡି ସହ ରହିବୁ । ଚୌଦ୍ୱାର କଟକର ଉନ୍ନତି ପାଇଁ ନବୀନ ଗୁରୁ ମନ୍ତ୍ର ଦେଇଛନ୍ତି । ସୂଚନା ଅନୁଯାୟୀ, କିଛି ଦିନ ତଳେ ପ୍ରଭାତ ବିଶ୍ୱାଳରୁ ଦଳରୁ ବହିଷ୍କାର କରିଥିଲେ ସୁପ୍ରିମୋ । ଏହି ଘଟଣା ପରେ ଯେମିତି କଟକ ରାଜନୀତିରେ ନୂଆ ମୋଡ଼ ଆସିଥିବା ଭଳି ଅନୁମାନ ହେଉଛି । କଟକରେ ପ୍ରଭାତ ବିଶ୍ୱାଳଙ୍କ ବାସଭବନରେ ଘନ ଘନ ବୈଠକ ବସୁଛି । ଯେଉଁଥିରେ ବିଜେଡିରେ ଅନେକ ବରିଷ୍ଠ ନେତା ଏବଂ କର୍ପୋରେଟରମାନେ ସାମିଲ ହେଉଛନ୍ତି । ନିକଟରେ ଗୋଟିଏ ସପ୍ତାହଙ୍କ ମଧ୍ୟରେ ଦୁଇ ଦୁଇ ଥର ବୈଠକ ବସିସାରିଥିଲା । ଯେଉଁଥିରେ ସିଏମସି ମେୟର ସୁବାଷ ସିଂହ ମଧ୍ୟ ସାମିଲ ହୋଇଥିଲେ । ହେଲେ ପରବର୍ତ୍ତୀ ମୁହୂର୍ତ୍ତରେ ତାଙ୍କ ଏନେଇ ପ୍ରଶ୍ନ ପଚରାଯିବାରୁ, ସେ କହିଥିଲେ କି ମୁଁ ବିଜେଡିର ଜଣେ ନେତା ହିସାବରେ ଏହି ବୈଠକକୁ ଯାଇଥିଲି । ଏହାକୁ ନେଇ କୌଣସି ରାଜନୀତି କରିବା ଉଚିତ୍ ନୁହେଁ । ସେହିପରି ଏହି ବୈଠକ ପରେ କିଛି କର୍ପୋରେଟର ପ୍ରଭାତଙ୍କ ସପକ୍ଷରେ ବାହାରିଥିଲେ । କହିଥିଲେ କି, ଭାଇଙ୍କ ସହିତ ଆମେ ଅଛୁ ଏବଂ ଆଗକୁ ମଧ୍ୟ ରହିବୁ ।

# ଏଏମ୍/ ଏନ୍ଏସ୍ ଇଣ୍ଡିଆ ପକ୍ଷରୁ ୨୭ତମ ଖଣି ପରିବେଶ ଏବଂ ଖଣିଜ ସଂରକ୍ଷଣ ସପ୍ତାହ ଆୟୋଜିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ) ପକ୍ଷରୁ ଗତ୨୮ ମାର୍ଚ୍ଚ ୨୦୨୬ ରେ ଭୁବନେଶ୍ୱରଠାରେ ୨୭ତମ ଖଣି ପରିବେଶ ଏବଂ ଖଣିଜ ସଂରକ୍ଷଣ (ଏମ୍ଇଆଣ୍ଡଏମସି) ସପ୍ତାହ ୨୦୨୫-୨୬ର ଉଦଯାପନୀ ସମାରୋହ ଓ ପୁରସ୍କାର ବିତରଣ ଉତ୍ସବ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଭୁବନେଶ୍ୱର ସ୍ଥିତ ଭାରତୀୟ ଖଣି ବ୍ୟୁରୋ (ଆଇବିଏମ୍)ର ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ବିଷୟବସ୍ତୁ (ଥିମ୍) ଥିଲା "ଡିଜିଟାଲ୍ ମାଇନିଂ: ଟ୍ରାନ୍ସଫର୍ମିଂ ଟୁଡେ, ସଷ୍ଟେନିଂ ଟୁମୋରୋ" (ଡିଜିଟାଲ୍ ଖନନ: ଆଜିର ପରିବର୍ତ୍ତନ, ଆଗାମୀ କାଲିର ସୁରକ୍ଷା)। ଏଏମ୍/ଏନ୍ଏସ୍ ଇଣ୍ଡିଆର ଘୋରାବୁରହାଣୀ ସାଗାସାହି ଖଣି ଚାରୋଟି ପୁରସ୍କାର ହାସଲ କରିଛି, ଯେଉଁଥିରେ ଖଣିଜ ସଂରକ୍ଷଣ ପାଇଁ ପ୍ରଥମ ପୁରସ୍କାର, ସାମଗ୍ରିକ ପ୍ରଦର୍ଶନ ପାଇଁ ପ୍ରଥମ ପୁରସ୍କାର, ବନୀକରଣ ପାଇଁ ଦ୍ୱିତୀୟ ପୁରସ୍କାର ଏବଂ ବ୍ୟବସ୍ଥିତ ଓ ବୈଜ୍ଞାନିକ ବିକାଶ ପାଇଁ ତୃତୀୟ ପୁରସ୍କାର ଅନ୍ତର୍ଭୁକ୍ତ। ସେହିଭଳି ଏଏମ୍/ଏନ୍ଏସ୍ ଇଣ୍ଡିଆର ଠାକୁରାଣୀ ଖଣି ପ୍ରଚାର ଓ ପ୍ରସାର କ୍ଷେତ୍ରରେ ତୃତୀୟ ପୁରସ୍କାର ପାଇଛି। ଭାରତୀୟ ଖଣି ବ୍ୟୁରୋର ଏକ ପ୍ରତିନିଧି ଦଳ ଦ୍ୱାରା କରାଯାଇଥିବା ବିସ୍ତୃତ ମୂଲ୍ୟାଙ୍କନ ଆଧାରରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶାର ୮୭ ରୁ ଅଧିକ ଖଣି କମ୍ପାନୀ ଅଂଶଗ୍ରହଣ କରିଥିଲେ, ଯେଉଁଥିରେ ଟାଟା ଷ୍ଟିଲ୍, ନାଲ୍କୋ, ଜେଏସଡବ୍ଲ୍ୟୁ ଏବଂ ଓଏମସି ଭଳି ଅଗ୍ରଣୀ ସଂସ୍ଥାମାନେ ଅଂଶଗ୍ରହଣ କରିଥିଲେ। ଭାରତୀୟ ଖଣି ବ୍ୟୁରୋର କଣ୍ଟ୍ରୋଲର୍




ଜେନେରାଲ୍ ପଙ୍କଜ କୁଲଶ୍ରେଷ୍ଠ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଇବିଏମ୍ (ପୂର୍ବ ଜୋନ୍)ର କଣ୍ଟ୍ରୋଲର୍ ଅଫ୍ ମାଇନ୍ସ ଡଃ ପୁଖରାଜ ନେନିୱାଲ୍ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ୨୭ତମ ଏମ୍ଇଆଣ୍ଡଏମସି ସପ୍ତାହର ଆବାହକ ତଥା ଆଇବିଏମ୍ ଭୁବନେଶ୍ୱରର ଆଞ୍ଚଳିକ କଣ୍ଟ୍ରୋଲର୍ ଅଫ୍ ମାଇନ୍ସ ଅରୁଣ କୁମାର, ଆଇବିଏମ୍ ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ଖଣି ଭୂବିଜ୍ଞାନୀ ସଞ୍ଜୀବ କୁମାର ମହାପାତ୍ର, ୨୭ତମ ଏମ୍ଇଆଣ୍ଡଏମସି ସପ୍ତାହର ଅଧ୍ୟକ୍ଷ ତଥା ଏଏମ୍/ଏନ୍ଏସ୍ ଇଣ୍ଡିଆର ସିନିୟର ଜେନେରାଲ୍ ମ୍ୟାନେଜର (ମାଇନ୍ସ ଅପରେସନ୍ସ) ଅମିତ କୁମାର ଦୁବେ, ୨୭ତମ ଏମ୍ଇଆଣ୍ଡଏମସି ସପ୍ତାହର ସହ-ଅଧ୍ୟକ୍ଷ ତଥା ଜେଏସଡବ୍ଲ୍ୟୁର ବିଜନେସ୍ ହେଡ୍ ପ୍ରସନ୍ନ କୁମାର ପଣ୍ଡା, ଏଏମ୍/ଏନ୍ଏସ୍ ଇଣ୍ଡିଆର ଠାକୁରାଣୀ ଖଣି ପରିଚାଳକ ଇନ୍ଦ୍ରକାନ୍ତ ସାହା, ସାଗାସାହି ଖଣି ପରିଚାଳକ ସତ୍ୟକାମ ଦାସ ଏବଂ ଏଏମ୍/ଏନ୍ଏସ୍ ଇଣ୍ଡିଆର ମାଇନ୍ ପ୍ଲାନିଂ ହେଡ୍ ପୂର୍ଣ୍ଣ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।ଏଏମ୍/ଏନ୍ଏସ୍ ଇଣ୍ଡିଆର ମାଇନିଂ ଏବଂ ଷ୍ଟ୍ରାଟେଜିକ ପ୍ରୋଜେକ୍ଟ ନିର୍ଦ୍ଦେଶକ ଶ୍ରୀ ଆଲୋକ କୁମାର ମେହେଟ୍ଟା ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଖଣି କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିବିଶେଷ, ଶିଳ୍ପ ଜଗତର ନେତୃତ୍ୱ ଏବଂ ଅଂଶୀଦାରମାନେ ଉପସ୍ଥିତ ଥିଲେ। ପତାକା ଉତ୍ତୋଳନ ଏବଂ ଏମ୍ଇଆଣ୍ଡଏମସି ଶପଥ ପାଠ ସହିତ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଉଦଘାଟନୀ ସମାରୋହରେ ଅମିତ କୁମାର ଦୁବେ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଖଣି ଶିଳ୍ପରେ ଡିଜିଟାଲ୍ ରୂପାନ୍ତରଣର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ଉପରେ ନିଜର ମତ ରଖିଥିଲେ। ଏହି ଅବସରରେ ୨୭ତମ ଏମ୍ଇଆଣ୍ଡଏମସି ସ୍ମରଣିକା ଏବଂ କ୍ୟାଲେଣ୍ଡର ଉନ୍ମୋଚିତ ହୋଇଥିଲା, ଯାହା ପରେ ଅରୁଣ କୁମାର ସପ୍ତାହବ୍ୟାପୀ ଅନୁଷ୍ଠିତ କାର୍ଯ୍ୟକଳାପର ଏକ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହାପରେ ଆଇବିଏମର ବରିଷ୍ଠ ଅଧିକାରୀମାନେ ସଭାକୁ ସମ୍ବୋଧିତ କରିଥିଲେ ଏବଂ ପରିବେଶ ପରିଚାଳନା ତଥା ଖଣିଜ ସଂରକ୍ଷଣର ଗୁରୁତ୍ୱ ଉପରେ ସେମାନଙ୍କର ଗଠନମୂଳକ ଚିନ୍ତାଧାରା ଉପସ୍ଥାପନ କରିଥିଲେ। ଆଲୋକ କୁମାର ମେହେଟ୍ଟା କହିଥିଲେ ପରିବେଶଗତ ଦାୟିତ୍ୱବୋଧର ସର୍ବୋଚ୍ଚମାନ ବଜାୟ ରଖିବା ସହିତ ଡିଜିଟାଲ୍ ଜ୍ଞାନକୌଶଳକୁ ଆପଣେଇବାରେ ହିଁ ଖଣି ଶିଳ୍ପର ଭବିଷ୍ୟତ ନିହିତ ଅଛି। ଏଏମ୍/ଏନ୍ଏସ୍ ଇଣ୍ଡିଆରେ ଆମେ ଏଭଳି ଅଭିନବ ପ୍ରୟାସ ଜାରି ରଖିବା ପାଇଁ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ ଯାହାକି ସ୍ଥାୟୀ ବିକାଶରେ ସହାୟକ ହୋଇପାରିବ। ଶ୍ରୀ ପଙ୍କଜ କୁଲଶ୍ରେଷ୍ଠ ଆଲୋକପାତ କରିଥିଲେ ଯେ ସମ୍ବଳର ସୁବିନିଯୋଗ, ପରିବେଶ ସୁରକ୍ଷା ଏବଂ ଖଣି କ୍ଷେତ୍ରର ଦୀର୍ଘସ୍ଥାୟୀ ବିକାଶକୁ ସୁନିଶ୍ଚିତ କରିବା ପାଇଁ ନୂତନ ଜ୍ଞାନକୌଶଳ ତଥା ସ୍ଥାୟୀତ୍ୱ ମଧ୍ୟରେ ସମନ୍ୱୟ ରକ୍ଷା କରିବା ନିତାନ୍ତ ଆବଶ୍ୟକ। ସେ ଅଂଶଗ୍ରହଣ କରିଥିବା କମ୍ପାନୀଗୁଡ଼ିକର ସମ୍ମିଳିତ ପ୍ରୟାସକୁ ଭୂୟସୀ ପ୍ରଶଂସା କରିବା ସହିତ ଦାୟିତ୍ୱସମ୍ପନ୍ନ ଖଣି ଖନନ ପ୍ରଣାଳୀ ପ୍ରତି ନିଜର ପ୍ରତିବଦ୍ଧତା ଦୃଢ଼ ଭାବରେ ବଜାୟ ରଖିବାକୁ ଶିଳ୍ପ ଜଗତକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ପୁରସ୍କାର ବିତରଣ କରାଯାଇଥିଲା, ଯେଉଁଥିରେ ଖଣି ପରିଚାଳନା, ପରିବେଶ ପରିଚାଳନା ଏବଂ ଖଣିଜ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସମ୍ମାନିତ କରାଯାଇଥିଲା। ପରବର୍ତ୍ତୀ ସଂସ୍କରଣରେ ଆୟୋଜକ ଭାବେ ଏମ୍ଇଆଣ୍ଡଏମସି ପତାକାକୁ ଜେଏସଡବ୍ଲ୍ୟୁ ପ୍ରତିନିଧିମାନଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଆୟୋଜନ କରି ଏଏମ୍/ଏନ୍ଏସ୍ ଇଣ୍ଡିଆ ଏକ ଦାୟିତ୍ୱବାନ ଖଣି କମ୍ପାନୀ ଭାବେ ନିଜର ଭୂମିକାକୁ ପୁନଃ ପ୍ରତିପାଦିତ କରିଛି, ଯାହା ଶିଳ୍ପ ଏବଂ ସମାଜର ଦୀର୍ଘକାଳୀନ ହିତ ପାଇଁ ନିରନ୍ତର ଅଭ୍ୟାସ ଏବଂ ନୂତନତ୍ୱକୁ ଆଗକୁ ବଢ଼ାଇବା ପାଇଁ ପ୍ରତିବଦ୍ଧ।

# ଗ୍ୟାସ ସମସ୍ୟାର ସମାଧାନ ପାଇଁ ଖୋଲିଲା କଣ୍ଟ୍ରୋଲ ରୁମ୍

**ପୁରୀ, ନ୍ୟୁଜ ବ୍ୟୁରୋ**

ପୁରୀ ଜିଲ୍ଲାରେ ଆବଶ୍ୟକୀୟ ଗ୍ୟାସ ସିଲିଣ୍ଡର ମହଯୁଦ ରହିଛି । ତେଣୁ ଜନସାଧାରଣ ଅଯଥା ଆତଙ୍କିତ ନ ହେବା କିମ୍ବା ଅଯଥା ଗ୍ୟାସ ଡିଲର ପଏଣ୍ଟରେ ଭିଡ ନ କରିବାକୁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଅନୁରୋଧ କରିଛନ୍ତି । ଏ ସମ୍ପର୍କରେ ଆଭାସୀ ମାଧ୍ୟମରେ ଏକ ବୈଠକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଜନସାଧାରଣଙ୍କୁ ସଠିକ ଭାବେ ଗ୍ୟାସ ଯୋଗାଣ ସହ ସରକାରୀ ଓ ବ୍ୟବସାୟ ପ୍ରତିଷ୍ଠାନ ମାନଙ୍କୁ ଗ୍ୟାସ ଯୋଗାଣ ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରିବା ସହ ବିହିତ ପଦକ୍ଷେପ ପାଇଁ ମୁଖ୍ୟ ଯୋଗାଣ ଅଧିକାରୀ ଓ ଗ୍ୟାସ ଡିଲର ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳଙ୍କ ପରାମର୍ଶ କ୍ରମେ ଏ ସମ୍ପର୍କରେ କଣ୍ଟ୍ରୋଲ ରୁମ ଖୋଲା ଯାଇ ଲୋକଙ୍କ ସମସ୍ୟାକୁ ତୁରନ୍ତ ସମାଧାନ ପାଇଁ ବ୍ୟବସ୍ଥା କରାଯାଇଛି। ଯୋଗାଣ କାର୍ଯ୍ୟାଳୟ କଣ୍ଟ୍ରୋଲ ରୁମ ନମ୍ବର ହେଲା ୦୬୭୫୨-୨୨୨୨୨୮ ଓ ଜିଲ୍ଲା କଣ୍ଟ୍ରୋଲ ରୁମ ନମ୍ବର ହେଲା ୦୬୭୫୨-୨୨୩୨୩୭ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ପ୍ରମୁଖ ଯୋଗ ଦେଇଥିଲେ।

ଭୁବନେଶ୍ୱର, ୩୧ ମାର୍ଚ୍ଚ, ମଙ୍ଗଳବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ରାମେଶ୍ୱରଙ୍କ ଠାରୁ ସ୍ୱମନ୍ଦିରକୁ ବାହୁଡ଼ିଲେ ପ୍ରଭୁ ଶ୍ରୀଲିଙ୍ଗରାଜ



ଭୁବନେଶ୍ୱର, ୩୦/୦୩
ନ୍ୟୁଜ ବ୍ୟୁରୋ

ସୋମବାର ରୁକୁଣା ରଥଯାତ୍ରାର ବାହୁଡ଼ା ନୀତି ସମ୍ପନ୍ନ ହୋଇଛି। ବନ୍ଧୁ ଶ୍ରୀରାମେଶ୍ୱରଙ୍କଠାରୁ ମେଲାଣି ନେଇ ସ୍ୱମନ୍ଦିରକୁ ବାହୁଡ଼ିଲେ ପ୍ରଭୁ ଶ୍ରୀଲିଙ୍ଗରାଜ । ବର୍ଷକରେ ଥରେ ସ୍ୱଳ୍ପଦିନ ପାଇଁ ତାଙ୍କୁ ବନ୍ଧୁଘରେ ରହିବାର ସୁଯୋଗ ମିଳିଥିଲା । ଏହି ସମୟ ମଧ୍ୟରେ ନାନା ବାର୍ତ୍ତାଳାପ ସାଙ୍ଗକୁ କେତେ ଯେ ସୁସ୍ୱାଦୁ ବ୍ୟଞ୍ଜନରେ ବନ୍ଧୁ ଆପ୍ୟାୟିତ କରିଛନ୍ତି, କହିଲେ ନ ସରେ । ହେଲେ କିନ୍ତୁ ନିୟତିର ନିୟମରେ ସମସ୍ତେ ବନ୍ଧା । ଦେବତା ହେଲେ ବି ବିଚ୍ଛେଦକୁ ସ୍ୱୀକାର କରିବାକୁ ହେବ । ତେଣୁ ଆରବର୍ଷକୁ ଆଉ ଥରେ ଆସିବାର ପ୍ରତିଶ୍ରୁତି ଦେଇ ସୋମବାର ଚୈତ୍ର ଶୁକ୍ଳ ଦ୍ୱାଦଶୀ ତିଥିରେ ପ୍ରତ୍ୟାବର୍ତ୍ତନ କରିଥିଲେ ଶ୍ରୀଲିଙ୍ଗରାଜଙ୍କ ଚଳନ୍ତି ବିଗ୍ରହ ଶ୍ରୀଚନ୍ଦ୍ରଶେଖର, ଦୋଳ ଗୋବିନ୍ଦ ଓ ଦେବୀ ଦୁର୍ଗା। ଏଣେ ଚାହାଣୀ ମଣ୍ଡପରେ ରାଗ ଜରଜର ହୋଇ ଚାହିଁ ରହିଛନ୍ତି ଦେବୀ ପାର୍ବତୀ। ସଅଳ ଫେରିଆସିବାକୁ ସେ ଚେତାଇ ଦେଇ ଆସିଛନ୍ତି । ସେପଟେ ବାହୁଡ଼ା ଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ହୋଇଥିଲା। ଭୋର ୫ଟାରୁ ସାଢ଼େ ୫ଟା ମଧ୍ୟରେ ବଢ଼ିଥିଲା ମଙ୍ଗଳ ଆଳତି ଓ ଅବକାଶ ନୀତି। ରାମେଶ୍ୱରଙ୍କ ଠାରେ ୨ ଘଣ୍ଟାର ଅନ୍ତିମ ସାହାଣମେଲା ଦର୍ଶନ ପରେ ସକାଳ ୬ଟାରୁ ୮ଟା ପର୍ଯ୍ୟନ୍ତ ଚାଲିଥିଲା। ଭୋଗ ମଣ୍ଡପ ନୀତି ଦିନ ସାଢେ ୧୧ଟାରେ ବଢି ଅଧର ପଣା ଦିନ ଗୋଟାଏ ଏବଂ ପହଣ୍ଡି ଅପରାହ୍ଣ ସାଢେ ୨ଟା ସୁଦ୍ଧା ସାରି ରଥଟଣା ଆରମ୍ଭ ହୋଇଥିଲା। ଫେରିବା ବେଳେ ବାଟରେ ଅସୁର କିଆରୀ ଏବଂ ବିଭିନ୍ନ ନିଯୋଗ ତରଫରୁ ମଧ୍ୟ ପଣା ଲାଗି ହୋଇଥିଲା ।

# ଶ୍ରୀମନ୍ଦିର ନୀଳଚକ୍ର ଉପରେ ପୁଣି ବସିଲା ଚିଲ୍

ପୁରୀ ୩୦/୦୩
ନ୍ୟୁଜ ବ୍ୟୁରୋ

ଶ୍ରୀମନ୍ଦିର ପତିତପାବନ ବାନରେ ପୁଣି ବସିଲା ଚିଲ୍। ସୋମବାର ଏକ ଚିଲ ନୀଳଚକ୍ର ଚାରିପଟେ ଘୂରି ବୁଲିବା ପରେ କିଛି ସମୟ ଧରି ବସିଥିବା ଦେଖିବାକୁ ମିଳିଥିଲ। ତେବେ ନୀଳଚକ୍ର ଉପରେ ଚିଲ ବସିବାକୁ ନେଇ ବିଭିନ୍ନ ମହଲରେ ନାନା କଳ୍ପନା ଜଳ୍ପନା ଆରମ୍ଭ ହେଇଛି। କେହି କେହି ଏହାକୁ ଶୁଭ ସଙ୍କେତ କହୁଥିବା ବେଳେ କେହି କେହି ରାଜ୍ୟପ୍ରତି ବଡ଼ ବିପଦ ଆସିବା ନେଇ ସଙ୍କେତ ବୋଲି କହୁଛନ୍ତି। ଯାହାକୁ ନେଇ ଭକ୍ତଙ୍କ ମଧ୍ୟରେ ଏବେ ଚର୍ଚ୍ଚା ଆରମ୍ଭ ହୋଇଛି।

ସୂଚନା ଅନୁଯାୟୀ, ସୋମାବର ସକାଳେ ଏକ ଚିଲ ଶ୍ରୀମନ୍ଦିର ଉପରେ ଉଡୁଥିଲା। କିଛି ସମୟ ଉଡିବା ପରେ ଚିଲଟି ପତିତପାବନ ବାନା ଉପରେ ବସିଥିଲା। କିଛି ମିନିଟ ଧରି ବସିବା ପରେ ପୁଣି ଉଡ଼ିଯାଇଥିଲା। ତେବେ ପତିତପାବନ ବାନା ଉପରେ ଚିଲ ବସିବା ଶୁଭ କି ଅଶୁଭ ତାହାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। କେତେଜଣ ସେବାୟତ ଏହାକୁ ମହାପ୍ରଭୁଙ୍କ ବଡ଼ ସଂକେତ ବୋଲି କହିଛନ୍ତି। ଚିଲ ପତିତପାବନ ବାନା ଉପରେ ବସିଲେ ଦେଶରେ ବିପର୍ଯ୍ୟୟ ଘଟିଥାଏ। ଭୂମିକମ୍ପ, ଭୂସ୍ଖଳନ, ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସହ ଖାଦ୍ୟାଭାବ, ଗୃହଯୁଦ୍ଧ ବୃଦ୍ଧି ପାଇଥାଏ ବୋଲି ସେମାନେ କହିଛନ୍ତି। ଉଲ୍ଲେଖ ଯୋଗ୍ୟ, ଏପରି ଘଟଣା ପ୍ରଥମ ନୁହେଁ। ପୂର୍ବରୁ ଚଳିତ ବର୍ଷ ଏପ୍ରିଲରେ ପତିତପାବନ ବାନା ନେଇ ଚିଲ ଉଡୁଥିବା ଦେଖିବାକୁ ମିଳିଥିଲା। ତେବେ ଶ୍ରୀମନ୍ଦିର ନୀଳଚକ୍ରରେ ପ୍ରତ୍ୟେକ ଦିନ ବାନା ପରିବର୍ତ୍ତନ କରାଯାଉଥିବା ବେଳେ ବିଭିନ୍ନ ସମୟରେ ନୀଳଚକ୍ର ଉପରେ ଚିଲ ବସିଥିବାର ନଜିର ମଧ୍ୟ ଆସିଛି । ସେହିପରି ସମୁଦ୍ରରେ ସ୍ନାନ ବେଳେ ବୁଡ଼ି ଯାଇ ଦୁଇ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଛି। ବର୍ତ୍ତମାନ ସୁଦ୍ଧା ମୃତକଙ୍କ ପରିଚୟ ମିଳିନାହିଁ । ପୋଲିସ ଘଟଣାର ଛାନ୍‌ଭିନ୍ ଆରମ୍ଭ ।ତେବେ ଗତ କିଛି ଧରି ପୁରୀ ସମୁଦ୍ରରେ ଗାଧେଉଥିବା ବେଳେ ବାରମ୍ବାର ଅଘଟଣ ଘଟୁଛି । କେତେବେଳେ ଗାଧୋଉଥିବା ବେଳେ ପାଣିରେ ବୁଡ଼ିଯାଉଛନ୍ତି ତ ଆଉ କେତେବେଳେ ସମୁଦ୍ରରେ କରେଣ୍ଟ ଟାଣି ନେଉଛି । ତେଣୁ ଏସବୁ ଆଜିର ଏହି ଘଟଣା । ଯାହା ସମସ୍ତଙ୍କୁ ଆହୁରି ଚିନ୍ତିତ କରିଦେଇଛି ।

## ନନ୍ଦନକାନନରେ ନୂଆ ଅତିଥି

# ସାମିଲ ହେଲେ ଡେମୋଇସେଲ୍ କ୍ରେନ୍, କଲରାପତରିଆ ବାଘ



ଭୁବନେଶ୍ୱର/ବାରଙ୍ଗ, ୩୦/୦୩
ନ୍ୟୁଜ ବ୍ୟୁରୋ

ପର୍ଯ୍ୟଟକଙ୍କ ପାଇଁ ଖୁସି ଖବର। ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଏବେ ପର୍ଯ୍ୟଟକମାନେ ନୂଆ ପକ୍ଷୀ ଡେମୋଇସେଲ୍ କ୍ରେନ୍ ଦେଖିବାର ସୁଯୋଗ ପାଇବେ। ଏହାସହିତ କଲରାପତରିଆ ବାଘ ସାଙ୍ଗକୁ ନାଲି ଜଙ୍ଗଲୀ କୁକୁଡ଼ା ମଧ୍ୟ ଦେଖିବାର ସୁଯୋଗ ପାଇବେ ପର୍ଯ୍ୟଟକ। ଏହିସବୁ ପକ୍ଷୀ ଆସିବାପରେ ପ୍ରାଣୀ ଉଦ୍ୟାନରେ ଜୀବଜନ୍ତୁ ପ୍ରଜାତି ୧୭୯କୁ ବୃଦ୍ଧି ପାଇଛି । ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଏବଂ ଗୁଜୁରାଟ ଜୁନାଗଡ଼ ପ୍ରାଣୀ ଉଦ୍ୟାନ ମଧ୍ୟରେ ବନ୍ୟପ୍ରାଣୀ ଅଦଳବଦଳ ହୋଇଛି । ଏକ ସ୍ୱତନ୍ତ୍ର ଗାଡ଼ିରେ ୩ ପ୍ରଜାତିର ୧୮ ଟି ଜୀବଜନ୍ତୁ ନନ୍ଦନକାନନ ଆସିଛନ୍ତି । ସେଥିରେ ଦୁଇ ଯୋଡ଼ା ଡେମୋଇସେଲ୍ କ୍ରେନ୍, ଦୁଇ ଯୋଡ଼ା କଲରାପତରିଆ ବାଘ ଓ ୫ ଯୋଡ଼ା ନାଲି ଜଙ୍ଗଲୀ କୁକୁଡ଼ା ଅଛନ୍ତି । ପ୍ରାଣୀ ଚିକିତ୍ସକମାନେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ନିରୀକ୍ଷଣ ଗୃହରେ ରଖାଯାଇଛି। ପ୍ରାୟ ଏକ ମାସ ରହିବା ପରେ କଲରାପତରିଆ ବାଘକୁ ପର୍ଯ୍ୟଟକ ଦେଖିବା ପାଇଁ ଖୁଆଡ଼ରେ ଛଡ଼ାଯିବ ।

ଗତ ମାର୍ଚ୍ଚ ୧୯ ତାରିଖ ବିଳମ୍ବିତ ରାତିରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଏକ ଟିମ୍ ୩ ପ୍ରଜାତିର ୭ଟି ଜୀବଜନ୍ତୁ ନେଇ ଗୁଜୁରାଟ ଯାଇଥିଲେ। ସେଥିରେ ରହିଥିଲା ଗୋଟିଏ ଅଣ୍ଡିରା ଓଟପକ୍ଷୀ, ତିନିଟି ମାଇ ଚଉସିଂଘା ଓ ଗୋଟିଏ ଅଣ୍ଡିରା, ଦୁଇଟି ମାଇ କୁଜି ହରିଣ ।

ବିଶେଷ କରି ବନ୍ୟଜନ୍ତୁଙ୍କ ରକ୍ତ ସମ୍ପର୍କ ବଦଳାଇବା ସହିତ ସେମାନଙ୍କ ରୋଗ ହାର କମାଇବା ଉଦ୍ଦେଶ୍ୟରେ ଏହି ଅଦଳବଦଳ ପ୍ରକ୍ରିୟା କରାଯାଇଥିବା କର୍ତ୍ତୃପକ୍ଷ କହିଛନ୍ତି । ପୂର୍ବରୁ ଅର୍ଥାତ ମାର୍ଚ୍ଚ ୮ ତାରିଖରେ ବିଶାଖାପାଟଣାସ୍ଥିତ ଇନ୍ଦିରା ଗାନ୍ଧି ନ୍ୟାସନାଲ ପାର୍କରୁ ୨ଟି ରିଙ୍ଗ୍ ଟେଲଡ୍ ଲେମୁର (୧ ଅଣ୍ଡିରା ଓ ୧ ମାଇ), ୪ଟି ଜଙ୍ଗଲି କୁକୁର (୨ ଅଣ୍ଡିରା ଓ ୨ମାଇ), ଗୋଟିଏ ଅଣ୍ଡିରା ସଲଫର୍ କାଷ୍ଟେଡ୍ କକାଟୋ, ୪ଟି ବନେଟ୍ ମାଙ୍କଡ଼ (୨ଅଣ୍ଡିରା ଓ ୨ ମାଇ), ୨ଟି ନୀଳଗାଈ (୧ଅଣ୍ଡିରା ଓ ୧ମାଇ)ଙ୍କ ସମେତ ୫ ପ୍ରଜାତିର ୧୩ଟି ପ୍ରାଣୀ ନନ୍ଦନକାନନକୁ ଅଣାଯାଇଥିଲା । ଏହାର ପ୍ରତିବଦଳରେ ନନ୍ଦନକାନନରୁ ୩ଟି ସମ୍ବର (୧ ଅଣ୍ଡିରା ଓ ୨ ମାଇ), ୩ଟି ଚଉଶିଙ୍ଗା ହରିଣ (୧ ଅଣ୍ଡିରା ଓ ୨ମାଇ), ୨ଟି ଆସାମ ମାଙ୍କଡ଼ (୧ ଅଣ୍ଡିରା ଓ ୧ ମାଇ), ୪ଟି ଗୁରାଣ୍ଡି (୨ ଅଣ୍ଡିରା ଓ ୨ ମାଇ) ଓ ୩ଟି ଘଡ଼ିଆଳ କୁମ୍ଭୀର (୧ ଅଣ୍ଡିରା ଓ ୨ ମାଇ)ଙ୍କୁ ମିଶାଇ ୫ ପ୍ରଜାତିର ମୋଟ ୧୫ଟି ପ୍ରାଣୀ ବିଶାଖାପାଟଣା ଚିଡ଼ିଆଖାନାକୁ ହସ୍ତାନ୍ତର କରାଯାଇଥିଲା।

## ଏସ୍‌ସିବିରେ ଅନିୟମିତତା

# ଯାଞ୍ଚରେ ଧରା ପଡ଼ିଛି ଅଗ୍ନି ନିରାପତ୍ତା ଜାଲିଆତି

କଟକ,୩୦/୦୩
ନ୍ୟୁଜ ବ୍ୟୁରୋ

ବିଭିନ୍ନ ବିଭାଗର ୱାର୍ଡଠୁ ଆରମ୍ଭ କରି ଆଇସିୟୁ, ଆଉଟ୍‌ଡୋର, ନିଦାନ କେନ୍ଦ୍ର, ଓଟିରେ ଅଗ୍ନି ନିରାପତ୍ତା ପାଇଁ ଏକ୍ସଟିଙ୍ଗୁଇସର୍ ଝୁଲୁଛି । ମାତ୍ର ସିଲିଣ୍ଡର୍ ଭିତରେ କିଛି ନାହିଁ । ଏସ୍‌ସିବି ଅଗ୍ନିକାଣ୍ଡ ଘଟଣା ଘଟିବା ପରେ ମେଡିକାଲ୍ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ଯାଞ୍ଚ୍ ବେଳେ ଏସବୁ ଅନିୟମିତତା ଓ ଜାଲିଆତି ଧରାପଡ଼ିଛି। ଜିଲ୍ଲା ପ୍ରଶାସନ, ଏସ୍‌ସିବି ମେଡିକାଲ୍ ଓ ଅଗ୍ନିଶମ ସେବା ସଂସ୍ଥାର ମିଳିତ ଯାଞ୍ଚ୍ ସମୟରେ ଅଗ୍ନି ନିର୍ବାପକ ଉପକରଣରେ ଅନେକ ତ୍ରୁଟି ଓ ଜାଲିଆତି ଧରାପଡ଼ିବା ଘଟଣା ଏସ୍‌ସିବିରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି । ନିଆଁ ଲିଭାଇବା ପାଇଁ ଏକ୍ସଟିଙ୍ଗୁଇସରରେ ପୃଥକ୍ ଭାବେ ଡ୍ରାଏ କେମିକାଲ୍ ପାଉଡର, କାର୍ବନ୍ ଡାଇଅକ୍ସାଇଡ୍ ଓ ଫୋମ୍ ଭର୍ତ୍ତି କରିବା ବଦଳରେ ଠିକାଦାର ଦୁଇ ବର୍ଷ ଅନ୍ତରରେ କେବଳ ଷ୍ଟିକର୍ ବଦଳାଇଥିବା ଜଣାପଡ଼ିଛି। ସିଲିଣ୍ଡରରେ କେମିକାଲ୍ ଭର୍ତ୍ତି ନକରି କାଗଜପତ୍ରରେ ସବୁ କିଛି ଦର୍ଶାଇ ଜିଇଡିରୁ ମୋଟା ଅଙ୍କର ବିଲ୍ ହୋଇଥିବା ସୂଚନା ମିଳିଛି। ଏହା ଜଣାପଡ଼ିବା ପରେ ଜିଇଡି, ପୂର୍ତ୍ତ ବିଭାଗ ଅଧିକାରୀ ଏବେ ଅଳକରେ ପଡ଼ିଛନ୍ତି । ପ୍ରାଥମିକ ସ୍ତରରେ ହେଉଥିବାଯାଞ୍ଚ୍‌ରେ ଏକ୍ସଟିଙ୍ଗୁଇସରରେ ଯଦି ଏପରି ଜାଲିଆତି ହୋଇଛି ତେବେ ସ୍ପ୍ରିଙ୍କଲର୍ ସିଷ୍ଟମ୍, ଅଟୋମେଟିକ୍ ଡିଟେକ୍ସନ୍ ଅଫ୍ ସ୍ମୋକ୍ ଆଣ୍ଡ୍ ଫାୟାର୍ ଓ ଫାୟାର୍ ଆଲାରାମ, ହାଇଡ୍ରାଣ୍ଟ୍ ଆଦି ଉପକରଣରେ ଆହୁରି କେତେ ଯେ ଅନିୟମିତତା ହୋଇନଥିବ ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି । ଟ୍ରମା ଆଇସିୟୁରେ ଅଗ୍ନିକାଣ୍ଡ ଘଟଣା ହିଁ ଅନିୟମିତତାର ଜ୍ୱଳନ୍ତ ଉଦାହରଣ ବୋଲି ଜଣେ ଅଗ୍ନିଶମ ସେବା ସଂସ୍ଥାର ଅଧିକାରୀ କହିଛନ୍ତି । ଆଇସିୟୁରେ ଏସିରୁ ନିଆଁ ଝରିବା ପରେ କାଜୁଆଲଟିରେ ଡ୍ୟୁଟିରେ ଥିବା କିଛି କର୍ମଚାରୀ ଏକ୍ସଟିଙ୍ଗଇସର ଗୁଡ଼ିକୁ ବ୍ୟବହାର ପାଇଁ ଚେଷ୍ଟା କରିଥିଲେ । ମାତ୍ର ତାହା କାମ କରି ନଥିଲା । ଦମକଳ ବାହିନୀ କର୍ମଚାରୀ କିଛି ଏକ୍ସଟିଙ୍ଗଇସର, ସ୍ପ୍ରିଙ୍କଲର୍ ସହାୟତା ନେଇ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ ମଧ୍ୟ ତାହା ସମ୍ଭବ ହୋଇନଥିଲା। ସମାନ ଭାବେ ସ୍ପ୍ରିଙ୍କଲର୍ ଆଦି ଅନ୍ୟ ଉପକରଣଗୁଡ଼ିକ ମଧ୍ୟ କାମ କରିନଥିଲା। ଏପରିସ୍ଥଳେ ଦମକଳ ବାହିନୀ କର୍ମଚାରୀ ଆଇସିୟୁ ଭିତରେ ପାଣି ମାଡ଼ କରି ନିଆଁକୁ ଆୟତ୍ତ କରିଥିଲେ। ଟ୍ରମା ଆଇସିୟୁରେ ଯଦି ଅଗ୍ନି ନିର୍ବାପକ ଉପକରଣ ସାମାନ୍ୟ କାମ କରିଥାନ୍ତା ତା'ହେଲେ ଅଗ୍ନିକାଣ୍ଡ ଭୟାବହ ହେବା ପୂର୍ବରୁ ନିଆଁକୁ କିଛି ମାତ୍ରାରେ ଆୟତ୍ତ କରି ହୋଇପାରିଥାନ୍ତା ବୋଲି ଅଗ୍ନିଶମ ସଂସ୍ଥାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି । ନିଆଁରେ ୧୩ ଜଣଙ୍କ ମୃତ୍ୟୁ ହେବା ପରେ ଗିରଫ ଦାବି, ନିଲମ୍ବିତ ଆଦି ଘଟଣାକୁ ନେଇ ରାଜ୍ୟ ରାଜନୀତି ସରଗରମ ରହିଥିବାବେଳେ ଅଗ୍ନି ନିରାପତ୍ତା ବ୍ୟବସ୍ଥାରେ ଖିଲାପ କରିଥିବା ଅଧିକାରୀ ଏବଂ ଜାଲିଆତି କରିଥିବା ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଶୂନ। ଅଗ୍ନି ନିରାପତ୍ତା ବ୍ୟବସ୍ଥାର ତଦାରଖ ଦାୟିତ୍ୱରେ ଥିବା ଜିଇଡି ଓ ପୂର୍ତ୍ତ ବିଭାଗର ଅବହେଳା ଯୋଗୁଁ ଅଗ୍ନି ନିରାପତ୍ତା ବ୍ୟବସ୍ଥାରେ ଏଭଳି ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି । ଏ ଦିଗରେ ଏକ ଉଚ୍ଚସ୍ତରୀୟ ତଦନ୍ତ ହେଲେ ଅଗ୍ନି ନିରାପତ୍ତା ନାଁରେ ହୋଇଥିବା ଘୋଟାଲା ଲୋକଲୋଚନକୁ ଆସିପାରନ୍ତା ବୋଲି ଏସ୍‌ସିବି ମେଡିକାଲ୍ ଓ ଅଗ୍ନିଶମ ସେବା ସଂସ୍ଥାର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି । ତେବେ ଏ ଅନିୟମିତତା ସଂପର୍କରେ ମତାମତ ପାଇଁ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ସହ ବହୁବାର ଯୋଗାଯୋଗ କରାଯାଇଥିଲେ ହେଁ କେହି କିଛି କହିବାକୁ ମନା କରି ଦେଇଛନ୍ତି।




# ଷ୍ଟେସନରେ ଛାଡ଼ି ଦେବାକୁ କହି ରାଜଧାନୀରେ ଗଣଦୁଷ୍କର୍ମ : ୨ ଗିରଫ

ଭୁବନେଶ୍ୱର ୩୦ ।୩
ନ୍ୟୁଜ ବ୍ୟୁରୋ

ଷ୍ଟେସନ ଯିବାକୁ ଅପେକ୍ଷା କରିଥିଲେ ମହିଳା । ହଠାତ୍ ଦୁଇ ଜଣ ଯୁବକ ଆସି ପଚାରିଲେ କୁଆଡ଼େ ଯିବେ? ମହିଳା କହିଲେ ଷ୍ଟେସନ । ଯୁବକ ଦ୍ୱୟ କହିଲେ ଚାଲନ୍ତୁ ଆମେ ଛାଡ଼ିଦେବୁ । ସେମାନେ ଘରୋଇ ଆମ୍ବୁଲାନ୍ସର କର୍ମଚାରୀ ହୋଇଥିବାକୁ ମହିଳାଙ୍କୁ ସନ୍ଦେହ ହୋଇନଥିଲା । ସେମାନଙ୍କ ସହ ଷ୍ଟେସନ ଯିବାକୁ ବାହାରି ପଡ଼ିଲେ ମହିଳା । କିଛି ବାଟ ଯିବା ପରେ ମହିଳା ଜଣଙ୍କ ଲକ୍ଷ୍ୟ କଲେ ଗାଡ଼ି ଷ୍ଟେସନ ଆଡ଼କୁ ନଯାଇ ଅଲଗା ଆଡ଼େ ଯାଉଛି । ଫଳରେ ସେ ସନ୍ଦେହ କରି ଗାଡ଼ି ରଖିବାକୁ କରିଥିଲେ । କିନ୍ତୁ ଏମାନେ ଗାଡ଼ି ରଖିନଥିଲେ, ଜଙ୍ଗଲ ଆଡ଼କୁ ଚାଲିଯାଇଥିଲେ । ନିଛାଟିଆ ଜଙ୍ଗଲରେ ମହିଳାଙ୍କୁ ଦୁଇ ଜଣ ଗଣଦୁଷ୍କର୍ମ କରିଥିଲେ ବୋଲି ମହିଳା ଅଭିଯୋଗ କରିଛନ୍ତି । ରାଜଧାନୀରେ ପୁଣି ଘଟିଛି ଏଭଳି ଲଜ୍ଜାଜନକ ଘଟଣା। ଲିଫ୍ଟ ଦେବା ଆଳରେ ବଙ୍ଗୀୟ ମହିଳାଙ୍କୁ ଗଣଦୁଷ୍କର୍ମ ନେଇ ଆସିଛି ସାଂଘାତିକ ଅଭିଯୋଗ । ଷ୍ଟେସନରେ ଛାଡ଼ି ଦେବାକୁ କହି ମହିଳାଙ୍କ ସହ ଏଭଳି କରିଛନ୍ତି ଦୁଇ ଦୁର୍ବୃତ୍ତ । ଭୁବନେଶ୍ୱର ତମାଣ୍ଡୋ ଥାନା ଅଞ୍ଚଳରେ ଏଭଳି ଜଘନ୍ୟକାଣ୍ଡ ଘଟିଛି । ଲିଫ୍ଟ ଦେବାକୁ କହି ପଶ୍ଚିମବଙ୍ଗର ଜଣେ ମହିଳାଙ୍କ ସହ ଜଘନ୍ୟକାଣ୍ଡ ଘଟାଇଛନ୍ତି ଏହି ଦୁଇ ଦୁର୍ବୃତ୍ତ । ପଶ୍ଚିମବଙ୍ଗର ଜଣେ ମହିଳା ଭୁବନେଶ୍ୱର ଏମ୍ସରେ ସମ୍ପର୍କୀୟଙ୍କ ଚିକିତ୍ସା କରାଇବା ପାଇଁ ଆସିଥିଲେ । ହସ୍ପିଟାଲରେ ସମ୍ପର୍କୀୟଙ୍କୁ ଛାଡ଼ି ସେ ପଶ୍ଚିମବଙ୍ଗ ଫେରିଯିବାକୁ ଚାହିଁଥିଲେ । ସେଥିପାଇଁ ସେ ଷ୍ଟେସନ ଯିବାକୁ ଗାଡ଼ିକୁ ଅପେକ୍ଷା କରିଥିଲେ । ସେହି ସମୟରେ ମହିଳାଙ୍କୁ ଏକୁଟିଆ ଦେଖି କୁଆଡେ ଯିବେ ବୋଲି ପଚାରିଥିଲେ ମେଡିକାଲରେ ଥିବା ଘରୋଇ ଆମ୍ବୁଲାନ୍ସର ଦୁଇ ଜଣ ଡ୍ରାଇଭର । ମହିଳା ଜଣଙ୍କ ଷ୍ଟେସନ ଯାଉଥିବା ଜାଣି ସେମାନେ ତାଙ୍କୁ ଛାଡ଼ି ଦେବାକୁ କହିଥିଲେ। ମହିଳାଙ୍କୁ ଷ୍ଟେସନରେ ଛାଡିଦେବାକୁ କହି ନିକଟସ୍ଥ ଜଙ୍ଗଲକୁ ମହିଳାଙ୍କୁ ନେଇଯାଇଥିଲେ । ସେଠାରେ ସେମାନେ ମହିଳାଙ୍କୁ ଗଣଦୁଷ୍କର୍ମ କରିଥିଲେ । ଏନେଇ ମହିଳା ଜଣଙ୍କ ତମାଣ୍ଡୋ ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇବା ପରେ ତମାଣ୍ଡୋ ଥାନା ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି ପୋଲିସ ବୋଲି ଭୁବନେଶ୍ୱର ଡିସିପି ସୂଚନା ଦେଇଛନ୍ତି । ଗିରଫ ଦୁଇ ଜଣ ଅଭିଯୁକ୍ତ ହେଲେ ନୟାଗଡ଼ ଅଞ୍ଚଳର। ଉଭୟେ ଏକ ଘରୋଇ ଆମ୍ବୁଲାନ୍ସର କର୍ମଚାରୀ ବୋଲି ସୂଚନା ମିଳିଛି। ଗିରଫ ଦୁଇ ଅଭିଯୁକ୍ତ ବିଚିତ୍ର ସାହୁ ଏବଂ ନାରାୟଣ ସ୍ୱାଇଁ ବୋଲି ଜଣାପଡିଛି । ଅସୁରକ୍ଷିତ ହୋଇପଡ଼ିଛି ରାଜଧାନୀ । ଦିନକୁ ଦିନ ବଢ଼ି ବଢ଼ି ଚାଲିଛି ଅପରାଧ। ଯେମିତି ଅପରାଧୀଙ୍କ ଚରାଭୂଇଁ ପାଲଟିଗଲାଣି ଭୁବନେଶ୍ୱର । ଏଠି ଦିନ ଦ୍ୱିପ୍ରହରରେ ଗୋଡ଼ାଇ ଗୋଡ଼ାଇ ହାଣୁଛନ୍ତି ଅପରାଧୀ। ଆଉ ମହିଳାଙ୍କ ସହ କୁତ୍ସିତକାଣ୍ଡ ଘଟାଉଛନ୍ତି ଦୁର୍ବୃତ୍ତ। ନିକଟରେ ଧଉଳି ଅଞ୍ଚଳରେ ଘଟିଥିବା ଗଣଦୁଷ୍କର୍ମ ଘଟଣା ଲୋକଙ୍କ ମନରୁ ନଲିଭୁଣୁ ପୁଣି ଏକ ଗଣଦୁଷ୍କର୍ମ ଘଟଣା ସାମ୍ନାକୁ ଆସିଛି। ଯାହା ସହରର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୩୦/୦୩/୨୦୨୬
୭,୨୦,୩୦୫/- ଟଙ୍କା
ସୁନା:-୦୭ଗ୍ରାମ୍୩୦୦ ମିଲିଗ୍ରାମ
ରୂପା:-୪୪ଗ୍ରାମ୍୫୦୦ ମିଲିଗ୍ରାମ

# ବିଏଡ୍‌ରେ ନାମଲେଖା ପାଇଁ ବଢୁଛି ଆଗ୍ରହ
## ୭ ଦିନରେ ୨୭ ହଜାର ଆବେଦନ

କଟକ,୩୦/୦୩ ନ୍ୟୁଜ ବ୍ୟୁରୋ

ରାଜ୍ୟରେ ବ୍ୟାଚେଲର୍ ଇନ୍ ଏଜୁକେସନ୍(ବିଏଡ୍) ପାଠ୍ୟକ୍ରମରେ ନାମଲେଖା ପାଇଁ ଆଗ୍ରହ ବଢୁଥିବା ଦେଖିବାକୁ ମିଳିଛି । ବିଏଡ୍ ପ୍ରବେଶିକା ପରୀକ୍ଷା ପାଇଁ ଗତ ୨୩ ତାରିଖରୁ ଅନଲାଇନ୍ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଏହା ଏପ୍ରିଲ ୬ ତାରିଖ ପର୍ଯ୍ୟନ୍ତ ଚାଲିବ । ତେବେ ୭ ଦିନ ମଧ୍ୟରେ ବିଏଡରେ ନାମଲେଖା ପାଇଁ ଥିବା ସିଟ୍ ସଂଖ୍ୟାଠାରୁ ବହୁ ଗୁଣା ଅଧିକ ଛାତ୍ରଛାତ୍ରୀ ଆବେଦନ କରିଥିବା ଦେଖିବାକୁ ମିଳିଛି । ଅନ୍ୟପଟେ ଅବିଭକ୍ତ କୋରାପୁଟ ଭାବେ ୪ଟି ଜିଲ୍ଲାରେ ବିଏଡ୍ ପାଠ୍ୟକ୍ରମର ଭିତ୍ତିଭୂମି ବଢ଼ାଇବା ସହ ଇଣ୍ଟିଗ୍ରେଟେଡ୍ ବିଏଡ୍ (ଆଇଟିଇପି) ପାଠ୍ୟକ୍ରମ ଆରମ୍ଭ କରିବାକୁ ରେଭେନ୍ସା ବିଶ୍ୱବିଦ୍ୟାଳୟର ଜଣେ ଛାତ୍ର ମୁଖ୍ୟମନ୍ତ୍ରୀଙ୍କ ସହ ଉଚ୍ଚଶିକ୍ଷା ମନ୍ତ୍ରୀ ଏବଂ ସଚିବଙ୍କୁ ଚିଠି ଲେଖିଛନ୍ତି । ଏଥିସହ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ତାଙ୍କ ନିକଟକୁ ଏକ ଚିଠି ଆସିଛି । ଷ୍ଟୁଡେଣ୍ଟ ଏକାଡେମିକ୍ ମ୍ୟାନେଜମେଣ୍ଟ ସିଷ୍ଟମରୁ (ସାମ୍ସ) ମିଳିଥିବା ତଥ୍ୟ ଅନୁଯାୟୀ, ରାଜ୍ୟରେ ବିଏଡ୍ ପାଠ୍ୟକ୍ରମ ପାଇଁ ମୋଟ୍ ୩୧ଟି ଅନୁଷ୍ଠାନ ରହିଛି। ଏହି ଶିକ୍ଷାନୁଷ୍ଠାନରେ ମୋଟ୍ ସିଟ୍ ସଂଖ୍ୟା ରହିଛି ୨ ହଜାର ୮୦୦ । ତେବେ ୨୩ ତାରିଖରୁ ୨୯ ତାରିଖ ରାତି ମଧ୍ୟରେ ବିଏଡ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ୨୯ ହଜାର ୩୦୦ରୁ ଅଧିକ ଛାତ୍ରଛାତ୍ରୀ ଅନଲାଇନରେ ଆବେଦନ କରିଥିବା ଜଣାପଡିଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ମୋଟ୍ ସିଟ୍ ସଂଖ୍ୟାଠାରୁ ପ୍ରାୟ ୨୦ ପ୍ରତିଶତରୁ ଅଧିକ ଛାତ୍ରଛାତ୍ରୀ ଏଥିପାଇଁ ଆବେଦନ କରିଛନ୍ତି। ଏମାନଙ୍କ ମଧ୍ୟରୁ ୨୭ ହଜାରରୁ ଅଧିକ ଛାତ୍ରଛାତ୍ରୀ ଅନଲାଇନ୍ ଦେୟ ପଇଠ କରିଛନ୍ତି । ମେ' ୩୧ରେ ବିଏଡ୍ ପାଇଁ ପ୍ରବେଶିକା ପରୀକ୍ଷା ହେବାକୁ ଥିବା ବେଳେ ଜୁନ୍ ୩ରେ ଏମ୍ଏଡ୍ ଏବଂ ବିଏଚ୍ଏଡର ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଅନ୍ୟପଟେ ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା ଏବଂ କୋରାପୁଟ୍ ଜିଲ୍ଲା ଭଳି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ବିଏଡ୍ ପାଠ୍ୟକ୍ରମର ଆବଶ୍ୟକ ଶିକ୍ଷାନୁଷ୍ଠାନ ନଥିବା ବେଳେ ବିଏଡ୍ ଭିତ୍ତିଭୂମି ବଢ଼ାଇବା ସହ ଇଣ୍ଟିଗ୍ରେଟେଡ୍ ବିଏଡ୍ (ଆଇଟିଇପି)ପାଠ୍ୟକ୍ରମ ଆରମ୍ଭ କରିବାକୁ ରେଭେନ୍ସା ବିଶ୍ୱବିଦ୍ୟାଳୟର ପିଏଚଡି ଛାତ୍ର ରାଜେଶ ବଗର୍ତ୍ତୀ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଉଚ୍ଚଶିକ୍ଷା ମନ୍ତ୍ରୀ ଏବଂ ସଚିବଙ୍କୁ ଅଭିଯୋଗ ପ୍ରକୋଷ୍ଠରେ କିଛି ମାସ ତଳେ ଅବଗତ କରିଥିଲେ । ଏହାର ଉତ୍ତରରେ ଗତ ଫେବ୍ରୁୟାରୀ ମାସରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜେଶଙ୍କ ନିକଟକୁ ଆସିଥିବା ଚିଠିରେ ଆବଶ୍ୟକ ପଦକ୍ଷେପ ନେବା ସହ ରାଜ୍ୟର ବହୁମୁଖି ଉଚ୍ଚ ଶିକ୍ଷାନୁଷ୍ଠାନରେ ୪ ବର୍ଷିଆ ଇଣ୍ଟିଗ୍ରେଟେଡ୍ ବିଏଡ୍ (ଆଇଟିଇପି) ପାଠ୍ୟକ୍ରମ ଖୋଲିବ ବୋଲି କୁହାଯାଇଛି।




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସୂ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com



10001/151/2526

**ଅଂଶୁଘାତ ସତର୍କତା**

**ଲକ୍ଷଣ**

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

**ସତର୍କତା**

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ



**ପ୍ରତିକାର**

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

**ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ**

OIPR-10001/10003/2/25-26/0028

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/